


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ବୁଧବାର ୦୪ ଫେବୃଆରୀ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 04 February 2026
Vol.No. 36 ■ No.33 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଛି
ସାଗରିକା
(ନୂଆବର୍ଷ ସଂଖ୍ୟା)
ଡିଜିଟାଲ୍ ଫର୍ମାଟରେ
ମଧ୍ୟ ଉପଲବ୍ଧ...
website : sagarika.in.net


# ଭାରତ-ଆମେରିକା ବାଣିଜ୍ୟ ଚୁକ୍ତିର ପ୍ରଭାବ: ୮ ବର୍ଷ ମଧ୍ୟରେ ଟଙ୍କା ମୂଲ୍ୟରେ ସବୁଠାରୁ ବଡ଼ ସୁଧାର



ନୂଆଦିଲ୍ଲୀ,୩।୨: ଭାରତ ଏବଂ ଆମେରିକା ମଧ୍ୟରେ ଐତିହାସିକ ବାଣିଜ୍ୟ ଚୁକ୍ତି ଭାରତୀୟ ମୁଦ୍ରା 'ଟଙ୍କା' ପାଇଁ ସଞ୍ଜୀବନୀ ସଦୃଶ ହୋଇଛି। ମଙ୍ଗଳବାର ବଜାର ବନ୍ଦ ହେବା ବେଳକୁ ଟଙ୍କା ମୂଲ୍ୟ ୧.୪% ବୃଦ୍ଧି ପାଇ ଡଲାର ପିଛା ୯୦.୨୭ ସ୍ତରରେ ପହଞ୍ଚିଛି। ୨୦୧୮ ମସିହା ପରଠାରୁ ଗୋଟିଏ ଦିନରେ ଟଙ୍କା ମୂଲ୍ୟରେ ଏହା ସବୁଠାରୁ ବଡ଼ ସୁଧାର। ଆମେରିକା ପକ୍ଷରୁ ଭାରତୀୟ ସାମଗ୍ରୀ ଉପରେ ରପ୍ତାନି ଶୁଳ୍କକୁ ୨୫% ରୁ ୧୮% କୁ ହ୍ରାସ କରାଯାଇଛି। ରୁଷିଆଠୁ ଅଶୋଧିତ ତେଲ କିଣିବା କାରଣରୁ ଭାରତ ଉପରେ ଲଗାଯାଇଥିବା ଅତିରିକ୍ତ ୨୫% ଶୁଳ୍କକୁ ଆମେରିକା ପ୍ରତ୍ୟାହାର କରିନେଇଛି। ଚୁକ୍ତି ପରେ ବିଦେଶୀ ନିବେଶକମାନେ ପୁଣିଥରେ ଭାରତୀୟ ବଜାର ପ୍ରତି ଆକୃଷ୍ଟ ହୋଇଛନ୍ତି, ଯାହା ଟଙ୍କାକୁ ଏସିଆର ସବୁଠାରୁ ଶକ୍ତିଶାଳୀ ମୁଦ୍ରାରେ ପରିଣତ କରିଛି। ବିଶେଷଜ୍ଞଙ୍କ ମତରେ, ଏହି ଚୁକ୍ତି ଫଳରେ ଭାରତର ରପ୍ତାନିକାରୀମାନେ ଦକ୍ଷିଣ-ପୂର୍ବ ଏସିଆର ଅନ୍ୟ ଦେଶମାନଙ୍କ ସହ ସମାନ ସ୍ତରରେ ପ୍ରତିଯୋଗିତା କରିପାରିବେ। ଆଗାମୀ ଦୁଇ ମାସ ମଧ୍ୟରେ ଟଙ୍କା ମୂଲ୍ୟ ୮୮ ସ୍ତରକୁ ମଧ୍ୟ ଯାଇପାରେ ବୋଲି ଅନୁମାନ କରାଯାଉଛି। ତେବେ ଏହା କେତେ ଶୀଘ୍ର ହେବ, ତାହା ଭାରତୀୟ ରିଜର୍ଭ ବ୍ୟାଙ୍କର ନୀତି ଉପରେ ନିର୍ଭର କରିବ।

# ପଞ୍ଚାୟତ ପୂର୍ବରୁ ଏନଏସି ଓ ପୌରପାଳିକା ନିର୍ବାଚନ ପାଇଁ ପ୍ରକ୍ରିୟା ଆରମ୍ଭ ପରେ ବଢ଼ିଲା ଚର୍ଚ୍ଚା



ଭୁବନେଶ୍ୱର, ୩/୨ (ନି.ପ୍ର): ସାଧାରଣ ନିର୍ବାଚନକୁ ୩ ବର୍ଷ ଓ ପଞ୍ଚାୟତ ଓ ପୌର ନିର୍ବାଚନକୁ ଆହୁରି ବର୍ଷେ ବାକି। ତେବେ ଏହା ପୂର୍ବରୁ ଲୋକଙ୍କ ମନ ଜିଣିବାକୁ ପୁଣିଥରେ ମୈଦାନକୁ ଓହ୍ଲାଇବେ ୩ ରାଜନୈତିକ ଦଳ। କାରଣ ଏହି ନିର୍ବାଚନର ଫଳାଫଳ ହିଁ ରାଜ୍ୟ ରାଜନୀତିକୁ ଦେଇପାରେ ଭିନ୍ନ ମୋଡ। ରାଜ୍ୟରେ ନୂଆ ଏନଏସି, ମ୍ୟୁନ୍ ?ସିପାଲିଟିରେ ନିର୍ବାଚନ ପାଇଁ ନିର୍ବାଚନ କମିଶନର ଅଣ୍ଟା ଭିଡ଼ିଛନ୍ତି। ହେଲେ ଅସଲ ପରୀକ୍ଷା ଦେବେ ୩ ପ୍ରମୁଖ ରାଜନୈତିକ ଦଳ। ପଞ୍ଚାୟତ ନିର୍ବାଚନକୁ ବର୍ଷେ ସମୟ ବାକି ରହିଛି। ତେବେ ଏହାପୂର୍ବରୁ ୩ ଦଳର ତୃଣମୂଳ ସ୍ତରରେ ଶକ୍ତି, ସଙ୍ଗଠନ ଓ ସାମର୍ଥ୍ୟ କେତେ ତା'ର ପ୍ରମାଣ ଦେବ ଏହି ନିର୍ବାଚନ। କାରଣ ଦଳୀୟ ଚିହ୍ନରେ ଲଢ଼ାଯିବ ନିର୍ବାଚନ। ବିଜେପି ପାଇଁ ତୃଣମୂଳସ୍ତରରେ ନିଜକୁ ଶକ୍ତିଶାଳୀ କରିବାକୁ ବଡ ସୁଯୋଗ। ଗତ କିଛି ମାସ ମଧ୍ୟରେ ଅନେକ ସ୍ଥାନରେ ବିଜେଡି ଗଡ ଭାଙ୍ଗିଛି ବିଜେପି। ହେଲେ ଲୋକଙ୍କ ସରକାରଙ୍କ ଲୋକପ୍ରିୟତା ଗ୍ରାଉଣ୍ଡରେ କେତେ ଗ୍ରହଣୀୟ ହୋଇଛି ତାହା ନିର୍ବାଚନର ଫଳାଫଳ ସ୍ପଷ୍ଟ କରିବ। କ୍ଷମତାରୁ ଯିବା ପରେ ବିଜେଡିର ଗୋଟିଏ ପରେ ଗୋଟିଏ ଗଡ ଭାଙ୍ଗୁଛି। ତେଣୁ ପୁଣିଥରେ ଲୋକଙ୍କ ଭରସା ଜିତି ଏହି ଧାରାରେ ବ୍ରେକ୍ ଦେବାର ସୁଯୋଗ ବିଜେଡି ପାଖରେ ରହିଛି। ଦଳୀୟ କନ୍ଦଳରେ ଫଶିଥିବା କଂଗ୍ରେସ ଭକ୍ତଙ୍କ ନେତୃତ୍ୱରେ ନିଜର ସାଙ୍ଗଠନିକ ଦକ୍ଷତାର ବଡ ପରୀକ୍ଷା ଦେବ। ନୂଆକରି ଗଠନ ହୋଇଥିବା ପୁରୀ ମହାନଗର ନିଗମ ଓ ଗଠନ ପରଠାରୁ ଜନପ୍ରତିନିଧି ପାଇନଥିବା ସମ୍ବଲପୁର ମହାନଗର ନିଗମରେ ନିର୍ବାଚନ ପାଇଁ ବାଟ ଫିଟିଛି। ରାଜନୈତିକ ଦୃଷ୍ଟିକୋଣରୁ ବେଶ ଗୁରୁତ୍ୱବହନ କରୁଥିବା ଏହି ୨ ମହାନଗର ନିଗମକୁ ଅକ୍ତିଆର କରିବାକୁ ୩ ଦଳ ଭିତରେ ଆରମ୍ଭ ହେଲାଣି କସରତ। ଅନ୍ୟପଟେ ନିର୍ବାଚନକୁ ନେଇ ଉତ୍ସାହିତ ଅଛନ୍ତି ସହରବାସୀ।

# ଭିଜିଲାନ୍ସ ଜାଲରେ ଟିପିଏସଓଡିଏଲ୍ କନିଷ୍ଠ ଯନ୍ତ୍ରୀ ପ୍ରଦେଶ ପ୍ରସାଦ ନାୟକ



ମାଲକାନଗିରି , ୩/୨ (ନି.ପ୍ର): ଆଜି ମାଲକାନଗିରି ଟିପିଏସଓଡିଏଲର କନିଷ୍ଠ ଯନ୍ତ୍ରୀ ପ୍ରଦେଶ ପ୍ରସାଦ ନାୟକ ଓ ଭଞ୍ଜକିଶୋର ସ୍ୱାଇଁ (ବେସରକାରୀ ବ୍ୟକ୍ତି) ଜଣେ ଇଟା କାରଖାନା ମାଲିକଙ୍କ ଠାରୁ ତାଙ୍କ ଇଟା କାରଖାନାକୁ ବିଦ୍ୟୁତ ସଂଯୋଗ ଦେବା ପାଇଁ ୨୦ ହଜାର ଟଙ୍କା ଲାଞ୍ଚ ମାଗୁଥିବା ଏବଂ ନେଉଥିବା ସମୟରେ ଓଡ଼ିଶା ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଛନ୍ତି। ଏହାପରେ ଓଡ଼ିଶା ଭିଜିଲାନ୍ସର ଏକ ଦଳ ଆଜି ଶ୍ରୀ ନାୟକ ଏବଂ ତାଙ୍କ ସହଯୋଗୀ ଶ୍ରୀ ସ୍ୱାଇଁଙ୍କୁ କାର୍ଯ୍ୟାଳୟର ମୁଖ୍ୟ ଫାଟକ ନିକଟରୁ ଇଟା କାରଖାନା ମାଲିକଙ୍କ ଠାରୁ ୨୦,୦୦୦ ଟଙ୍କା ଲାଞ୍ଚ ନେଉଥିବା ସମୟରେ ଗିରଫ କରିଛନ୍ତି। ସେମାନଙ୍କଠାରୁ ସମ୍ପୂର୍ଣ୍ଣ ୨୦,୦୦୦ ଟଙ୍କା ଲାଞ୍ଚ ଟଙ୍କା ଉଦ୍ଧାର ଏବଂ ଜବତ କରାଯାଇଛି। ଏହି ସମ୍ପର୍କରେ, ଦୁଇ ଅଭିଯୁକ୍ତଙ୍କ ବିରୁଦ୍ଧରେ କୋରାପୁଟ ଭିଜିଲାନ୍ସ ପିଏସ୍ ମାମଲା ନଂ ୦୧/ ୨୦୨୬, ୭ପିସି (ସଂଶୋଧନ) ଆଇନ, ୨୦୧୮ ଅନୁଯାୟୀ ରୁଜୁ କରାଯାଇଛି। ମାମଲାର ତଦନ୍ତ ଜାରି ରହିଛି। ମାଲକାନଗିରି ସଦର ମହକୁମାରେ ରହିଥିବା ଟାଟା ପ୍ୱାରର ସେକ୍ସନ ଅଫିସରେ କାର୍ଯ୍ୟରତ କନିଷ୍ଠ ଯନ୍ତ୍ରୀ ପ୍ରଦେଶ ପ୍ରସାଦ ନାୟକ ଭିଜିଲାନସ ଜାଲରେ ପଡ଼ିଛନ୍ତି। ସେ ୨୦ ହଜାର ଟଂକା ଲାଞ୍ଚ ନେଉଥିବା ବେଳେ ଭିଜିଲାନସ ମାଡି ବସିଛି। ସୂଚନା ଅନୁଯାୟୀ ଟୁନୁ ନାୟକ ନାମକ ଜଣେ ଉପଭୋକ୍ତା ନିଜ ଇଟା ଫ୍ୟାକ୍ଟ୍ରିକୁ ବିଦ୍ୟୁତ ସଂଯୋଗ ନେଇ ବାରମ୍ବାର କନିଷ୍ଠ ଯନ୍ତ୍ରୀଙ୍କ ପାଖକୁ ଦୌଡ଼ିଥିଲେ। କିନ୍ତୁ ତାଂକୁ ସେ ବିଭିନ୍ନ ସମସ୍ୟା କହିବା ସହ ଆଳ ଦେଖାଇ ଚାଲିଲେ। ଶେଷରେ ୨୦ ହଜାର ଟଂକା ନଦେଲେ ସେ ବିଦ୍ୟୁତ ସଂଯୋଗ କରିବେ ନାହିଁ ବୋଲି ସଫା ସଫା ମନା କରିଦେଇଥିଲେ। ଉପଭୋକ୍ତା ଟୁନୁ ନାୟକ ବାଧ ହୋଇ ଭିଜିଲାନସର ◆◆ପୃଷ୍ଠା ୭

# ଆରମ୍ଭ ହେଲା ମୁଖ୍ୟମନ୍ତ୍ରୀ କନ୍ୟାଦାନ ଯୋଜନା: ଗଞ୍ଜାମରେ ସମୂହ କନ୍ୟାଦାନ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୩/୨ (ନି.ପ୍ର): ଗଞ୍ଜାମ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମାଁ ତାରାତାରିଣୀଙ୍କ ପୀଠରୁ ଆରମ୍ଭ ହୋଇଛି ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା। ଏହି ଯୋଜନା ରେ ସାମିଲ ହୋଇ ସାମୂହିକ ବିବାହ କରିଛନ୍ତି ୨୦୧ ବରକନ୍ୟା। ଏହା ଏକ ଐତିହାସିକ ଓ ଜନ କଲ୍ୟାଣକାରୀ ଯୋଜନା ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ। ଉପକୃତ ହେବେ ଗରିବ ଓ ବିଧବା ମହିଳା। ପୂରା ରୀତିନୀତି ସହିତ ଚାଲିଛି ବିବାହ ସମାରୋହ । ଗୋଟିଏ କି ଦୁଇଟି ନୁହେଁ, ଏକକାଳୀନ ୨୦୧ ଯୋଡ଼ା ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି। ଦୃଶ୍ୟ ଆସିଛି ଗଞ୍ଜାମ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା' ତାରାତାରିଣୀ ପୀଠରୁ। କନ୍ୟାଦାନ କରିଛନ୍ତି ଲୋକଙ୍କ ସରକାରର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଆଉ ଏଥିସହ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାର ଶୁଭାରମ୍ଭ ମଧ ହୋଇଛି। ନିଜକୁ ୨୦୧ କନ୍ୟାଙ୍କର ବଡ଼ ଭାଇ ବୋଲି କହି ନବ ଦମ୍ପତିଙ୍କୁ ଆଶୀର୍ବାଦ କରିଛନ୍ତି। ଏହି ଯୋଜନାରେ ୪୫ ହଜାର ଟଙ୍କାର ଚେକ୍ ପ୍ରଦାନ କରିଛନ୍ତି। ୨୦୨୫-୨୬ ବଜେଟରେ ଏହି ଯୋଜନାର ରୂପରେଖ ରଖିଥିଲା ବିଜେପି ସରକାର। ଏହି ଯୋଜନାର ମୁଖ୍ୟ ଲକ୍ଷ୍ୟ ହେଲା ଗରିବ ଶ୍ରେଣୀର କନ୍ୟା, ବିଧବା କନ୍ୟା ମାନେ ◆◆ପୃଷ୍ଠା ୭

# ୬ରୁ ଧଉଳି-କଳିଙ୍ଗ ମହୋତ୍ସବ

ଭୁବନେଶ୍ୱର, ୩/୨ (ନି.ପ୍ର): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗଓ ଓଡିଶା ଡ୍ୟାନ୍ସ ଏକାଡେମୀର ମିଳିତ ଆନୁକୂଲ୍ୟରେ ଆସନ୍ତା ଫେବୃୟାରୀ ୬ ତାରିଖରୁ ୮ ତାରିଖ ପର୍ଯ୍ୟନ୍ତ ପାଳିତ ହେବାକୁ ଯାଉଛି ୨୧ ଧଉଳି-କଳିଙ୍ଗ ମହୋତ୍ସବ। ଧଉଳି ପାହାଡର ପାଦ ଦେଶରେ ଦେଶ ବିଦେଶରୁ ଆସିଥିବା ଖ୍ୟାତି ସମ୍ପନ୍ନ କଳାକାରମାନେ ନୃତ୍ୟ ଓ ସଙ୍ଗୀତ ମାଧ୍ୟମରେ ଶାନ୍ତି ସ୍ତୂପକୁ ସାକ୍ଷୀ କରି ଶାନ୍ତି ଓ ମୈତ୍ରୀର ବାର୍ତ୍ତା ପ୍ରଦାନ କରିଥାନ୍ତି। ଚଳିତ ବର୍ଷ ବର୍ଷର ନାଟ୍ୟ ଜଗତର ଅନନ୍ତ ମହାପାତ୍ରଙ୍କୁ ବୃଦ୍ଧ ସମ୍ମାନ ପ୍ରଦାନ କରାଯିବ।

# କିନ୍ନର ହତ୍ୟା ଘଟଣା : ସିସିଟିଭି ଯାଂଚ କଲା ପୋଲିସ୍

ଭୁବନେଶ୍ୱର, ୩/୨ (ନି.ପ୍ର): ପିପିଲି ଥାନା ଅନ୍ତର୍ଗତ ଉତରା ସିଫା ନିକଟରେ କିନ୍ନର ଅଂଜଳିଙ୍କୁ ହତ୍ୟା ଘଟଣାରେ ସିସିଟିଭି ଫୁଟେଜ୍ ଯାଂଚ କରାଯାଇଛି। ସିଫାଠାରୁ ପିପିଲି ଓଭର ବ୍ରିଜ ପର୍ଯ୍ୟନ୍ତ ଲାଗିଥିବା ସମସ୍ତ ସିସିଟିଭିକୁ ତନ୍ନତନ୍ନ ଯାଂଚ କରିଛି ଭୁବନେଶ୍ୱର ସ୍ପେଶାଲ ସ୍କ୍ୱାଡ୍ ଓ ପିପିଲି ପୋଲିସ। ମୃତ କିନ୍ନର ବ୍ୟବହାର କରୁଥିବା ରକ୍ତଭିଜା ବ୍ୟାଗ୍ ଜବତ କରାଯାଇଛି। ବିଭିନ୍ନ ଦିଗକୁ ନେଇ ତଦନ୍ତ କରିବା ସହ ଏକାଧିକ ବ୍ୟକ୍ତିଙ୍କୁ ପଚରାଉଚରା କରାଯାଉଥିବା ସୂଚନା ମିଳିଛି।

# ୪ ସାଂଗଠନିକ ଜିଲ୍ଲା ପାଇଁ ସଭାପତି ଓ କାର୍ଯ୍ୟକାରୀ ସଭାପତି ଘୋଷଣା କଲା ବିଜେଡି

ଭୁବନେଶ୍ୱର, ୩/୨ (ନି.ପ୍ର): ୪ ସାଂଗଠନିକ ଜିଲ୍ଲା ପାଇଁ ସଭାପତି ଓ କାର୍ଯ୍ୟକାରୀ ସଭାପତିଙ୍କ ନାମ ଘୋଷଣା କରିଛି ବିଜେଡି। ବ୍ୟୋମକେଶ ରାୟଙ୍କୁ ଭଦ୍ରକ ଜିଲ୍ଲା ସଭାପତି ଦାୟିତ୍ୱ ଦିଆଯାଇଥିବା ବେଳେ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଓ ଭଗବାନ ଗନ୍ତାୟତଙ୍କୁ ଗଞ୍ଜାମ ଜିଲ୍ଲାର କାର୍ଯ୍ୟକାରୀ ସଭାପତି ଦାୟିତ୍ୱ ଦିଆଯାଇଛି। ସେହିପରି ପି. ଗୌରିଶଙ୍କରଙ୍କୁ ରାୟଗଡ଼ା କାର୍ଯ୍ୟକାରୀ ସଭାପତି ଦାୟିତ୍ୱ ଦିଆଯାଇଥିବା ବେଳେ ରାଇସେନ୍ ମୁର୍ମୁଙ୍କୁ ମୟୂରଭଞ୍ଜ-୨ର କାର୍ଯ୍ୟକାରୀ ସଭାପତି ଦାୟିତ୍ୱ ଦେଇଛି ବିଜେଡି। ଏନେଇ ବିଜେଡି ପକ୍ଷରୁ ଏକ ବିଜ୍ଞପ୍ତି ଜାରି କରି ସୂଚନା ଦିଆଯାଇଛି।

# ଫକୀର ମୋହନ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ଯୋଗଦେଲେ ରାଷ୍ଟ୍ରପତି



ବାଲେଶ୍ୱର , ୩/୨ (ନି.ପ୍ର): ଫକୀର ମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱରର ୧୨ତମ ସମାବର୍ତ୍ତନ ସମାରୋହ ଆଜି ବିଶ୍ୱବିଦ୍ୟାଳୟ ପରିସରରେ ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କ ଶୁଭ ଉପସ୍ଥିତିରେ ଅତ୍ୟନ୍ତ ଗମ୍ଭୀରତା ଓ ଗରିମା ସହ ଆୟୋଜିତ ହୋଇଥିଲା। ମହାମହିମ ରାଷ୍ଟ୍ରପତି ୧୨.୧୦ ମିନିଟ୍‌ରେ ଫକୀର ମୋହନ ବିଶ୍ୱବିଦ୍ୟାଳୟ ଭିତରସ୍ଥ ହେଲିପ୍ୟାଡ୍ ?ରେ ଅବତରଣ କରିଥିଲେ। ତାଙ୍କୁ ଓଡ଼ିଶାର ମହାମହିମ ରାଜ୍ୟପାଳ ଏବଂ ଫକୀର ମୋହନ ବିଶ୍ୱବିଦ୍ୟାଳୟର ଚାଞ୍ଚେଲର୍ ଶ୍ରୀ ହରିବାବୁ କାମ୍ଭାମପତି, ଡିଆଇଜି ଶ୍ରୀ ପିନାକ ମିଶ୍ର, ବାଲେଶ୍ୱର ଜିଲ୍ଲାପାଳ ଓ ଜିଲ୍ଲା ମ୍ୟାଜିଷ୍ଟ୍ରେଟ୍ ଶ୍ରୀ ସୂର୍ଯ୍ୟବଂଶୀ ମୟୂର ବିକାଶ ଏବଂ ଆରକ୍ଷୀ ଅଧୀକ୍ଷକ ଶ୍ରୀ ପ୍ରତ୍ୟୁଷ ଦିବାକର ସ୍ୱାଗତ କରିଥିଲେ। ମହାମହିମ ରାଷ୍ଟ୍ରପତି ବିଶ୍ୱବିଦ୍ୟାଳୟ ସାମ୍ନାରେ ଥିବା ଫକୀର ମୋହନଙ୍କ ପ୍ରତିମୂର୍ତ୍ତି ଠାରେ ପୁଷ୍ପାଞ୍ଜଳି ଦେଲା ପରେ ନୂତନ ନିର୍ମିତ ଅଡିଟୋରିୟମ୍‌ର ଉଦ୍‌ଘାଟନ କରିବା ସହିତ ପୂର୍ବତନ ପ୍ରଧାନମନ୍ତ୍ରୀ ଶ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ପ୍ରତିମା ଉନ୍ମୋଚନ କରିଥିଲେ। ସ୍ଥଳରେ ତାଙ୍କୁ ଉପକୁଳପତି ପ୍ରଫେସର୍ ସନ୍ତୋଷ କୁମାର ତ୍ରିପାଠୀ, ମାନ୍ୟବର ସାଂସଦ ଶ୍ରୀ ପ୍ରତାପ ଚନ୍ଦ୍ର ସାରଙ୍ଗୀ ଓ ଅନ୍ୟାନ୍ୟ ଗଣମାନ୍ୟ ବ୍ୟକ୍ତିବର୍ଗ ସ୍ୱାଗତ କରିଥିଲେ। ସମାବର୍ତ୍ତନ ଅଭିଭାଷଣରେ ମହାମହିମ ରାଷ୍ଟ୍ରପତି ଫକୀର ମୋହନ ସେନାପତିଙ୍କ ସାହିତ୍ୟିକ ଅବଦାନ ଓ କନ୍ୟା ଶିକ୍ଷା ପ୍ରଚାରରେ ତାଙ୍କର ଅଗ୍ରଣୀ ଭୂମିକାକୁ ସ୍ମରଣ କରିଥିଲେ। ସେ ଫକୀର ମୋହନଙ୍କ ଅମର କୃତି 'ରେବତୀ'ର ଗୁରୁତ୍ୱକୁ ଉଲ୍ଲେଖ କରି, ରେବତୀ କିପରି ଅନେକ ଅସୁବିଧା ସତ୍ତ୍ୱେ ଶିକ୍ଷା ପାଇଁ ସଂଘର୍ଷ କରିଥିଲେ ତାହା ବର୍ଣ୍ଣନା କରିଥିଲେ। ଫକୀର ମୋହନ ବିଶ୍ୱବିଦ୍ୟାଳୟର ଶିକ୍ଷା, ଗବେଷଣା, ସାମାଜିକ ସେବା ଓ ସମୁଦାୟ ସଂଲଗ୍ନତାରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସେ ପ୍ରଶଂସା କରିଥିଲେ। ଛାତ୍ରଛାତ୍ରୀମାନଙ୍କୁ ନୀତି, ସତ୍ୟ ନିଷ୍ଠା। ଓ ସାମାଜିକ ଦାୟିତ୍ୱବୋଧ ଅତୁଟ ରଖିବାକୁ ଆହ୍ୱାନ କରିଥିଲେ।ମହାମହିମ ଅଟଳ ଯୀ ଙ୍କୁ ମାନେ ପକାଇଥିଲେ ଏବଂ ତାଙ୍କର ମହାନ୍ କାର୍ଯ୍ୟକୁ। ◆◆ପୃଷ୍ଠା ୭

# ୟୁମନାମ ଖେମଚାନ୍ଦ ସିଂହ ମଣିପୁରର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ: ହଟିବ ରାଷ୍ଟ୍ରପତି ଶାସନ



ନୂଆଦିଲ୍ଲୀ,୩/୨ : ମଣିପୁରରେ ସରକାର ଗଠନ ପ୍ରକ୍ରିୟା ଜୋରଦାର୍ ହୋଇଛି। ୟୁମନାମ ଖେମଚାନ୍ଦ ସିଂହଙ୍କୁ ରାଜ୍ୟର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ଭାବରେ ମନୋନୀତ କରାଯାଇଛି। ମଙ୍ଗଳବାର ଦିନ ତାଙ୍କୁ ବିଧାୟକ ଦଳର ନେତା ଭାବରେ ନିର୍ବାଚିତ କରାଯାଇଛି। ତାଙ୍କ ନେତୃତ୍ୱରେ ମଣିପୁରରେ ଖୁବ୍ ଶୀଘ୍ର ଏକ ନୂତନ ସରକାର ଗଠନ ହେବ। ମଣିପୁରରେ ହିଂସା ପରେ ଗୋଟିଏ ବର୍ଷ ଧରି ଜାରି ହୋଇଥିବା ରାଷ୍ଟ୍ରପତି ଶାସନ ଏବେ ଶେଷ ହେବାକୁ ଯାଉଛି। ଗତ ବର୍ଷ ଫେବୃଆରୀରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଏନ. ବୀରେନ ସିଂହଙ୍କ ଇସ୍ତଫା ପରେ ହିଂସା ପ୍ରଭାବିତ ମଣିପୁରରେ ରାଷ୍ଟ୍ରପତି ଶାସନ ଲାଗୁ କରାଯାଇଥିଲା। ଏବେ ମଣିପୁରରେ ଏକ ନୂତନ ସରକାର ଗଠନ ହେବାକୁ ଯାଉଛି। ୟୁମନାମ ଖେମଚାନ୍ଦ ସିଂହ ମଣିପୁରର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ହେବେ। ମଙ୍ଗଳବାର ଦିନ ୟୁମନାମ ଖେମଚାନ୍ଦ ସିଂହ ବିଧାୟକ ଦଳର ନେତା ନିର୍ବାଚିତ ହୋଇଥିଲେ। ୟୁମନାମ ଖେମଚାନ୍ଦ ସିଂହ ଏନ. ବୀରେନ ସିଂହଙ୍କ ସରକାରରେ ମଧ ମନ୍ତ୍ରୀ ଥିଲେ। ସେ ୨୦୧୭ ଏବଂ ୨୦୨୨ ମସିହାରେ ମଣିପୁରର ସିଂଜାମେଇ ଆସନରୁ ବିଧାୟକ ହୋଇଥିଲେ। ଉଲ୍ଲେଖଯୋଗ୍ୟ ଯେ ୟୁମନାମ ଖେମଚାନ୍ଦ ସିଂହ ମଣିପୁର ବିଧାନସଭାର ବାଚସ୍ପତି ମଧ ରହିସାରିଛନ୍ତି। ୟୁମନାମ ଖେମଚାନ୍ଦ ସିଂହଙ୍କୁ ମଣିପୁରରେ ଜଣେ ଅଭିଜ୍ଞ ଏବଂ ଶକ୍ତିଶାଳୀ ନେତା ଭାବରେ ବିବେଚନା କରାଯାଏ। ସେ ଏନ. ବୀରେନ ସିଂହଙ୍କ ସରକାରରେ ଗ୍ରାମୀଣ ବିକାଶ ଏବଂ ପଞ୍ଚାୟତିରାଜ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗରେ କାର୍ଯ୍ୟ କରିଥିଲେ। ବିଧାନସଭାର ବାଚସ୍ପତି ଭାବରେ ତାଙ୍କର ନିରପେକ୍ଷ ଆଭିମୁଖ୍ୟକୁ ବହୁଳ ଭାବରେ ସ୍ୱୀକୃତି ଦିଆଯାଇଛି। ଚଳିତ ମାସ ଫେବୃଆରୀ ୧୨ ତାରିଖରେ ରାଷ୍ଟ୍ରପତି ଶାସନ ଶେଷ ହେଉଛି।ଏହା ପୂର୍ବରୁ ରାଜ୍ୟରେ ନୂତନ ମୁଖ୍ୟମନ୍ତ୍ରୀ ଚୟନ କରିବା ପାଇଁ ବିଜେପି ପ୍ରୟାସ ଜୋରଦାର କରିଥିଲା। ଦୀର୍ଘ ଦିନ ଧରି ଜାତିଗତ ହିଂସା ମଧ୍ୟରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଏନ. ବୀରେନ ସିଂହଙ୍କ ଇସ୍ତଫା ପରେ ଗତ ବର୍ଷ ଫେବୃଆରୀ ୧୩ ତାରିଖରୁ ମଣିପୁରରେ ରାଷ୍ଟ୍ରପତି ଶାସନ ଜାରି ହୋଇଛି। ବୀରେନ ସିଂହ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବାର ଚାରି ଦିନ ପରେ କେନ୍ଦ୍ର ସରକାର ଗତ ବର୍ଷ ଫେବୃଆରୀ ୧୩ ତାରିଖରେ ମଣିପୁରରେ ◆◆ପୃଷ୍ଠା ୭

# ଆଦିବାସୀଙ୍କ ପ୍ରେରଣାର ଉତ୍ସ : ସୁନାରାମ ସୋରେନ୍

**ଦଶରଥ ହେମ୍ବ୍ରମ୍**

ପାଠପଢ଼ି ଉଚ୍ଚଶିକ୍ଷିତ ହୁଅ, ସଂଘର୍ଷ କର ଓ ସଂଗଠିତ ହେବା ଭଳି ଯେଉଁ ଆହ୍ୱାନ ଯାହାଙ୍କ ଦ୍ୱାରା ଆଜି ଆଦିବାସୀ ବର୍ଗରେ ଥିବା ଅନେକ ଜନଜାତି ଏ ସଭ୍ୟ ସମାଜରେ ଏକପାଦ ଆଗକୁ ଆଗେଇ ପାରିଛି। ଶିକ୍ଷା, ସାସ୍ଥ୍ୟ, ସାମାଜିକ ନ୍ୟାୟ ଭଳି ଅନେକ ସମସ୍ୟାର ସମାଧାନ, ରାଜ୍ୟ କିମ୍ବା କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଣିତ ଯୋଜନାରେ ଆଦିବାସୀଙ୍କୁ ସାମିଲ ଏବଂ ପ୍ରତି ଆଦିବାସୀଙ୍କର ମୌଳିକ ଅଧିକାର ପାଇବା ପାଇଁ ଆଦିବାସୀଙ୍କୁ ସମ୍ବୋଧିତ କରି କହିଥିଲେ, "ଜନ୍ମମାଟିର ରକ୍ଷା ନିମନ୍ତେ ଜଙ୍ଗଲ ଓ ଜମି ଛାଡ଼ି ଏକଜୁଟ ହୁଅ ଓ ରାସ୍ତାକୁ ଆସ।" ତାଙ୍କର ଏଭଳି ମୂଲ୍ୟବାନ ଅଭିଭାଷଣ ପାଇଁ ଆଦିବାସୀଙ୍କ ଭିତରେ ସଚେତନତା ଏବଂ ଆତ୍ମବିଶ୍ୱାସ ସୃଷ୍ଟି କରି ପାରିଥିଲା। ଆଦିବାସୀଙ୍କ ଅଞ୍ଚଳରେ ବୃଦ୍ଧି ପାଉଥିବା ମଦ ହାଣ୍ଡିଆର ବ୍ୟବହାର, ସାମଜିକ କୁସଂସ୍କାର ଏବଂ ଅନ୍ଧବିଶ୍ୱାସ ଭଳି ମହାମାରୀକୁ ମୂଳପ୍ତାଟନ କରି ଉନ୍ନତ ଓ ସ୍ୱଛ ସମାଜ ଗଠନ କରିବା ତଥା ମୟୂରଭଞ୍ଜକୁ ସ୍ୱତନ୍ତ୍ର ରାଜ୍ୟ ପ୍ରତିଷ୍ଠା କରିବାରେ ଦିନେ ଯିଏ ନେତୃତ୍ୱ ନେଇଥିଲେ, ସେ ଆଉ କେହି ନୁହନ୍ତି ଆଦିବାସୀ ସାନ୍ତାଳ ଜାତିର ସୁଯୋଗ୍ୟ ସନ୍ତାନ ଭଞ୍ଜାବୀର ସୁନାରାମ ସୋରେନ୍।

ଭଞ୍ଜବୀର ସୁନାରାମ ସୋରେନ୍ ଜଣେ ସ୍ୱାଧୀନତା ସଂଗ୍ରାମୀ, ଭାରତୀୟ ରାଜନେତା, ଓକିଲ, ଲେଖକ, କବି, ସଙ୍ଗୀତକାର, ମୃଦଙ୍ଗ ବାଦକ, ଦାର୍ଶନିକ ଏବଂ ସମାଜ ସଂସ୍କାରକ। ସେ ଥିଲେ ଓଡ଼ିଶାର ପ୍ରଥମ ଆଦିବାସୀ ମନ୍ତ୍ରୀ। ଏଭଳି ଅସାଧାରଣ ପ୍ରତିଭାସମ୍ପନ୍ନ ବ୍ୟକ୍ତିଙ୍କ ଜନ୍ମ ୧୯୧୮ ମସିହା ଫେବୃଆରୀ ୪ ତାରିଖରେ ମୟୁରଭଞ୍ଜର ବହଳଦା ନିକଟସ୍ଥ ହେସଲା ଗ୍ରାମରେ ହୋଇଥିଲା। ତାଙ୍କ ମାଆଙ୍କ ନାମ ଦୁର୍ଗୀ ସୋରେନ୍ ଓ ବାପାଙ୍କ ନାମ ଚମ୍ପାଇ ସୋରେନ୍। ସାତ ପୁଅ ଏବଂ ଚାରି ଝିଅଙ୍କ ମଧ୍ୟରେ ସୁନାରାମ ଥିଲେ ଜ୍ୟେଷ୍ଠତମ। ସେ ଲାଉଜଳା ନିମ୍ନ ପ୍ରାଥମିକ ବିଦ୍ୟାଳୟରୁ ପାଠପଢି ୧୯୩୬ରେ ଏମ୍.କେ.ସି. ଉଚ୍ଚ ବିଦ୍ୟାଳୟ, ବାରିପଦାରେ ପଢ଼ିଥିଲେ। ସେଠାରୁ ମାଧ୍ୟମିକ ପାଶ୍ କରି ଉଚ୍ଚଶିକ୍ଷା ପାଇଁ ରେଭେନ୍ସା ମହାବିଦ୍ୟାଳୟ, କଟକରେ ନାମ ଲେଖାଇଲେ। ଉଚ୍ଚ ମାଧ୍ୟମିକ ଏବଂ ସ୍ନାତକ ପାଶ୍ କରି ମଧୁସୂଦନ ଆଇନ ମହାବିଦ୍ୟାଳୟରୁ ଆଇନରେ ସ୍ନାତକ ସମାପ୍ତ କରି ୧୯୪୦ରୁ ବାରିପଦା ସଦର କୋର୍ଟରେ ଓକିଲାତି ବ୍ୟବସାୟ ଆରମ୍ଭ କରିଲେ। ଏହାପୂର୍ବରୁ ଅର୍ଥାତ୍ ବିଦ୍ୟାଳୟରେ ପଢୁଥିବା ସମୟରେ ସେ 'ଅଲ୍‌ଚିକି' ଲିପିର ଜନକ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ସଂସ୍ପର୍ଶରେ ଆସିଥିଲେ। ୧୯୪୬ରେ ପଣ୍ଡିତ ରଘୁନାଥ ମୁର୍ମୁ ଏବଂ ସାଉନା ମୁର୍ମୁଙ୍କ ସହ ମିଶି ଅଲ୍‌ଚିକି ଲିପିର ପ୍ରଚଳନ ସମ୍ପର୍କରେ ଆଲୋଚନା କରିବା ପାଇଁ ମୟୂରଭଞ୍ଜର ମହାରାଜାଙ୍କୁ ଭେଟିଥିଲେ। ଏହି ଆଲୋଚନାର ପ୍ରଭାବସ୍ୱରୂପ ସାନ୍ତାଳୀ ଭାଷା ଓ ଅଲ୍‌ଚିକିର ପ୍ରଚଳନ ପାଇଁ ମହାରାଜା ପୂର୍ଣ୍ଣ ସହଯୋଗ ଦେଇଥିଲେ। ପରେ ସହକର୍ମୀ ଭୀମ ଚରଣ ଟୁଡୁଙ୍କ ସହିତ ମିଶି ଅଲ୍‌ଚିକିର ପ୍ରଚାର ପ୍ରସାର ପାଇଁ ଉଦ୍ୟମ ଚଳାଇଥିଲେ।

ସୁନାରାମ ପାଠପଢୁଥିବା ସମୟରୁ ଜାତିର ପିତା ଗାନ୍ଧିଜୀଙ୍କ ନେତୃତ୍ୱରେ ୧୯୧୭ରେ ବିହାରର ଚମ୍ପାରଣ ସତ୍ୟାଗ୍ରହ, ୧୯୧୯ରେ ପଞ୍ଜାବର ଜାଲିୱାନାବାଗ, ୧୯୨୦ରେ ଅସହଯୋଗ ଆନ୍ଦୋଳନ ଏବଂ ୧୯୩୦ରେ ଆଇନ ଅମାନ୍ୟ ଆନ୍ଦୋଳନ ଆଦି ଇଂରେଜ ବିରୋଧୀ ସଂଗ୍ରାମ ଦ୍ୱାରା ଅନୁପ୍ରାଣିତ ହୋଇ ସ୍ୱାଧୀନତା ଆନ୍ଦୋଳନରେ ଝାସ ଦେଇଥିଲେ। ପରେ ୧୯୩୯ରେ ବଡ଼ାମ୍‌ତଳିଆ ଗ୍ରାମରେ ବିଶାଳ ଆଦିବାସୀ ସଭାର ଆୟୋଜନ କରାଗଲା। ବ୍ରିଟିଶ ସରକାରଙ୍କ ପ୍ରତିବନ୍ଧକ ସତ୍ତ୍ୱେ ପ୍ରାୟ ୫,୦୦୦ରୁ ଅଧିକ ଆଦିବାସୀ ଏଥିରେ ଯୋଗଦେଇଥିଲେ। ମୁଖ୍ୟ ପ୍ରସଙ୍ଗ ଥିଲା ଇଂରେଜ ବିରୋଧରେ ସଂଗଠିତ ହୋଇ ଦେଶକୁ ସ୍ୱାଧୀନ କରିବା, ନିଜସ୍ୱ ଭାଷାରେ ଶିକ୍ଷାପ୍ରାପ୍ତ, ଜଙ୍ଗଲଜାତ ଦ୍ରବ୍ୟରେ ମାଲିକାନା, ମୟୂରଭଞ୍ଜକୁ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା, ଅନ୍ଧବିଶ୍ୱାସରୁ ଦୂରେଇ ରହିବା ଏବଂ ଅତ୍ୟଧିକ ହାଣ୍ଡିଆ ପ୍ରଥାକୁ ଉଚ୍ଛେଦ କରିବା। ଏହାକୁ ତତ୍କାଳୀନ ମୟୁରଭଞ୍ଜ ମହାରାଜା ପ୍ରତାପ ଚନ୍ଦ୍ର ଭଞ୍ଜଦେଓ ପୂର୍ଣ୍ଣ ସମର୍ଥନ ଏବଂ ସହଯୋଗର ପ୍ରତିଶ୍ରୁତି ଦେଇଥିଲେ।

୧୯୪୭ ସେପ୍ଟେମ୍ବର ୧୬ରେ ସୁନାରାମ ମୟୂରଭଞ୍ଜ ମହାରାଜାଙ୍କୁ ପତ୍ର ଲେଖିଥିଲେ ଯେ "ମୟୂରଭଂଜ ବଂଶଗତ, ଅର୍ଥନୈତିକ, ସାଂସ୍କୃତିକ ଏବଂ ଭୌଗୋଳିକ ଭାବରେ ବିହାରର ଛୋଟନାଗପୁର ସହ ସମାନ । ମୟୂରଭଞ୍ଜ ଯଦି ବିହାର ସହିତ ନମିଶେ ତେବେ ସ୍ୱତନ୍ତ୍ର ମୟୂରଭଞ୍ଜ ରାଜ୍ୟର ମାନ୍ୟତା ଦିଆଯାଉ। ତେଣୁ ଓଡ଼ିଶା ସହିତ ମୟୂରଭଞ୍ଜ ରାଜ୍ୟ ମିଶ୍ରଣର ଆବଶ୍ୟକତା ନାହିଁ।" ଏହାକୁ ଦୃଷ୍ଟିରେ ରଖି ମହାରାଜା ୫୧ ଜଣିଆ ସଭ୍ୟଙ୍କୁ ନେଇ ଏକ ବ୍ୟବସ୍ଥା ପରିଷଦ ତିଆରି କଲେ। ତନ୍ମଧ୍ୟରୁ ସୁନାରାମ ସୋରେନ୍‌ଙ୍କ ସମେତ ୧୨ ଜଣ ଆଦିବାସୀ ନେତାଙ୍କୁ ମନୋନୟନ କରାଯାଇଥିଲା। କିନ୍ତୁ ୧୯୪୮ ସେପ୍ଟେମ୍ବର ୧୫ରେ ଓଡ଼ିଶା ସହିତ ମୟୂରଭଞ୍ଜ ମିଶ୍ରଣ ଘୋଷଣା କରାଗଲା। ଏହାକୁ ବିରୋଧ ପ୍ରଦର୍ଶନ କରିବାକୁ ଯାଇ ସୁନାରାମ 'ଗିରା ସାକାମ୍' ପ୍ରସ୍ତୁତ କରି ପ୍ରତି ଗାଁକୁ ଗାଁ ଯାଇ ଖବର ପହଞ୍ଚାଇ ଦେଲେ, ଏକଜୁଟ ହେବା ପାଇଁ ସମସ୍ତଙ୍କୁ ଆହ୍ୱାନ ଦେଲେ। ୧୯୪୯ ମସିହା ଜାନୁଆରୀ ୮ ଏବଂ ୯ ତାରିଖ ଦିନ ସୁନାରାମଙ୍କ ନେତୃତ୍ୱରେ 'ଆଇନ ଅମାନ୍ୟ ଆନ୍ଦୋଳନ' ଆରମ୍ଭ କରିଥିଲେ। 'ମୟୂରଭଞ୍ଜ ରାଜ୍ୟ ପାଇଁ ସହିଦ ହେବୁ ପଛେ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ନମିଳିଲେ ଆନ୍ଦୋଳନ ଜାରି ରହିବ', ଏ ସ୍ଲୋଗାନ ଚାରିଆଡ଼େ ବ୍ୟାପିବା ସହ ବିଭିନ୍ନ ଅଞ୍ଚଳରେ ସଭାସମିତି ଚାଲିଲା। ପରେ ଗୁଣ୍ଡୁରିଆଠାରେ ବିଶାଳ ଜନସମାବେଶ ସଭା ଅନୁଷ୍ଠିତ ହେଲା। ଜନସମୁଦ୍ର ଦେଖି ରାଇରଙ୍ଗପୁରର ତତ୍କାଳୀନ ସବଡିଭିଜନାଲ ଅଫିସର ଅମର ସିଂହ ଏହାକୁ ବଳପୂର୍ବକ ଦମନ କରିବା ନିମନ୍ତେ ଗୁଳି ଚଳାଇବା ପାଇଁ ନିର୍ଦ୍ଦେଶ ହୋଇଥିଲା। ହଜାର ହଜାର ଆଦିବାସୀ ଆନ୍ଦୋଳନକାରୀଙ୍କର ଗୁଳିମାଡ଼ରେ ଶହୀଦ ହେଲେ। ସୁନାରାମଙ୍କ ସମେତ ୧୯ ଜଣ ଆଦିବାସୀ ନେତା ଓ ୨ ଜଣ ଅଣ-ଆଦିବାସୀ ନେତା ଗିରଫ ହେଲେ।

୧୯୫୦ ମସିହା ଜାନୁଆରୀ ୨୬ ତାରିଖ ଦିନ ଭାରତ ପୂର୍ଣ୍ଣ ସ୍ୱାଧୀନତା ପାଇଲା ପରେ ୧୯୫୨ରେ ପ୍ରଥମେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ସୁନାରାମ ସୋରେନ୍ ବହଳଦା ବିଧାନସଭାରୁ ବିଧାୟକ ଭାବେ ନିର୍ବାଚିତ ହେଲେ। ଓଡ଼ିଶାର ପ୍ରଥମ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ମନ୍ତ୍ରିମଣ୍ଡଳରେ ସୁନାରାମଙ୍କୁ ଆଦିବାସୀ ଏବଂ ଗ୍ରାମୀଣ କଲ୍ୟାଣ, ପରିବହନ ଓ ବାଣିଜ୍ୟ ବିଭାଗର ଦାୟିତ୍ୱ ଦିଆଗଲା। ମନ୍ତ୍ରୀ ଥିବା ସମୟରେ ଓଡ଼ିଶାର ଅନୁସୂଚିତ ଜାତି ଏବଂ ଜନଜାତି ଛାତ୍ରଛାତ୍ରୀଙ୍କ ପାଇଁ ଖାଦ୍ୟ ଏବଂ ଆବସିକ ସୁବିଧା ପାଇଁ ଆବସିକ ବିଦ୍ୟାଳୟ ପ୍ରତିଷ୍ଠା କରିବାରେ ତାଙ୍କର ମୁଖ୍ୟ ଭୂମିକା ରହିଥିଲା। ମନ୍ତ୍ରୀ ଥିବା ସମୟରେ ସେ ଆଦିବାସୀମାନଙ୍କ ପାଇଁ ଉଦ୍ଦିଷ୍ଟ ସାମାଜିକ ବିକାଶ ତ୍ୱରାନ୍ୱିତ କରିଥିଲେ। ୧୯୫୨ ରୁ ୧୯୫୭ ମସିହା ଯାଏଁ ମନ୍ତ୍ରୀପଦରେ ରହିଲା ପରେ ୧୯୫୮ରେ ସୁନାରାମଙ୍କୁ ଓଡ଼ିଶା ଏବଂ ଆନ୍ଧ୍ରପ୍ରଦେଶ ପାଇଁ ଭାରତ ସରକାର ଅନୁସୂଚିତ ଜାତି ଏବଂ ଜନଜାତି ସହାୟକ କମିଶନର ଭାବେ ନିଯୁକ୍ତି ଦେଇଥିଲେ। ତୃତୀୟ ଏବଂ ଚତୁର୍ଥ ସାଧାରଣ ନିର୍ବାଚନରେ ବିଧାୟକ ହୋଇ ୧୯୮୦ ଯାଏଁ ଆଦିବାସୀଙ୍କ ଉନ୍ନତି ଓ ସ୍ୱଚ୍ଛ ସମାଜ ଗଠନ କରିବା ଦିଗରେ ଲୋକମାନଙ୍କୁ ସଚେତନ କରିବା ସହ ଯୁବବର୍ଗଙ୍କୁ ଆଗକୁ ଆଗେଇ ଆସିବା ପାଇଁ ସୁନାରାମ ଆହ୍ୱାନ ଦେଉଥିଲେ। ମାତ୍ର ୭୦ ବର୍ଷ ବୟସରେ ଅର୍ଥାତ ୧୯୮୮ ଜୁଲାଇ ୧୯ ତାରିଖରେ ଭଞ୍ଜବୀର ସୁନାରାମ ସୋରେନ୍‌ଙ୍କ ଦେହାନ୍ତ ହୋଇଥିଲା। ଜଣେ ସାମାଜିକ ସଂସ୍କାରକ ଭାବେ ସେ ଆଦିବାସୀ ସମାଜରେ ପ୍ରଚଳିତ ଅନ୍ଧବିଶ୍ୱାସକୁ ଦୂର କରିବା ପାଇଁ ଯେଉଁ ପ୍ରଚେଷ୍ଟା, ମେଳା ଓ ଯାନିଯାତ୍ରା ଆଦିରେ ନିଶାଦ୍ରବ୍ୟକୁ ବିରୋଧ କରି ବନ୍ଦ କରିବାରେ ସଫଳ ହେବା ଭଳି ଯେଉଁ କାର୍ଯ୍ୟ କରିଥିଲେ, ବାସ୍ତବରେ ତାହା ସମସ୍ତ ଆଦିବାସୀ ଯୁବବର୍ଗଙ୍କ ପାଇଁ ଆଗାମୀ ଦିନରେ ଉତ୍ସାହ ଓ ପ୍ରେରଣାର ଉତ୍ସ ହେବ।

+ବାଲେଶ୍ୱର,
ମୋ-୯୩୩୭୪୦୪୨୫୪

# ପ୍ରବାସକୁ ଏମଏସଏମଇ ରୋକି ଓଡ଼ିଶାର ନିଯୁକ୍ତିର ମୂଳ ଶକ୍ତି ହୋଇପାରିବ କି ?

**ମନସିଜ ଦାସ**

ଗାଁରୁ ସହରକୁ ପ୍ରବାସ ଆଜି ଓଡ଼ିଶାର ଅର୍ଥନୀତି ଓ ସମାଜ ଜୀବନର ଏକ ବଡ଼ ସତ୍ୟ। ପ୍ରତିବର୍ଷ ନିୟମିତ ଧାରାରେ ହଜାର ହଜାର ଯୁବକ ଯୁବତୀ ଭଲ ଆୟର ଆଶାରେ ଘରଦ୍ୱାର ଛାଡ଼ି ସୁରତ୍, ହାଇଦ୍ରାବାଦ, ଚେନ୍ନାଇ, ବେଙ୍ଗାଲୁରୁ କିମ୍ବା ଭାରତର ଅନ୍ୟ ବଡ଼ ବଡ଼ ସହରକୁ ଦାଦନ ପାଇଁ ଯାଇଥାନ୍ତି। ଏହି ପ୍ରବାସ କେବଳ ଚାକିରୀ କ୍ଷେତ୍ରରେ ନୁହେଁ ଏହା ପଛରେ ଆଉ ଏକ ବଡ଼ କାରଣ ମଧ ରହିଛି। ବଡ଼ କାରଣଟି ହେଉଛି ଏହି ଦାଦନ ଦୁଃଖ ସହିତ ଯୌଥ ପରିବାରର ବନ୍ଧନୀ ଭାଙ୍ଗିବା ସହ ବୃଦ୍ଧ ନିର୍ଭରଶୀଳ ପିତାମାତାଙ୍କ ଏକାକୀପଣ ଓ ଗାଁର ଶୂନ୍ୟତା। ସ୍ୱାଭାବିକ ଭାବେ ପ୍ରଶ୍ନ ଉଠେ ଆମ ଯୁବ ବର୍ଗମାନେ ଘର ପାଖରେ ରୋଜଗାର ପାଇଲେ ସେମାନେ ବାହାରକୁ ଯିବା ପାଇଁ କାହିଁକି ଇଛା କରନ୍ତି। ଏହିପରି କ୍ଷେତ୍ରରେ ଆମେ ଆଲୋଚନା କରୁଥିବା ଏମଏସଏମଇ - ସୂକ୍ଷ୍ମ, ଛୋଟ ଓ ମଧ୍ୟମ ଉଦ୍ୟମ ଯାହାକି ଏକ ନୂଆ ଆଶାର ଆଲୋକ ଓ ସମ୍ଭାବନା ଦେଖାଇଛି।

ଓଡ଼ିଶାରେ ଦାଦନ ବା ପ୍ରବାସର ପ୍ରମୁଖ କାରଣଟି ହେଉଛି, ଏହା ସମସ୍ତେ ଜାଣନ୍ତି ଆମ ଓଡ଼ିଶାର ଗ୍ରାମୀଣ ଅର୍ଥନୀତି ମୁଖ୍ୟତଃ ଚାଷବାସ ଉପରେ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ନିର୍ଭରଶୀଳ। କିନ୍ତୁ ଚାଷବାସ କାମ ଋତୁ ଆଧାରିତ ହୋଇଥିବାରୁ ଏଥିରେ ଲାଭ କମ ଏବଂ ଆୟ ମଧ ଅନିଶ୍ଚିତ ରହିଥାଏ। ଦରଦାମ ଓ ପ୍ରାକୃତିକ ବିପର୍ଯ୍ୟୟ, ଉନ୍ନତ ବଜାର ନ ମିଳିବାରୁ ଏହିପରି ଅନେକ ସମସ୍ୟା ପ୍ରାୟତଃ ରହିଥାଏ। ଏହାସହିତ ଭାରତର ଛୋଟ ଛୋଟ ସହରରେ ଶିଳ୍ପ ଓ ବ୍ୟବସାୟ ସୁଯୋଗର ଯେଉଁ ବ୍ୟାପକ ଅଭାବ ରହୁଛି ଏହା ଯୁବପିଢ଼ିଙ୍କୁ ବାଧ କରୁଛି ବାହାରକୁ ଯିବା ପାଇଁ। ଯାହାଦ୍ୱାରା ଗାଁରେ ଦକ୍ଷ ଶ୍ରମଶକ୍ତି କମୁଛି ଏବଂ ସ୍ଥାନୀୟ ଅର୍ଥନୀତି ଦୁର୍ବଳ ହେବାସହ ସହରରେ କିନ୍ତୁ ଅତ୍ୟଧିକ ଚାପ ବଢ଼ିଯାଉଛି ଯାହାର ଫଳସ୍ୱରୂପ ରାଜ୍ୟର ପ୍ରଗତିରେ ଏହା ବଡ଼ ବାଧକ ମଧ ସାଜୁଛି।

ଆମ ଆଲୋଚନାରେ ଏମଏସଏମଇ କାହିଁକି ଏକ ବ୍ୟବହାରିକ ସମାଧାନ ? ଏହାର ସହଜ, ସରଳ ଓ ସ୍ୱଷ୍ଟ ଉତ୍ତର ହେଉଛି ବଡ଼ କାରଖାନା କିମ୍ବା ମେଗା ଇଣ୍ଡଷ୍ଟ୍ରି ସବୁଠାରୁ ସ୍ଥାପିତ କରିବା ସମ୍ଭବ ହୋଇନଥାଏ। କିନ୍ତୁ ଏମଏସଏମଇ ବ୍ୟବସ୍ଥାରେ କମ ପୁଞ୍ଜିରେ ଗାଁ ଓ ଛୋଟ ସହରରେ ଏକ ଉଦ୍ୟୋଗ ଗଢ଼ା ଯାଇପାରେ। ଏହାର ବଡ଼ ଲାଭାର୍ଥୀ ହେଉଛନ୍ତି ସ୍ଥାନୀୟ ଜନସାଧାରଣ। ଏହାଦ୍ୱାରା ସ୍ଥାନୀୟ ଅଞ୍ଚଳରେ ବ୍ୟାପକ କର୍ମସଂସ୍ଥାନ ସୃଷ୍ଟି ହୋଇଥାଏ ଯେଉଁଥିରେ ମହିଳା ଓ ଯୁବ ବର୍ଗ ଅଧିକରୁ ଅଧିକ ସାମିଲ ହୋଇଥାନ୍ତି। ଛୋଟ ପୁଞ୍ଜିରେ ବଡ଼ ପ୍ରଭାବ ଗ୍ରାମ୍ୟ ଅର୍ଥନୀତିର ବେଗକୁ ଆହୁରି ତ୍ୱରାନ୍ୱିତ କରିଥାଏ। ସବୁଠାରୁ ବଡ଼ କଥା ହେଉଛି ହସ୍ତ ଶିଳ୍ପ ଠାରୁ ମାଛଚାଷ, ହ୍ୟାଣ୍ଡଲୁମ ଠାରୁ ଖାଦ୍ୟ ପ୍ରସ୍ତୁତି, ଦୁଗ୍ଧ ବ୍ୟବସାୟ ଠାରୁ ସର୍ଭିସ ସେକ୍ଟର ସବୁ କ୍ଷେତ୍ରରେ ଏମଏସଏମଇର ଭରପୁର ସମ୍ଭାବନା ରହିଛି।

ନୂତନ କେନ୍ଦ୍ରୀୟ ବଜେଟରେ ଏକ ସକରାତ୍ମକ ସଂକେତ ରହିଛି। ଏଥରକ ବଜେଟରେ ଗୁରୁତ୍ୱପୂର୍ଣ୍ଣ ଭାବେ ଦଶହଜାର କୋଟିର ଏମଏସଏମଇ ବୃଦ୍ଧି ବ୍ୟବସ୍ଥା ହୋଇଛି ଯାହାକି ଛୋଟ ଛୋଟ ଉଦ୍ୟୋଗକୁ ବଡ଼ ପ୍ରୋତ୍ସାହନ ଯୋଗାଇବ ଏହା ସହିତ ସହଜ ଋଣ ଓ କାର୍ଯ୍ୟ ପୁଞ୍ଜି ଉପଲବ୍ଧତା ହେବାସହ ସରକାରୀ ସଂସ୍ଥା ମାନଙ୍କ ପକ୍ଷରୁ ଶୀଘ୍ର ପେମେଣ୍ଟ ବ୍ୟବସ୍ଥା ରହିଛି। ଅର୍ଥନୈତିକ ବିକାଶ ଓ ନିଯୁକ୍ତି ସୃଷ୍ଟିରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଉଥିବା ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଏମଏସଏମଇ ଗୁଡ଼ିକୁ ଦକ୍ଷ କରିବା ଲାଗି ବଜେଟରେ ପଦକ୍ଷେପ ଘୋଷଣା କରାଯାଇଛି। ଏଥିପାଇଁ ତିନି ସୂତ୍ରୀ ଯୋଜନା ପ୍ରସ୍ତୁତ ହୋଇଛି। ତାହା ହେଉଛି ଇକ୍ୱିଟି ସହାୟତା, ନଗଦ ରାଶି ସହାୟତା ଓ ପେସାଦାର ସହାୟତା। ଇକ୍ୱିଟି ସହାୟତାରେ ୧୦,୦୦୦ କୋଟି ଟଙ୍କାର ଉତ୍ସର୍ଗୀକୃତ ଏସଏମଇ ଗ୍ରୋଥ ଫଣ୍ଡ ଗଠନ କରାଯିବ। ଆତ୍ମନିର୍ଭର ଭାରତ ପାଣ୍ଠିକୁ ୨୦୦୦ କୋଟି ଟଙ୍କା ଦିଆଯିବ। ଦେଶର ତୃତୀୟ ଓ ତୃତୀୟ ଶ୍ରେଣୀ ସହରଗୁଡ଼ିକରେ ଥିବା ଏମଏସଏମଇ ଗୁଡ଼ିକୁ ନିୟମ ପାଳନରେ ସହଯୋଗ କରିବା ଲାଗି ପେସାଦାର ଅନୁଷ୍ଠାନଗୁଡ଼ିକ ସହଯୋଗରେ 'କର୍ପୋରେଟ ମିତ୍ର' ବିକାଶ କରାଯିବ। କେନ୍ଦ୍ରୀୟ ପିଏସୟୁ ଗୁଡ଼ିକ ଏମଏସଏମଇ ସହ କରୁଥିବା ସବୁ କାରବାର ଟିଆରଇଡିଏସ ଜରିଆରେ ହେବ। ବିଆରଇଡିଏସରେ ଇନଭଏସ ରିହାତି ପାଇଁ ଏକ କ୍ରେଡିଟ ଗ୍ୟାରେଣ୍ଟି ସହାୟତା ବ୍ୟବସ୍ଥା ଆରମ୍ଭ କରାଯିବ। ସୁଲଭ ଓ ଶୀଘ୍ର ଫାଇନାନ୍ସ ସୁବିଧା ପାଇଁ ଜିଇଏମ ଓ ଟିଆରଇଡିଏସକୁ ମିଶାଇ ଦିଆଯିବ।

ନିୟମିତ ଦକ୍ଷତା ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ନିଶ୍ଚିନ୍ତ ଭାବେ ଏମଏସଏମଇ ଉଦ୍ୟୋଗୀ ମାନଙ୍କୁ କେବଳ ଆର୍ଥିକ ଭାବେ ସୁଦୃଢ଼ କରିବ ନାହିଁ ବରଂ ନୂତନ ନିଯୁକ୍ତି ସୃଷ୍ଟି କରିବ। ଓଡ଼ିଶା ପାଇଁ ବିଶେଷକରି ଏଥିନିମିତ୍ତ ବଡ଼ ସୁଯୋଗ ସୃଷ୍ଟି ହୋଇଛି। ମିଶନ ଶକ୍ତି ମାଧ୍ୟମରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପାଇଁ ସ୍ୱତନ୍ତ୍ର ପାଣ୍ଠି ସହ ସମ୍ବଲପୁର, ବରଗଡ଼ର ହ୍ୟାଣ୍ଡଲୁମ, କୋରାପୁଟ କନ୍ଧମାଳର ଖାଦ୍ୟ ପ୍ରସ୍ତୁତି ଓ ଛୋଟ କ୍ଷୁଦ୍ର ବ୍ୟବସାୟ ନିମିତ୍ତ ସରକାର ଏହି କ୍ଲଷ୍ଟର ଗୁଡ଼ିକୁ ଆର୍ଥିକ ସହାୟତାର ବ୍ୟବସ୍ଥା ରଖିବା ସହ ବଜାର ଯୋଗାଯୋଗ ଓ ଢ଼ାଞ୍ଚାଗତ ସୁବିଧା ବ୍ୟବସ୍ଥା ରଖିଛନ୍ତି। ଏହି ଉଦ୍ୟମ ନିଶ୍ଚିନ୍ତ ଭାବରେ ଅନେକ କର୍ମ ସଂସ୍ଥାନ ସୃଷ୍ଟି କରିବ। ତେବେ କାଗଜ କଲମରେ ଯୋଜନାରେ ସୀମିତ ନରହି ତୃଣମୂଳ ସ୍ତରରୁ ଏଥିନିମିତ୍ତ ବ୍ୟାପକ ଓ ଦୂରଦୃଷ୍ଟି ସମ୍ପନ୍ନ ଉଦ୍ୟମ ଦରକାର। ଏମଏସଏମଇ ନିମିତ୍ତ ସହଜ ଋଣ, ଦୁର୍ନୀତିମୁକ୍ତ ପ୍ରକ୍ରିୟା, ଦକ୍ଷତା ଉନ୍ନୟନ ଓ ବଜାର ସୁଯୋଗ ଏସବୁ ନିଶ୍ଚିନ୍ତ ହେବା ଜରୁରୀ। ଯଦି ଆମେ ଗାଁରେ ରୋଜଗାର ସୃଷ୍ଟି କରିପାରୁ ତେବେ ଯୁବ ବର୍ଗମାନେ ଦାଦନ ମୁହାଁ ହେବେ ନାହିଁ। ପ୍ରବାସ ନୁହେଁ ସ୍ଥାନୀୟ ଉନ୍ନତିକୁ ନୀତିର କେନ୍ଦ୍ର ବିନ୍ଦୁ କରିବା ଜରୁରୀ। ଏମଏସଏମଇ ଅର୍ଥାତ ଅଣକ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ନିଶ୍ଚିନ୍ତ ଭାବେ ଦେଶର ଉଜ୍ଜ୍ୱଳ ଅର୍ଥନୀତି ଭବିଷ୍ୟତ ଗଠନ ନିମନ୍ତେ ମୂଳଦୁଆକୁ ଦୃଢ଼ କରିବା ସହ ଏହା ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତ ଗଠନ ନିମନ୍ତେ ଉଚ୍ଚତର ଏବଂ ଦ୍ରୁତତର ଉଡ଼ାଣ ଏଥିପାଇଁ ସମୟ, ସାଧନ ଓ ଶ୍ରମର ପର୍ଯ୍ୟାପ୍ତ ଆବଶ୍ୟକତା ରହିଛି। ଖୁସିର କଥା ସରକାରୀ ଭାବେ ଏହି କ୍ଷେତ୍ର ନିମିତ୍ତ କେବଳ ସୁଚିନ୍ତିତ ଯୋଜନାମାନ ପ୍ରସ୍ତୁତ କରାଯାଇ ନାହିଁ ବରଂ ନିର୍ଣ୍ଣାୟକ ନେତୃତ୍ୱ ସହିତ ଆଗାମୀ ଦିନରେ ଯୁବ ବର୍ଗ ଏଥିରୁ କିପରି ଅଧିକ ସୁବିଧା ପାଇପାରିବେ ଏବଂ ଗ୍ରାମୀଣ ଅର୍ଥନୀତି କିପରି ବେଗବାନ ହୋଇପାରିବ ଏହା ହିଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ।

+ବ୍ୟବସାୟ ରଣନୀତି ଓ କର୍ପୋରେଟ
ନେତୃତ୍ୱ ବିଶେଷଜ୍ଞ,
ଗୁରୁଗ୍ରାମ, ହରିୟାନା,
ମୋ: ୯୮୧୧୮୭୨୯୪୮

# ସରକାରୀ ମିଟରରୁ ବେଆଇନ ଭଡ଼ା ଆଦାୟ

**ଶ୍ୟାମ ସୁନ୍ଦର ସାମଲ**

ରାଜ୍ୟରେ ଟାଟା ପାଓ୍ୱାର ବିଜୁଳି ଉପଭୋକ୍ତାଙ୍କୁ ଶୋଷଣ କରି ଚାଲିଛି। ଅତିରିକ୍ତ ସିକ୍ୟୁରିଟି ଡିପୋଜିଟ ପାଇଁ ଘରେ ଘରେ ନୋଟିସ ଦିଆଯାଇଛି। ଜୋର ଜବରଦସ୍ତ ସ୍ମାର୍ଟ ମିଟର ବସାଯାଉଛି। ସରକାରୀ ମିଟରରୁ ତିନି ଶହ କୋଟି ଟଙ୍କା ବେଆଇନ ଭାବେ ଟାଟା ପାଓ୍ୱାର ଆଦାୟ କରିଛି। ସୂଚନାଥାଉକି ୨୦୨୦ ମସିହାରୁ ସୌଭାଗ୍ୟ ଓ ଆଇପିଡ଼ିଏସ ଯୋଜନାରେ ଚାରୋଟି ଯାକ ବିଦ୍ୟୁତ ବିତରଣ କମ୍ପାନୀ ବେଆଇନ ଭାବେ ଆଦାୟ କରିଚାଲିଛନ୍ତି।

ସୂଚନାଥାଉକି ରାଜ୍ୟରେ ମୋଟାମୋଟି ବିଦ୍ୟୁତ ଉପଭୋକ୍ତାଙ୍କ ସଂଖ୍ୟା ୯୮ ଲକ୍ଷ। ଏମାନଙ୍କ ଭିତରୁ ଦୁଇ କିଲୋ ୱାଟରୁ କମ ବିଜୁଳି ବ୍ୟବହାର କରୁଥିବା ଉପଭୋକ୍ତାଙ୍କ ସଂଖ୍ୟା ପ୍ରାୟ ୮୦ଲକ୍ଷ। ଏକ କିଲୋୱାଟରୁ କମ ବ୍ୟବହାରକାରୀ ଉପଭୋକ୍ତାଙ୍କ ସଂଖ୍ୟା ପ୍ରାୟ ୪୫ ଲକ୍ଷ। ଏକ କିଲୋରୁ ଦୁଇ କିଲୋୱାଟ ବିଜୁଳି ବ୍ୟବହାରକାରୀଙ୍କ ସଂଖ୍ୟା ପ୍ରାୟ ୩୪ ଲକ୍ଷ। ରାଜ୍ୟରେ ମାତ୍ର ୨% ବିଜୁଳି କୃଷି କାର୍ଯ୍ୟରେ ଉପଯୋଗ ହେଉଛି। ନିକଟରେ ଟିପିସିଓଡ଼ିଏଲ ଯେଉଁ ତଥ୍ୟ ପ୍ରଦାନ କରିଛି ସେଥିରେ ସ୍ୱୀକାର କରିଛି ଯେ, ଏପ୍ରିଲ ୨୦୨୪ ଠାରୁ ସେମାନେ ଆଉ ମିଟର ରେଣ୍ଟ ଆଦାୟ କରି ନାହାନ୍ତି। ମାର୍ଚ୍ଚ ୨୦୨୪ ସୁଦ୍ଧା ୧୮ କୋଟି ୬୮ ଲକ୍ଷ ଟଙ୍କା ଆଦାୟ କରିଛନ୍ତି। ଆଇପିଡିଏସ ମିଟରରୁ ଗ୍ରାହକଙ୍କ ଠାରୁ ୧୧କୋଟି ୫୫ ଲକ୍ଷ, ସୌଭାଗ୍ୟ ଯୋଜନାର ୭କୋଟି ୧୩ ଲକ୍ଷ ଟଙ୍କା ମିଟର ରେଣ୍ଟ ବାବଦରେ ଆଦାୟ କରିଛନ୍ତି। ଦିନ ଦୟାଲ ଯୋଜନା, ରାଜୀବ ଜ୍ୟୋତି, ବିଜୁ ଜ୍ୟୋତି ଭଳି ଆହୁରି ଅନେକ ସରକାରୀ ଯୋଜନାରେ ଡିସ୍କମ କମ୍ପାନୀ ପାଖାପାଖି ୩ଶହ କୋଟି ଟଙ୍କା ସାଧାରଣ ଲୋକଙ୍କ ଠାରୁ ହରିଲୁଟ କରିଛି। କିନ୍ତୁ ଟାଟା ପାଓ୍ୱାର ଠକେଇ ପାଇଁ କିଛି କାର୍ଯ୍ୟାନୁଷ୍ଠାନ ନାହିଁ। ଏଥିପାଇ ଶକ୍ତି ବିଭାଗ କଣ କରୁଛି ? ତାଙ୍କ ବିରୁଦ୍ଧରେ କାହିଁକି ଏତଲା ଦେଇନି ? ଇଂରାଜୀରେ କାହିଁକି ବିଲ ଛପାଯାଉନାହିଁ ? ସେପଟେ ସମୀକ୍ଷା ନକରି ରାଜ୍ୟ ସରକାର ୭୩୫ କୋଟି ଟଙ୍କା ଟାଟା ପାଓ୍ୱାରକୁ ଦେବା ପାଇଁ ନିଷ୍ପତ୍ତି ନେଇଛନ୍ତି। ସାଧାରଣ ଲୋକଙ୍କ ଟିକସ ପଇସାରେ ମିଟର ଲଗାଇ ଟାଟା ପାଓ୍ୱାର ମନଇଛା ଶୋଷଣ କରି ଚାଲିବେ। ଏହା ଇଲେକ୍ଟ୍ରିସିଟି ଆକ୍ଟ ୨୦୦୩ରେ ଇଲେକଟ୍ରିସିଟି ରାଇଟସ ଅଫ କଞ୍ଜୁମର୍ସ ରୁଲ ୨୦୨୦ର ସମ୍ପୂର୍ଣ୍ଣ ବିରୁଦ୍ଧାଚାରଣ କରୁଛି। ମିଟର ଟେଷ୍ଟିଙ୍ଗ ପାଇଁ ଏକ ତୃତୀୟ ପକ୍ଷ ବା ସ୍ୱତନ୍ତ୍ର ସଂସ୍ଥା ଓଇଆରସିଙ୍କ ତତ୍ତ୍ୱାବଧାନରେ ବିଦ୍ୟୁତ କାର୍ଯ୍ୟ କରିବ। ମିଟର ନିର୍ମାଣକାରୀ କମ୍ପାନୀ ଗୁଡ଼ିକର ନାମ ଏବଂ ଉପଲବ୍ଧ ସ୍ଥାନ ଏବଂ ମିଟରର ପରୀକ୍ଷଣ କେନ୍ଦ୍ରର ସମସ୍ତ ତଥ୍ୟ ଗ୍ରାହକଙ୍କୁ ଜଣାଇବା ବାଧ୍ୟତାମୂଳକ। ମିଟର ପରୀକ୍ଷିତ ଓ ସିଲଡ ହୋଇଥିବା ଦରକାର। ସରକାରଙ୍କ ନିଷ୍କ୍ରିୟତାରେ ଟାଟା କମ୍ପାନୀ ଉପଭୋକ୍ତାଙ୍କୁ ସ୍ମାର୍ଟ ମିଟର ବସାଇ ବେଆଇନ ଭାବେ ଗ୍ରାହକ ଅଧିକାରକୁ କ୍ଷୁର୍ଣ୍ଣ କରୁଛନ୍ତି। ୬୦ଲକ୍ଷ ଉପଭୋକ୍ତାଙ୍କ ନିକଟରେ ସ୍ମାର୍ଟ ମୋବାଇଲ ନାହିଁ। ଇଣ୍ଟରନେଟ ନାହିଁ କି ଟେଲିଫୋନ ସୁବିଧା ନାହିଁ। ସେମାନେ ଏହି ସ୍ମାର୍ଟ ମିଟରର ସଠିକ ବ୍ୟବହାର ଓ ପରିଚାଳନା କିପରି କରିପାରିବେ। ଏପରି ସ୍ଥଳେ ସେମାନଙ୍କ ପାଇଁ ସ୍ମାର୍ଟ ମିଟର ବସାଇବାର କୌଣସି ପ୍ରାସଙ୍ଗିକତା ନାହିଁ। ଓଇଆରସି ତୁରନ୍ତ ଧାରା ୫ର ଉପଧାରା ୧ ଅନୁଯାୟୀ ବିତରଣ କମ୍ପାନୀ ଓ ସରକାରଙ୍କ ନିୟମର କଡ଼ାକଡ଼ି ପାଳନ ପାଇଁ ନିର୍ଦ୍ଦେଶ ଦିଅନ୍ତୁ।

ସୁଭଦ୍ରା ନଗର, ବିଡ଼ାନାସୀ ,
କଟକ,
ମୋ : ୯୭୭୮୬୩୫୯୨୬

# ସୁଶାସନର ଅଂଶ ହେଲା ସଡ଼କ ସୁରକ୍ଷା

**ଅଭୟ କୁମାର ଦାସ**

ସଡ଼କ ସୁରକ୍ଷା ପାଇଁ ରାଜ୍ୟ ସରକାର ଚାରିଟି 'ଇ' ପାଳନ କରିବା ଉପରେ ଗୁରୁତ୍ୱ ଦେଇଛନ୍ତି। ସେଗୁଡ଼ିକ ହେଲା ଏଜୁକେସନ ବା ଶିକ୍ଷା, ଏନଫୋର୍ସମେଣ୍ଟ ବା ନିୟମର କଡ଼ାକଡ଼ି ଅନୁପାଳନ, ଇଞ୍ଜିନିୟରିଂ ବା ଯୋଗାଯୋଗ ଭିତ୍ତିଭୂମି ଓ ଯାନବାହାନରେ ଉନ୍ନତ ଇଞ୍ଜିନିୟରିଂ ବିଦ୍ୟା ପ୍ରୟୋଗ କରି ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ଏମର୍ଜେନ୍ସି ବା ଜରୁରୀ ସମୟରେ ତୁରନ୍ତ ଚିକିତ୍ସା ସହାୟତା ପ୍ରଦାନ। ଏହି ଚାରିଟି ନିୟମ ଅନୁପାଳନ ସହିତ ନିକଟରେ ସଡ଼କ ସୁରକ୍ଷା ସପ୍ତାହ ଅବସରରେ ମୁଖ୍ୟମନ୍ତ୍ରୀ ବ୍ୟକ୍ତିଗତ ଭାବେ ଆଉ ଦୁଇଟି 'ଇ' ଅନୁପାଳନ ପାଇଁ ପରାମର୍ଶ ଦେଇଥିଲେ। ଏହାହେଲା ଏନଭରିନମେଣ୍ଟ ଓ ଇଭାଲ୍ୟୁସନ। ଯାନବାହାନର ପ୍ରଦୂଷଣ ନିୟମକୁ ସଠିକ ଭାବେ ପାଳନ କରିବା ସହିତ ସଡ଼କ ସୁରକ୍ଷାର ଯେଉଁ ନିୟମ ଗୁଡ଼ିକ ଅଛି ତାହାର ଫଳାଫଳ ସମ୍ପର୍କରେ ଉପଯୁକ୍ତ ମୂଲ୍ୟାୟାନ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ଏହି ମୂଲ୍ୟାୟାନକୁ ଭିତ୍ତିକରି ବିଭିନ୍ନ ସଡ଼କ ସୁରକ୍ଷା କାର୍ଯ୍ୟକ୍ରମକୁ ପରିବର୍ତ୍ତନ କିମ୍ବା ଆହୁରି ଉନ୍ନତ କରାଯାଇ ପାରିବ।

ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ପ୍ରତିଷ୍ଠା ହେବା ପରଠାରୁ ସଡ଼କ ସୁରକ୍ଷାକୁ ସୁଶାସନ ବା ଗୁଡ଼ ଗଭର୍ଣ୍ଣାନ୍ସର ଅଂଶ ଭାବେ ଗ୍ରହଣ କରାଯାଇଛି। ଏହାଦ୍ୱାରା ସରକାରୀ ଅଧିକାରୀମାନେ ଏହା ଉପରେ ଅଧିକ ସତର୍କ ରହିବେ ସରକାର ଆଶା ପ୍ରକଟ କରିଛନ୍ତି। ଏହାକୁ ଭିତ୍ତିକରି ମୁଖ୍ୟମନ୍ତ୍ରୀ 'ମୁଖ୍ୟ ମନ୍ତ୍ରୀ ସଡ଼କ ସୁରକ୍ଷା ଯୋଜନା ସମ୍ମାନ' ଘୋଷଣା ହୋଇଛି। ଏହି ଯୋଜନାରେ ସମସ୍ତ ଜିଲ୍ଲା, ଶିକ୍ଷାନୁଷ୍ଠାନ ଓ ବେସରକାରୀ ଅନୁଷ୍ଠାନ ଗୁଡ଼ିକୁ ସଡ଼କ ସୁରକ୍ଷା କ୍ଷେତ୍ରରେ ନେଇଥିବା ପଦକ୍ଷେପକୁ ଭିତ୍ତି କରି ସମ୍ମାନିତ କରାଯିବ। ଯେଉଁ ଜିଲ୍ଲାଗୁଡ଼ିକ ଭଲ ପ୍ରଦର୍ଶନ କରିବେ ସେମାନେ ପୁରସ୍କାର ପାଇବେ ଏବଂ ଯେଉଁମାନଙ୍କୁ ପ୍ରଦର୍ଶନ ଖରାପ ହେବ, ସେମାନଙ୍କୁ ଉତ୍ତରଦାୟୀ କରାଯିବ। ସେହିପରି ବିଦ୍ୟାଳୟ ଓ ଅନ୍ୟ ଅନୁଷ୍ଠାନ ଗୁଡ଼ିକୁ ମଧ ସଡ଼କ ସୁରକ୍ଷା ପାଇଁ ଗ୍ରହଣ କରିଥିବା ଉତ୍ତମ ପଦକ୍ଷେପ ଭିତ୍ତିରେ ପୁରସ୍କାର ପ୍ରଦାନ କରାଯିବ। ଏହାଦ୍ୱାରା ରାଜ୍ୟର ପ୍ରତ୍ୟେକ ଅଞ୍ଚଳରେ ଏବଂ ସମାଜର ପ୍ରତ୍ୟେକ ସ୍ତରରେ ସଡ଼କ ସୁରକ୍ଷା ସମ୍ପର୍କିତ ସଚେତନତା ବୃଦ୍ଧିହେବ ଏବଂ ଦୁର୍ଘଟଣା କମିବାରେ ଏହି ପଦକ୍ଷେପ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଯୋଗାଯୋଗ କ୍ଷେତ୍ରରେ ଓଡ଼ିଶାର ବିଭିନ୍ନ ସଡ଼କରେ ପ୍ରମୁଖ ଜଙ୍ଗଲ ଓ ତୀଖ ଘାଟି ରହୁଥିବାରୁ ଏହା ସଡ଼କ ଦୁର୍ଘଟଣାର ଅନ୍ୟତମ ପ୍ରମୁଖ କାରଣ ପାଲଟିଥାଏ। ବିଶେଷକରି ଶୀତଦିନିଆ ସମୟରେ ପିକନିକ୍ ଓ ଭ୍ରମଣ ନିମନ୍ତେ ଏହି ଘାଟି ସଂଯୋଗ ସଡ଼କ ବ୍ୟସ୍ତ ବହୁଳ ହୋଇପଡ଼ିଥାଏ। ରାଜ୍ୟର ଘାଟିରାସ୍ତା ଗୁଡ଼ିକରେ ସଡ଼କ ସୁରକ୍ଷା ପାଇଁ ଏକ ଅନନ୍ୟ ଓ ଅଭିନବ ପଦକ୍ଷେପ ଗ୍ରହଣ କରାଯାଇଛି। କଳିଙ୍ଗା ଘାଟିରେ ଗାଡ଼ି ଚାଳକମାନଙ୍କୁ ସତର୍କ କରାଇବା ପାଇଁ ମୁଖ୍ୟମନ୍ତ୍ରୀ ସତର୍କ ସୂଚନା ଘଣ୍ଟିର ଶୁଭ ଉଦଘାଟନ କରିଥିଲେ। ଏହି ବ୍ୟବସ୍ଥାରେ ଘାଟିର ଉଭୟ ପଟୁ ଗାଡ଼ି ଆସୁଥିଲେ ସାଇରନ ବାଜି ସତର୍କ କରାଇବ। ଏହା ଏକ ପାଇଲଟ ପ୍ରୋଜେକ୍ଟ ଭାବେ ଆରମ୍ଭ କରାଯାଇଛି। ଏହାର ସଫଳତା ଦେଖି ଅନ୍ୟାନ୍ୟ ଘାଟିରାସ୍ତାରେ ଏହା ଆରମ୍ଭ କରାଯିବ।

କଟକ ଭୁବନେଶ୍ୱର ଟ୍ୱିନସିଟିରେ ଉନ୍ନତ ଟ୍ରାଫିକ ପରିଚାଳନା ପାଇଁ ଆଇଆଇଟି ଖଡ଼ଗପୁର ସହିତ ଏକ ବୁଝାମଣା ପତ୍ର ସରକାରୀ ଭାବେ ସ୍ୱାକ୍ଷରିତ ହୋଇଛି। ଆଇଆଇଟିର ରିପୋର୍ଟ ପରେ ଏହି ଆଧାରରେ ଦୁଇ ସହରର ଟ୍ରାଫିକ ବ୍ୟବସ୍ଥାରେ ଉନ୍ନତି ପାଇଁ ପଦକ୍ଷେପ ଗ୍ରହଣ କରାଯିବ। ପରିବେଶ ସୁରକ୍ଷା ପାଇଁ ରାଜ୍ୟ ସରକାର ବୈଦ୍ୟୁତିକ ଯାନ ବ୍ୟବହାର ଉପରେ ଗୁରୁତ୍ୱ ଦେଉଛନ୍ତି। ଏଥିପାଇଁ ଚାର୍ଜିଙ୍ଗ ଷ୍ଟେସନ ମଧ ଆବଶ୍ୟକତା ରହିଛି। ନିକଟରେ ଭୁବନେଶ୍ୱର ପାଇଁ ୧୫ଟି ଚାର୍ଜିଙ୍ଗ ଷ୍ଟେସନର ଲୋକାର୍ପଣ ହୋଇଛି। କରିଥିଲେ। ସୂଚନାଯୋଗ୍ୟ ଯେ, ରାଜ୍ୟରେ ଆହୁରି ୮୫ଟି ଚାର୍ଜିଙ୍ଗ ଷ୍ଟେସନ ନିର୍ମାଣଧୀନ ଅଛି, ଏଗୁଡ଼ିକ ଖୁବଶୀଘ୍ର ଲୋକାର୍ପିତ ହେବ। ଆଗାମୀ ଦିନରେ ଆହୁରି ଅଧିକ ଚାର୍ଜିଙ୍ଗ ଷ୍ଟେସନ ନିର୍ମାଣ କରାଯିବା ନେଇ ସରକାରୀ ଭାବେ ବ୍ୟବସ୍ଥା ହୋଇଛି। ଇତିମଧ୍ୟରେ ରାଜ୍ୟବାସୀଙ୍କ ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ ୧୪ଟି ନୂତନ ଅଟଳ ବସଷ୍ଟାଣ୍ଡକୁ ଲୋକାର୍ପିତ କରିଛନ୍ତି। ୧୫୬.୫୩ କୋଟି ଟଙ୍କା ବ୍ୟୟରେ ଏହି ବସଷ୍ଟାଣ୍ଡ ଗୁଡ଼ିକ ରାଜ୍ୟର ୧୦ଟି ଜିଲ୍ଲାରେ ନିର୍ମିତ ହୋଇଛି। ପୂର୍ବରୁ ୫୫ଟି ଅଟଳ ବସଷ୍ଟାଣ୍ଡ ଲୋକାର୍ପିତ ହୋଇଛି। ଆଗାମୀ ଦିନରେ ରାଜ୍ୟର ସମସ୍ତ ଜିଲ୍ଲା, ଉପଖଣ୍ଡ, ପଞ୍ଚାୟତ ସମିତି ଓ ପୌରପାଳିକା ଗୁଡ଼ିକରେ ଅଟଳ ବସଷ୍ଟାଣ୍ଡ ପ୍ରତିଷ୍ଠା କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସେହିପରି ରାଜ୍ୟ ସଡ଼କ ପରିବହନ ନିଗମ ପକ୍ଷରୁ ୪୬ କୋଟି ଟଙ୍କା ମୂଲ୍ୟର ୧୦୦ଟି ନୂତନ ବିଏସ-୬ମାନର ଆଧୁନିକ ବସ ଚଳାଚଳରେ ଶୁଭାରମ୍ଭ ହୋଇଛି। ନିଗମର ପୁରୁଣା ବସ ବଦଳରେ ଏହିସବୁ ପରିବେଶ ଅନୁକୂଳ ଅତ୍ୟାଧୁନିକ ନୂଆ ବସ କିଣାଯାଉଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ପରିବହନ ନିଗମ ପକ୍ଷରୁ ପରିଚାଳିତ ବସଗୁଡ଼ିକ ପାଇଁ 'କ୍ଲୋଜଡ଼ ଲୁପ ସ୍ମାର୍ଟ ଟ୍ରାନଜିଟ କାର୍ଡ଼' ବା ସ୍ମାର୍ଟ କାର୍ଡ଼ ବ୍ୟବସ୍ଥାର ଶୁଭାରମ୍ଭ ହୋଇଛି। ଏହି କାର୍ଡ଼ ବ୍ୟବହାର କରି ଯାତ୍ରୀମାନେ କ୍ୟାସଲେସ ଟିକେଟ କାଟି ସୁବିଧାରେ ଯାତ୍ରା କରିପାରିବେ। ଏହି ଅବସରରେ ବ୍ରହ୍ମପୁର ଠାରେ କୁଟ ପକ୍ଷରୁ ନିର୍ମିତ ହୋଇଥିବା ଏକ ଅତ୍ୟାଧୁନିକ ବସ ଡିପୋରୁ ୨୫ଟି ନୂତନ ଇ-ବସ ଚଳାଚଳର ମଧ ଶୁଭାରମ୍ଭ ହୋଇଛି। ଆଧୁନିକ ପ୍ରଣାଳୀରେ ନିର୍ମିତ ଏହି ଡିପୋ ବ୍ରହ୍ମପୁର ଏବଂ ଏହାର ନିକଟସ୍ଥ ଅଞ୍ଚଳରେ ଇ-ବସ ପରିଚାଳନା କରିବ।

(ଅବଶିଷ୍ଟାଂଶ ପୃଷ୍ଠା ୭ରେ)

## ଆମେରିକା ସହ ବାଣିଜ୍ୟ ଚୁକ୍ତି: ଲାଭ କାହାର, କ୍ଷତି କାହାର ?

ସମ୍ପ୍ରତି ବିଶ୍ୱ ଅର୍ଥନୀତିର ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତୀୟ ସାମଗ୍ରୀ ଉପରେ ଲାଗୁ ହୋଇଥିବା ପାରସ୍ପରିକ ଶୁଳ୍କ ବା ଇମ୍ପୋର୍ଟ ଟାରିଫକୁ ଉଲ୍ଲେଖନୀୟ ଭାବରେ ହ୍ରାସ କରିବାକୁ ଘୋଷଣା କରିଛନ୍ତି । ଫେବୃଆରୀ ୩, ୨୦୨୬ ରେ ହୋଇଥିବା ଏହି ଐତିହାସିକ ଘୋଷଣା ଅନୁଯାୟୀ, ଆମେରିକା ପ୍ରଶାସନ ଭାରତୀୟ ସାମଗ୍ରୀ ଉପରେ ଶୁଳ୍କ ହାରକୁ ପୂର୍ବରୁ ଥିବା ୫୦ ପ୍ରତିଶତରୁ କମାଇ ୧୮ ପ୍ରତିଶତ କରିବାକୁ ସହମତି ପ୍ରକାଶ କରିଛି । ଏହି ନିଷ୍ପତ୍ତି କେବଳ ଦୁଇ ଦେଶ ମଧ୍ୟରେ ଗତ କିଛି ମାସ ଧରି ଲାଗି ରହିଥିବା ବାଣିଜ୍ୟିକ ତିକ୍ତତାକୁ ଦୂର କରିନାହିଁ, ବରଂ ଭାରତୀୟ ରପ୍ତାନିକାରୀ ତଥା ଉତ୍ପାଦନକାରୀଙ୍କ ପାଇଁ ଏକ ବଡ଼ ଆଶ୍ୱସ୍ତିର ବାର୍ତ୍ତା ନେଇ ଆସିଛି । ବିଶ୍ୱ ବାଣିଜ୍ୟ ସଂଗଠନ ଏବଂ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି ଭଳି ସଂସ୍ଥାଗୁଡ଼ିକ ମଧ୍ୟ ଏହି ପଦକ୍ଷେପକୁ ବିଶ୍ୱ ଅର୍ଥନୀତିର ସ୍ଥିରତା ପାଇଁ ଏକ ସକାରାତ୍ମକ ସଙ୍କେତ ବୋଲି ଅଭିହିତ କରିଛନ୍ତି । ଏହି ସମ୍ପାଦକୀୟରେ ଆମେ ଏହି ଚୁକ୍ତିର ପୃଷ୍ଠଭୂମି, ଏହାର ସୁଦୂରପ୍ରସାରୀ ଅର୍ଥନୈତିକ ପ୍ରଭାବ ଏବଂ ଏହା ପଛରେ ଥିବା ଜଟିଳ କୂଟନୈତିକ ସମୀକରଣ ଉପରେ ଏକ ବିସ୍ତୃତ ଆଲୋଚନା କରିବା ।

ଏହି ନୂତନ ବୁଝାମଣାର ଗଭୀରତା ବୁଝିବା ପାଇଁ ଆମକୁ ଗତ ଏକ ବର୍ଷର ଘଟଣାବଳୀ ଉପରେ ନଜର ପକାଇବାକୁ ହେବ, ଯେତେବେଳେ ଆମେରିକାର 'ଆମେରିକା ପ୍ରଥମ' ନୀତି ଏବଂ ଭାରତର 'ଆତ୍ମନିର୍ଭର ଭାରତ' ଅଭିଯାନ ମଧ୍ୟରେ ସଂଘର୍ଷ ଦେଖାଦେଇଥିଲା । ୨୦୨୫ ମସିହା ମଧ୍ୟଭାଗରୁ ଭାରତ ଏବଂ ଆମେରିକା ମଧ୍ୟରେ ବାଣିଜ୍ୟିକ ସମ୍ପର୍କରେ କିଛିଟା ଅସ୍ଥିରତା ଦେଖାଦେଇଥିଲା, ଯାହାର ମୁଖ୍ୟ କାରଣ ଥିଲା ଭାରତ ଦ୍ୱାରା ରୁଷିଆଠାରୁ ରିହାତି ମୂଲ୍ୟରେ ତୈଳ କ୍ରୟ ଜାରି ରଖିବା ଏବଂ ଆମେରିକୀୟ ସାମଗ୍ରୀ ଉପରେ ଅଧିକ ଶୁଳ୍କ ଲଗାଇବା । ଏହାର ପ୍ରତିଶୋଧ ସ୍ୱରୂପ, ଆମେରିକା 'ପାରସ୍ପରିକ ବାଣିଜ୍ୟ ଆଇନ' (Reciprocal Trade Act) ବଳରେ ଭାରତୀୟ ସାମଗ୍ରୀ ଉପରେ ୨୫ ପ୍ରତିଶତ ମୂଳ ଶୁଳ୍କ ଏବଂ ରୁଷିଆ ସହ ବାଣିଜ୍ୟ ପାଇଁ ଅତିରିକ୍ତ ୨୫ ପ୍ରତିଶତ ଦଣ୍ଡମୂଳକ ଶୁଳ୍କ ଲଗାଇଥିଲା, ଯାହା ଫଳରେ ମୋଟ ଶୁଳ୍କ ହାର ୫୦ ପ୍ରତିଶତରେ ଏକ ଅବହେଳନୀୟ ସ୍ତରରେ ପହଞ୍ଚିଥିଲା । ଏହି ଉଚ୍ଚ ଶୁଳ୍କ ହାର ଭାରତୀୟ ରପ୍ତାନିକାରୀ, ବିଶେଷକରି ଗୁଜୁରାଟର ହୀରା ବ୍ୟବସାୟୀ, ତିରୁପୁରର ବସ୍ତ୍ର ଶିଳ୍ପ ଏବଂ ପଞ୍ଜାବର ଇଞ୍ଜିନିୟରିଂ ସାମଗ୍ରୀ ଉତ୍ପାଦନକାରୀଙ୍କ ପାଇଁ ଏକ ବଡ଼ ଝଟକା ଥିଲା । ତଥ୍ୟ ଅନୁଯାୟୀ, ଗତ ଆର୍ଥିକ ବର୍ଷର ଶେଷ ତ୍ରୈମାସିକରେ ଆମେରିକାକୁ ଭାରତର ରତ୍ନ ଓ ଅଳଙ୍କାର ରପ୍ତାନିରେ ପ୍ରାୟ ୪୪ ପ୍ରତିଶତ ହ୍ରାସ ଘଟିଥିଲା, ଯାହା ଲକ୍ଷ ଲକ୍ଷ କାରିଗରଙ୍କ ଜୀବିକା ପ୍ରତି ବିପଦ ସୃଷ୍ଟି କରିଥିଲା ।

ବର୍ତ୍ତମାନର ଏହି ଶୁଳ୍କ ହ୍ରାସ ନିଷ୍ପତ୍ତି ଭାରତୀୟ ଅର୍ଥନୀତି ପାଇଁ ଏକ ସଞ୍ଜୀବନୀ ସଦୃଶ କାର୍ଯ୍ୟ କରିବ ବୋଲି ଆଶା କରାଯାଉଛି । ୧୮ ପ୍ରତିଶତ ଶୁଳ୍କ ହାର କେବଳ ପୂର୍ବର ୫୦ ପ୍ରତିଶତ ତୁଳନାରେ ଯଥେଷ୍ଟ କମ୍ ନୁହେଁ, ବରଂ ଏହା ଭାରତକୁ ଏହାର ଏସୀୟ ପ୍ରତିଦ୍ୱନ୍ଦ୍ୱୀ ରାଷ୍ଟ୍ରମାନଙ୍କ ତୁଳନାରେ ଏକ ଲାଭଜନକ ସ୍ଥିତିରେ ପହଞ୍ଚାଇ ଦେଇଛି । ବିଶ୍ୱ ବଜାରର ପରିସଂଖ୍ୟାନ ଦେଖିଲେ ଜଣାପଡେ ଯେ, ବର୍ତ୍ତମାନ ଆମେରିକା ବଜାରରେ ଭିଏତନାମ ଏବଂ ବାଂଲାଦେଶ ଭଳି ଦେଶର ସାମଗ୍ରୀ ଉପରେ ପ୍ରାୟ ୧୯ ରୁ ୨୦ ପ୍ରତିଶତ ଶୁଳ୍କ ଲାଗୁ ହୋଇଥାଏ । ବର୍ତ୍ତମାନ ଭାରତୀୟ ସାମଗ୍ରୀ ଉପରେ ୧୮ ପ୍ରତିଶତ ଶୁଳ୍କ ଲାଗୁ ହେବା ଫଳରେ, ଆମେରିକୀୟ କ୍ରେତାମାନେ ଚୀନ୍ କିମ୍ବା ଅନ୍ୟ ଦକ୍ଷିଣ-ପୂର୍ବ ଏସୀୟ ଦେଶ ବଦଳରେ ଭାରତୀୟ ବସ୍ତ୍ର, ଚମଡ଼ା ସାମଗ୍ରୀ ଏବଂ ହସ୍ତଶିଳ୍ପ କ୍ରୟ କରିବାକୁ ଅଧିକ ଆଗ୍ରହ ପ୍ରକାଶ କରିବେ । ବିଶେଷକରି ବସ୍ତ୍ର ଶିଳ୍ପ, ଯାହାକି ଏକ ଶ୍ରମ-ବହୁଳ କ୍ଷେତ୍ର ଏବଂ ଭାରତରେ କୃଷି ପରେ ସର୍ବାଧିକ ନିଯୁକ୍ତି ସୃଷ୍ଟି କରେ, ଏହି ନିଷ୍ପତ୍ତି ଦ୍ୱାରା ସର୍ବାଧିକ ଉପକୃତ ହେବ । ଏହା ବ୍ୟତୀତ, ଇଲେକ୍ଟ୍ରୋନିକ୍ସ, ଔଷଧ ଶିଳ୍ପ ଏବଂ ଆଇଟି ହାର୍ଡୱେର କ୍ଷେତ୍ର ମଧ୍ୟ ଏହି ଶୁଳ୍କ ରିହାତିର ଲାଭ ଉଠାଇ ଆମେରିକା ବଜାରରେ ନିଜର ଅଂଶଧନ ବୃଦ୍ଧି କରିପାରିବେ, ଯାହା ଭାରତର ବାଣିଜ୍ୟ ନିଅଣ୍ଟକୁ ହ୍ରାସ କରିବାରେ ସହାୟକ ହେବ ।

ବିଭିନ୍ନ ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ, ଏହି ରିହାତି ବଦଳରେ ଭାରତ କିଛି ଗୁରୁତ୍ୱପୂର୍ଣ୍ଣ ଏବଂ ଦୂରଗାମୀ ପ୍ରତିଶ୍ରୁତି ଦେଇଛି । ପ୍ରଥମତଃ, ଭାରତ ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ ଆମେରିକାଠାରୁ ପ୍ରାୟ ୫୦୦ ବିଲିୟନ ଡଲାର ମୂଲ୍ୟର ସାମଗ୍ରୀ କ୍ରୟ କରିବାକୁ ଲକ୍ଷ୍ୟ ରଖିଛି । ଏହି କ୍ରୟ ତାଲିକାରେ ମୁଖ୍ୟତଃ ତରଳୀକୃତ ପ୍ରାକୃତିକ ଗ୍ୟାସ (LNG) ଓ ଅଶୋଧିତ ତୈଳ, ଅତ୍ୟାଧୁନିକ ପ୍ରତିରକ୍ଷା ଉପକରଣ (ଯେପରିକି ଡ୍ରୋନ୍ ଓ ଜେଟ୍ ଇଞ୍ଜିନ୍) ଏବଂ ବେସାମରିକ ବିମାନ ଅନ୍ତର୍ଭୁକ୍ତ । ଦ୍ୱିତୀୟତଃ, ବିଶ୍ୱ ରାଜନୀତିର ବର୍ତ୍ତମାନର ସ୍ଥିତିକୁ ଦୃଷ୍ଟିରେ ରଖି ଭାରତ ରୁଷିଆ ଉପରେ ନିଜର ଶକ୍ତି ନିର୍ଭରଶୀଳତା କମାଇ ଆମେରିକୀୟ ଶକ୍ତି ଉତ୍ସ ଆଡ଼କୁ ମୁହାଁଇବାକୁ ସହମତି ପ୍ରକାଶ କରିଥିବା ଚର୍ଚ୍ଚା ହେଉଛି । ଏହା ଭାରତର ବୈଦେଶିକ ନୀତିରେ ଏକ ବଡ଼ ପରିବର୍ତ୍ତନର ସଙ୍କେତ ଦେଉଛି, ଯେଉଁଠାରେ ନୂଆଦିଲ୍ଲୀ ନିଜର ପାରମ୍ପରିକ ମିତ୍ର ରୁଷିଆ ବଦଳରେ ପଶ୍ଚିମୀ ଦେଶମାନଙ୍କ ସହ ଅର୍ଥନୈତିକ ସମ୍ପର୍କକୁ ଅଧିକ ସୁଦୃଢ଼ କରିବାକୁ ଅଗ୍ରାଧିକାର ଦେଇଛି ।

ଏହି ଚୁକ୍ତିର ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ଭାରତର 'ମେକ୍ ଇନ୍ ଇଣ୍ଡିଆ' କାର୍ଯ୍ୟକ୍ରମ ଉପରେ ଏହାର ସକାରାତ୍ମକ ପ୍ରଭାବ । ଆମେରିକା ହେଉଛି ଭାରତର ସବୁଠାରୁ ବଡ଼ ବାଣିଜ୍ୟ ଭାଗୀଦାର ଏବଂ ଭାରତର ରପ୍ତାନି କ୍ଷେତ୍ର ପାଇଁ ଏକ ପ୍ରମୁଖ ବଜାର । ଗତ କିଛି ବର୍ଷ ଧରି ଆମେରିକା ଚୀନ୍ ଉପରେ ନିଜର ନିର୍ଭରଶୀଳତା କମାଇବା ପାଇଁ 'ଚୀନ୍ ପ୍ଲସ୍ ୱାନ୍' (China Plus One) ନୀତି ଆପଣାଇଛି । ୫୦ ପ୍ରତିଶତ ଶୁଳ୍କ ଲାଗୁ ହେବା ଫଳରେ ଅନ୍ତର୍ଜାତୀୟ କମ୍ପାନୀଗୁଡ଼ିକ ଭାରତରେ ନିବେଶ କରିବାକୁ କୁଣ୍ଠାବୋଧ କରୁଥିଲେ, କାରଣ ଏଠାରୁ ଉତ୍ପାଦିତ ସାମଗ୍ରୀ ଆମେରିକା ପଠାଇବା ବ୍ୟୟବହୁଳ ହେଉଥିଲା । କିନ୍ତୁ ବର୍ତ୍ତମାନ ଶୁଳ୍କ ୧୮ ପ୍ରତିଶତକୁ ଖସିବା ଫଳରେ ଭାରତ ପୁଣିଥରେ ଏକ ଆକର୍ଷଣୀୟ ଉତ୍ପାଦନ ହବ୍ ଭାବରେ ଉଭା ହୋଇଛି । ଏହା କେବଳ ରପ୍ତାନି ବଢ଼ାଇବ ନାହିଁ, ବରଂ ଦେଶ ଭିତରେ ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜି ନିବେଶ (FDI) କୁ ମଧ୍ୟ ବ୍ୟାପକ ଭାବରେ ଆକର୍ଷିତ କରିବ । ଆପଲ୍, ଟେସଲା ଏବଂ ଅନ୍ୟାନ୍ୟ ବହୁରାଷ୍ଟ୍ରୀୟ କମ୍ପାନୀଗୁଡ଼ିକ ଏବେ ଭାରତରେ ନିଜର ଉତ୍ପାଦନ କ୍ଷମତା ବୃଦ୍ଧି କରିବାକୁ ଉତ୍ସାହିତ ହେବେ, ଯାହା ଦେଶର ଯୁବବର୍ଗଙ୍କ ପାଇଁ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ।

ତେବେ, ଏହି ଉତ୍ସାହଜନକ ଖବର ସତ୍ତ୍ୱେ କିଛି ଆହ୍ୱାନ ଏବେ ମଧ୍ୟ ରହିଛି ଯାହାକୁ ଅଣଦେଖା କରାଯାଇନପାରେ । ଆମେରିକା ପ୍ରଶାସନ କ୍ରମାଗତ ଭାବେ ଦାବି କରୁଛି ଯେ ଭାରତ ମଧ୍ୟ ଆମେରିକୀୟ ସାମଗ୍ରୀ, ବିଶେଷକରି କୃଷିଜାତ ଦ୍ରବ୍ୟ, ଦୁଗ୍ଧଜାତ ସାମଗ୍ରୀ ଏବଂ ମେଡିକାଲ ଉପକରଣ ଉପରେ ଥିବା ଶୁଳ୍କ ଓ ଅଣ-ଶୁଳ୍କ ପ୍ରତିବନ୍ଧକ (Non-tariff barriers) କୁ ହଟାଇ 'ଶୂନ୍ୟ' ସ୍ତରକୁ ଆଣୁ । ଭାରତ ପାଇଁ ଏହା ଏକ ଅତ୍ୟନ୍ତ ସମ୍ବେଦନଶୀଳ ଓ କଷ୍ଟକର ନିଷ୍ପତ୍ତି, କାରଣ ସମ୍ପୂର୍ଣ୍ଣ ଶୁଳ୍କ ମୁକ୍ତ ବାଣିଜ୍ୟ ଘରୋଇ କୃଷକ ଏବଂ ଦୁଗ୍ଧ ଚାଷୀଙ୍କ ଜୀବିକା ଉପରେ ପ୍ରତିକୂଳ ପ୍ରଭାବ ପକାଇପାରେ । ଆମେରିକାର ବୃହତ କୃଷି ଫାର୍ମଗୁଡ଼ିକ ସହ ପ୍ରତିଯୋଗିତା କରିବା ଭାରତୀୟ କ୍ଷୁଦ୍ର ଚାଷୀଙ୍କ ପାଇଁ କଷ୍ଟକର ହୋଇପାରେ । ଏହାଛଡ଼ା, ୫୦୦ ବିଲିୟନ ଡଲାରର ଆମେରିକୀୟ ସାମଗ୍ରୀ କ୍ରୟ କରିବା ଏକ ଦୀର୍ଘମିଆଦି ଲକ୍ଷ୍ୟ, ଯାହାକୁ ପୂରଣ କରିବା ପାଇଁ ଭାରତକୁ ନିଜର ଆମଦାନୀ ନୀତି ଓ ବଜେଟରେ ବ୍ୟାପକ ପରିବର୍ତ୍ତନ କରିବାକୁ ପଡ଼ିବ । ଆମେରିକା ରାଷ୍ଟ୍ରପତିଙ୍କ ନୀତିରେ ଥିବା ଅନିଶ୍ଚିତତାକୁ ଦୃଷ୍ଟିରେ ରଖି ଭବିଷ୍ୟତରେ ଯେ କୌଣସି ମୁହୂର୍ତ୍ତରେ ପୁଣିଥରେ ଶୁଳ୍କ ବୃଦ୍ଧିର ଆଶଙ୍କାକୁ ମଧ୍ୟ ଏଡ଼ାଇ ଦିଆଯାଇନପାରେ, ତେଣୁ ଭାରତ ସରକାରଙ୍କୁ ଅତି ସତର୍କତାର ସହ ପାଦ ପକାଇବାକୁ ହେବ ।

ପରିଶେଷରେ, ଆମେରିକା ଦ୍ୱାରା ପାରସ୍ପରିକ ଶୁଳ୍କ ହ୍ରାସ ନିଶ୍ଚିତ ଭାବରେ ଭାରତ ପାଇଁ ଏକ ବଡ଼ ଅର୍ଥନୈତିକ ଆଶ୍ୱସ୍ତି ଅଟେ । ଏହା ଦକ୍ଷିଣ ଏସିଆରେ ଶକ୍ତି ସନ୍ତୁଳନ ରକ୍ଷା କରିବାରେ ଆମେରିକାର ଆଗ୍ରହକୁ ଦର୍ଶାଉଛି । ଏହି ନିଷ୍ପତ୍ତି ଫଳରେ ରପ୍ତାନି ବୃଦ୍ଧି ପାଇବ, ବାଣିଜ୍ୟ ନିଅଣ୍ଟ ନିୟନ୍ତ୍ରିତ ହେବ ଏବଂ ଅର୍ଥନୀତିର ବିକାଶ ହାର ତ୍ୱରାନ୍ୱିତ ହେବ । କିନ୍ତୁ ଏହି ସୁଯୋଗର ସଦୁପଯୋଗ କରିବା ପାଇଁ ଭାରତୀୟ ଶିଳ୍ପ ଜଗତକୁ ନିଜର ଉତ୍ପାଦର ଗୁଣବତ୍ତା ବଜାୟ ରଖିବା ସହ ବିଶ୍ୱ ବଜାରର ପରିବର୍ତ୍ତିତ ଚାହିଦା ଅନୁସାରେ ନିଜକୁ ପ୍ରସ୍ତୁତ କରିବାକୁ ପଡ଼ିବ । ଆଗାମୀ ଦିନରେ ଏହି ବୁଝାମଣା କିପରି କାର୍ଯ୍ୟକାରୀ ହେଉଛି ଏବଂ ଏହାର ବାସ୍ତବ ଲାଭ ସାଧାରଣ ଜନତା ଓ ବ୍ୟବସାୟୀଙ୍କ ପାଖରେ କିପରି ପହଞ୍ଚୁଛି, ତାହା ଦେଖିବା ବାକି ରହିଲା ।

## ଅପହୃତ ମୂଲ୍ୟବୋଧ : ଡିଜିଟାଲ ପରଦା

**ପ୍ରମୋଦ ବେହେରା**

କରୁଣା ଓ ସହାନୁଭୂତି କୌଣସି ସାଧାରଣ ନୈତିକ ଗୁଣ ନୁହେଁ; ଏହା ମନୁଷ୍ୟ ହେବାର ମୂଳ ପରିଚୟ ଓ ସଭ୍ୟ ସମାଜର ନୀରବ ଭିତ୍ତିସ୍ତମ୍ଭ। ଏହି ଦୁଇଟି ଗୁଣ ଯେଉଁଠି ସଜୀବ ରହେ, ସେଠି ସମ୍ପର୍କ କେବଳ ଦାୟିତ୍ୱରେ ନୁହେଁ, ଆତ୍ମୀୟତାରେ ବି ଫୁଟିଉଠେ; ପରିବାରରେ ସନ୍ତୁଳନ ଓ ସହନଶୀଳତା ରହେ, ଏବଂ ସମାଜ ମୂଲ୍ୟବୋଧର ଏକ ଦୃଢ଼ ଆଧାର ଉପରେ ଦୀର୍ଘକାଳ ଦଣ୍ଡାୟମାନ ରହିପାରେ। ପୂର୍ବତନ ସମାଜରେ ଦୟା ଶିଖାଇବାକୁ ପଡୁନଥିଲା, କାରଣ ଏହା ଜୀବନର ଅଭ୍ୟାସ ଥିଲା—ପରିବେଶ, ପରମ୍ପରା ଓ ଆଚରଣ ମାଧ୍ୟମରେ ସ୍ୱାଭାବିକ ଭାବେ ଅନୁସୃତ ହେଉଥିଲା। କିନ୍ତୁ ଆଜିର ଆଧୁନିକ ଓ ସ୍ୱାର୍ଥକେନ୍ଦ୍ରିତ ଜୀବନ ଧାରାରେ ଏହି ମୂଲ୍ୟଗୁଡ଼ିକ ଧୀରେ ଧୀରେ ଆମ ଚିନ୍ତାଧାରାର କେନ୍ଦ୍ରବିନ୍ଦୁରୁ ଅପସରି ଯାଉଛି, ଯେଉଁଠି ସୁବିଧା ଓ ବ୍ୟକ୍ତିଗତ ସଫଳତାକୁ ସର୍ବୋଚ୍ଚ ଲକ୍ଷ୍ୟ ଭାବେ ଗ୍ରହଣ କରାଯାଉଛି। ଏହାର ଫଳସ୍ୱରୂପ, ସମସ୍ତ ସାଧନ ଓ ସୁବିଧା ଥିବା ସତ୍ତ୍ୱେ ମନୁଷ୍ୟ ଆଜି ଅନ୍ୟର ଭାବନା, ବେଦନା ଓ ନିରବ ଆବଶ୍ୟକତାକୁ ବୁଝିବାର କ୍ଷମତା ଧୀରେ ଧୀରେ ହରାଇଦେଉଛି—ଏହି ବିଡମ୍ବନା ହେଉଛି ଆଧୁନିକ ସମାଜର ସବୁଠୁ ଗଭୀର ସଙ୍କେତ।

ଡିଜିଟାଲ ଜଗତ ମନୁଷ୍ୟକୁ ସଂଯୋଗର ଅସୀମ ସୁଯୋଗ ଦେଇଛି ଓ ଦୂରତାକୁ ସଂକୁଚିତ କରିଦେଇଛି, କିନ୍ତୁ ସେହି ସଂଯୋଗ ଅନେକ ସମୟରେ ମାନବୀୟ ସ୍ପର୍ଶ, ସହାନୁଭୂତି ଓ ଆତ୍ମୀୟତା ବିହୀନ ହୋଇ ରହୁଛି। ସ୍କ୍ରିନ୍‌ରେ ଆଙ୍ଗୁଠି ଚାଳନା ସମୟରେ ଆମ ଆଖି ତଥ୍ୟରେ ଭରିଯାଉଛି, କିନ୍ତୁ ହୃଦୟ ଧୀରେ ଧୀରେ ଅନୁଭୂତିହୀନ ଓ ନିଷ୍କ୍ରିୟ ହୋଇଯାଉଛି, ଯେଉଁଠି ତୁରନ୍ତ ପ୍ରତିକ୍ରିୟା ଦେବାର ଅଭ୍ୟାସ, ଧୈର୍ଯ୍ୟ, ସହନଶୀଳତା ଓ ଶୁଣିବାର କଳାକୁ କ୍ଷୀଣ କରିଦେଉଛି। ଆମେ ଭର୍ଚୁଆଲ ଜଗତର ଆକର୍ଷଣ, ଲାଇକ୍-କମେଣ୍ଟ୍-ଫଲୋୟରର ଚକ୍କରରେ ଏତେ ବ୍ୟସ୍ତ ଯେ, ସାମ୍ନାରେ ବସିଥିବା କିମ୍ବା ନିକଟରେ ଥିବା ମନୁଷ୍ୟର ମନଭିତରର ଅକଥିତ କଥା, ତାହାର ନିରବ ଯନ୍ତ୍ରଣା, ଅପୂରଣୀୟ ଅପେକ୍ଷା ଓ ସୂକ୍ଷ୍ମ ଭାବନାକୁ ଅନୁଭବ କରିବା ପାଇଁ ନା ସମୟ ମିଳୁଛି, ନା ମନସିକ ପ୍ରସ୍ତୁତି ରହୁଛି। ଧୀରେ ଧୀରେ ଏହି ଅଭ୍ୟାସ ମନୁଷ୍ୟକୁ ମନୁଷ୍ୟରୁ ଦୂର କରୁଛି, ସମ୍ପର୍କକୁ କେବଳ ତଥ୍ୟ ଓ ସୁବିଧାର ଆଦାନ-ପ୍ରଦାନରେ ସୀମିତ କରୁଛି, ଫଳସ୍ୱରୂପ ମାନବିକ ସମ୍ପର୍କ ଯାନ୍ତ୍ରିକ, ଔପଚାରିକ ଓ ଭାବନାହୀନ ରୂପ ନେଉଛି। ଏହି ପରିସ୍ଥିତି ଦୀର୍ଘକାଳରେ କେବଳ ପରିବାର ଓ ବ୍ୟକ୍ତିଗତ ସମ୍ପର୍କକୁ ନୁହେଁ, ସମଗ୍ର ସମାଜର ସାମାଜିକ ସମନ୍ୱୟ, ମାନବିକ ସନ୍ତୁଳନ ଓ ମୂଲ୍ୟବୋଧ ପାଇଁ ମଧ୍ୟ ଏକ ଗଭୀର ଆଶଙ୍କାର କାରଣ ହୋଇଉଠୁଛି ।

ଆଧୁନିକ ଡିଜିଟାଲ ପରିବେଶ ଯୁବତୀ ଓ ନବବିବାହିତା ମହିଳାମାନଙ୍କ ଜୀବନରେ ଏକ ଗଭୀର ସମାଜିକ, ମନୋବିଜ୍ଞାନିକ ଓ ଦାର୍ଶନିକ ପରିବର୍ତ୍ତନ ଆଣିଛି, ଯାହା କେବଳ ସାଧାରଣ ଦୈନନ୍ଦିନ ଆଚରଣକୁ ପ୍ରଭାବିତ କରୁନାହିଁ, ବରଂ ପରିବାରିକ ଗଠନର ମୂଳ ଢାଞ୍ଚା, ସଂସ୍କୃତିକ ମୂଲ୍ୟବୋଧ ଓ ମନୁଷ୍ୟତ୍ୱର ଅଧିକାରକୁ ମଧ୍ୟ ଅସ୍ଥିର କରୁଛି। ଅନେକ ସମୟ ମାତା-ପିତା, ନିକଟାତ୍ମୀୟମାନେ ତାଙ୍କର ଜୀବନ ଅନୁଭବ, ଦୂର୍ଦ୍ଧାନ୍ତ ତ୍ୱରିତ ପରିବର୍ତ୍ତନର ଶିକ୍ଷା ଓ ସମାଜିକ ଅଭିଜ୍ଞତାର ଆଲୋକରେ ଦୟା, ସହନଶୀଳତା, ପରିବାରିକ ସମନ୍ୱୟ, ସମ୍ପର୍କର ନୀରବ ଗଭୀରତା ଓ ସଂସ୍କୃତିକ ମୂଲ୍ୟବୋଧ ବିଷୟରେ କଥା ହେବାକୁ ଚେଷ୍ଟା କରନ୍ତି। କିନ୍ତୁ ଯୁବତୀ ଏହାକୁ ପ୍ରାୟ ଶୁଣିବା ପୂର୍ବରୁ "ପୁରୁଣା ଭାବନା", "ଆଧୁନିକ ଜୀବନରେ ଅନାବଶ୍ୟକ" ବୋଲି ଅସ୍ୱୀକାର କରନ୍ତି, ଯାହା ପିଢ଼ୀ ମଧ୍ୟରେ ଦୂରତା, ଅସ୍ଥିରତା ଓ ସମନ୍ୱୟର ଅଭାବ ସୃଷ୍ଟି କରୁଛି। ବିବାହ ପରେ ଏହି ଅସହିଷ୍ଣୁ ମନୋଭାବ ନୂଆ ପରିବାର, ଶ୍ୱଶୁର ଘରର ସଂସ୍କୃତି, ପରମ୍ପରା, ନୀତି ଓ ସମ୍ପର୍କର ନିରବ ଆଶା-ଆକାଂକ୍ଷା ସହ ଖାପ ଖୁଆଇବାରେ ବିଶେଷ ଅସୁବିଧା ଆଣିଛି। ସହନଶୀଳତା ଓ ସହାନୁଭୂତିର ଅଭାବରୁ ସାଧାରଣ ମତଭେଦ ଧୀରେ ଧୀରେ ଅସମ୍ମାନ, ଅହଂକାର ଓ ବିବାଦର ରୂପ ନେଉଛି, ଯାହା କେବଳ ବ୍ୟକ୍ତିଗତ ସମ୍ପର୍କକୁ ନୁହେଁ, ସମଗ୍ର ପାରିବାରିକ ଗଠନକୁ ମଧ୍ୟ ଅସ୍ଥିର କରୁଛି। ଏହି ପରିସ୍ଥିତିର ଗଭୀର ଭୟାବହତା ଏଠାରେ, ଏହାକୁ କେବଳ ଏକ ବ୍ୟକ୍ତିର ଦୋଷ ବୋଲି ଦେଖିଲେ ସମସ୍ୟାର ମୂଳକୁ ଆମେ ଅନୁଦୃଷ୍ଟ କରିପାରିବୁ ନାହିଁ; ପ୍ରକୃତରେ ଏହା ଡିଜିଟାଲ-ନିର୍ମିତ ସାମୂହିକ ମନୋଭାବର ପରିଣାମ, ଯାହା ତୁରନ୍ତ ସ୍ୱୀକୃତି, ଆତ୍ମକୈନ୍ଦ୍ରିକତା, ଭର୍ଚୁଆଲ୍ ଆଧିକାର ଓ ତ୍ୱରିତ ସୁବିଧାର ପ୍ରଭାବରେ ମାନବୀୟ ସମ୍ପର୍କର ଗଭୀରତା, ସହଯୋଗ ଓ ଦୟାକୁ ଅସ୍ଥିର କରୁଛି, ଏବଂ ଯଦି ଏହି ପ୍ରବୃତ୍ତିକୁ ନିୟନ୍ତ୍ରିତ କରାଯାଉନାହିଁ, ତେବେ ଆଗାମୀ ପିଢ଼ୀ ପାଇଁ ଏହା ଏକ ଗଭୀର, ଜଟିଳ ଓ ସଙ୍କଟମୟ ସାମାଜିକ ଆହ୍ୱାନ ହୋଇଉଠିବ। ଏହି ପରିସ୍ଥିତିକୁ ଅନୁସନ୍ଧାନ କରିବା, ବୁଝିବା ଓ ସମାଧାନ ଦେଖିବାର ଆବଶ୍ୟକତା ଆଜିର ମନବଜାତି ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, କାରଣ ମାନବୀୟତା, ସମ୍ପର୍କ ଓ ଦୟାର ଗୁଣ ହିଁ ସମାଜର ସଂପୂର୍ଣ୍ଣ ଭାବି ଧାରାକୁ ନିର୍ଦ୍ଦେଶିତ କରେ। ଦୟାକୁ ଯେତେବେଳେ ଦୁର୍ବଳତା ବୋଲି ଭୁଲ୍ ବୁଝାଯାଏ, ସମାଜ ତାହାର ସଂପୂର୍ଣ୍ଣ ଶକ୍ତିକୁ ଅଜଣାରେ ହରାଇ ଦିଏ। ପ୍ରକୃତରେ, ଦୟା କେବଳ ଅନୁକମ୍ପା ବା ମୃଦୁ ହୃଦୟର ପ୍ରତିକ୍ରିୟା ନୁହେଁ; ଏହା ହେଉଛି ଆତ୍ମିକ ସାହସର ଏକ ଉଚ୍ଚ ରୂପ, ଯାହା ମନୁଷ୍ୟତ୍ୱର ସର୍ବୋଚ୍ଚ ପରିଚୟ ଓ ନୈତିକ ଗଭୀରତାର ସାର। ସହାନୁଭୂତି ମାନବୀକତାର ଏକ ଅପରିହାର୍ଯ୍ୟ ଆଧାର, ଯାହା ମନର ଗଭୀର ଅନୁଭୂତି, ସମ୍ପର୍କର ସ୍ଥାୟୀତ୍ୱ ଓ ପରିବାରିକ ସମନ୍ୱୟର ନିର୍ମାଣ କରେ। ଏହି ଗୁଣଗୁଡ଼ିକ ବିନା ସମ୍ପର୍କ ରହିପାରେ, କିନ୍ତୁ ସେଗୁଡ଼ିକ ଧୀରେ ଧୀରେ ଶୁଷ୍କ, ଅର୍ଥହୀନ ଓ ନିରର୍ଥକ ହୋଇଯାଏ, ଯାହା ସମାଜର ଆଧାର ଓ ମୂଲ୍ୟବୋଧକୁ କ୍ଷତି ପହଞ୍ଚାଇଥାଏ। ବାହ୍ୟ ଉନ୍ନତି, ସଫଳତା ଓ ସ୍ଥାୟୀ ସମ୍ପଦ ଥିବା ସତ୍ତ୍ୱେ, ଯଦି ଆନ୍ତରିକ ମୂଲ୍ୟ—ଦୟା, ସହାନୁଭୂତି, ସହଯୋଗ ଓ ସମ୍ପର୍କର ଗଭୀରତା—ହ୍ରାସ ପାଏ, ତେବେ ସମାଜ ଭିତରୁ ଫମ୍ପା ହୋଇଯିବା ଅଟଳ। ଏହି ଶୂନ୍ୟତା କେବଳ ଅସ୍ଥିର ପାରିବାରିକ ଗଠନରେ ସୀମିତ ନୁହେଁ; ଏହା ଏକ ସମଗ୍ର ପିଢ଼ୀ ପାଇଁ ନୀତି, ମୂଲ୍ୟ ଓ ମନବୀକତାର ଗଭୀର ଆହ୍ୱାନ। ଯଦି ମନୁଷ୍ୟ ଦୟାକୁ କେବଳ ଦୁର୍ବଳତା ବୋଲି ନଜରଅନ୍ଦାଜ କରିବ, ତେବେ ସେ ଆପଣ ଓ ଆମ ସମାଜର ଆଧାର ହ୍ରାସ କରିବାରେ ଅଜଣାରେ ସାହାଯ୍ୟ କରୁଛି। ବାହ୍ୟ ଉନ୍ନତି ସହିତ ଆନ୍ତରିକ ମୂଲ୍ୟର ହ୍ରାସ ଏକ ସମାଜକୁ ଶୂନ୍ୟତାର ମଧ୍ୟରେ ପହଞ୍ଚାଇଥାଏ, ଯେଉଁଥିରେ ସମ୍ପର୍କର ଗଭୀରତା, ସହଯୋଗର ଗୁରୁତ୍ୱ, ମନୁଷ୍ୟତ୍ୱ ଓ ନୀତିମୂଳକ ସତ୍ୟର ଅବହେଳା ହୁଏ। ଏହା ଏକ ଅତ୍ୟନ୍ତ ଗଭୀର ସାମାଜିକ ଚିନ୍ତାର ଆହ୍ୱାନ, ଯାହା ଆଜିର ମନବଜାତି ପାଇଁ ଗଭୀର ସତର୍କତା, ଆଲୋଚନା ଓ ପୁନଃସଂସ୍କାରର ଆବଶ୍ୟକତାକୁ ସୂଚିତ କରୁଛି। ଦୟା ଓ ସହାନୁଭୂତିର ପୁନଃସ୍ଥାପନ କେବଳ ମନୋବଳ ବଢ଼ାଇବାରେ ନୁହେଁ; ଏହା ସମାଜର ଆଧାର, ପରିବାରର ସଂଗଠନ, ଓ ମନବୀୟତାର ସ୍ଥାୟୀତ୍ୱକୁ ସୁନିଶ୍ଚିତ କରେ, ଯାହା ଭବିଷ୍ୟତରେ ପିଢ଼ୀଗତ ଶୂନ୍ୟତା ଓ ଅସ୍ଥିରତାରୁ ରକ୍ଷା କରିପାରିବ। ଏହି ଲେଖା କୌଣସି ଆରୋପ ନୁହେଁ, ବରଂ ଏହା ଏକ ଆତ୍ମଚିନ୍ତନର ଆହ୍ୱାନ। ଡିଜିଟାଲ ଉନ୍ନତିକୁ ଅସ୍ୱୀକାର କରିବା ଆବଶ୍ୟକ ନୁହେଁ, କିନ୍ତୁ ସେହି ଉନ୍ନତି ସହିତ ମାନବିକ ମୂଲ୍ୟ, ଦୟା, ସହାନୁଭୂତି, ସମ୍ପର୍କର ଗଭୀରତା ଓ ସମାଜିକ ସଂଗଠନକୁ ସମାନ ଗୁରୁତ୍ୱ ଦେବା ଅତ୍ୟାବଶ୍ୟକ। ଯଦି ଆମେ କିଛି ସମୟ ପାଇଁ ସ୍କ୍ରିନ୍‌ରୁ ଦୃଷ୍ଟି ହଟାଇ, ସାମ୍ନାରେ ଥିବା ମନୁଷ୍ୟଙ୍କର ମନକୁ ବୁଝିବାର ଚେଷ୍ଟା କରିପାରିବା, ତେବେ ଦୟା ଓ ସହାନୁଭୂତି ପୁନଃ ଆମ ସମାଜର ସବୁଠୁ ବଡ଼ ଶକ୍ତି ହୋଇ ଉଠିପାରିବ। ଏହା କେବଳ ଏକ ନୈତିକ ଦାୟିତ୍ୱ ନୁହେଁ; ଏହା ଆମ ସମ୍ପର୍କ, ପରିବାର, ସମାଜ ଓ ପିଢ଼ୀଗତ ମୂଲ୍ୟବୋଧକୁ ଦୃଢ଼ କରିବାର ଏକ ଶକ୍ତିଶାଳୀ ମାଧ୍ୟମ। ଯଦି ଆମେ ଏହାର ସତ୍ୟତାକୁ ବୁଝିବା ଓ ଅନୁସରଣ କରିବାରେ ସଚେତନ ହେବା, ତେବେ ଆମ ସମାଜ କେବଳ ଉନ୍ନତିଶୀଳ ନୁହେଁ, ବରଂ ଦୟା, ସହାନୁଭୂତି ଓ ମନୁଷ୍ୟତ୍ୱର ଏକ ପ୍ରତିମା ଭାବେ ଆଗକୁ ବଢ଼ିପାରିବ।


+ବରୁଣା, ରାଜକନିକା,
କେନ୍ଦ୍ରାପଡା


## ଓଡ଼ିଆ ଜାତିର ଶତାବ୍ଦୀର ସୂର୍ଯ୍ୟ ମଧୁବାବୁ



**ମୀରା ବେଉରା**

'ଉତ୍କଳସ୍ୟ ସମୋଦେଶ ନାସ୍ତି ମହୀତଳେ'- ଯେଉଁ ଓଡ଼ିଶାରେ ସୁନାର ବୋଇତ ଲାଗୁଥିଲା, ଇଣ୍ଡୋନେସିଆ, ଜାଭା, ବୋର୍ଣ୍ଣିଓ, ସୁମାତ୍ରା, ବ୍ରହ୍ମଦେଶ, ସିଂହଳ ଭଳି ଦ୍ୱୀପପୁଂଜରେ - ଯାହାକୁ ନେଇ ଏ ବୀର ଓଡ଼ିଆ ଜାତି ଗର୍ବରେ ମୁଣ୍ଡ ଟେକି ଚାଲିଛି ଏବଂ ଯେଉଁ ଦୁଃସାହସିକ କଳିଙ୍ଗ ଯୁଦ୍ଧରେ ଏ ଦୁର୍ଦ୍ଧର୍ଷ ଜାତିର ମହାନ ବଳ ବୀର୍ଯ୍ୟର ପରିଚୟ ଦେଇ ସମଗ୍ର ବିଶ୍ୱ ଇତିହାସର ସୁନେଲି ପୃଷ୍ଠା ଥରାଇ ଦେଇଥିଲେ ଐତିହାସିକମାନେ ମଧ୍ୟ ଚେତା ହରାଇଥିଲେ, ଯେଉଁ ଜାତିର କଳା କୋଣାର୍କର ନିଦର୍ଶନ ପର୍ଯ୍ୟଟକଙ୍କ ଆଖିରୁ ନିଦ ହଜାଇ ଦେଇଥିଲା, ପୁଣି ଯେଉଁ ରାଜ୍ୟର ରାଜା ରାଜ୍ୟ ଓ ରାଜ ସିଂହାସନ ପରିତ୍ୟାଗ କରି ବିଶ୍ୱ ଐତିହ୍ୟର ଜୟଯାତ୍ରା ରଥ ଯାତ୍ରାରେ ଝାଡୁଦାର ହେବାପାଇଁ ଅଧିକ ପସନ୍ଦ କରିଥିଲେ; ଏହି ସେହି ଉତ୍କଳ। 'ବନ୍ଦେ ଉତ୍କଳ ଜନନୀ' ସଂଗୀତ ଯେଉଁଠି ତାର ତରଙ୍ଗରେ ଝଂକୃତ କରେ ପ୍ରତିଟି ଓଡ଼ିଆକୁ, ବାରଶହ ବେଢ଼େଇଙ୍କ ଜୀବନ ରକ୍ଷା ପାଇଁ ଓଡ଼ିଆ ଶିଶୁ ଧରମା ଚନ୍ଦ୍ରଭାଗାକୁ ଲ ପ୍ରଦାନ କରିଥିଲା ଓ ସେଦିନ ଶିଶୁ ବାଜି ରାଉତ ସିପାହୀଙ୍କ ଗୁଳିକୁ ଭୃକ୍ଷେପ କରି ନଥିଲା। ଏହି ତ୍ୟାଗ ଓ ଆଦର୍ଶ କେବଳ ଓଡ଼ିଆ ଜାତିର ହିଁ ଥିଲା ଅନ୍ୟ କୌଣସି ଜାତିର ଏହିଭଳି ଜାତୀୟତାବୋଧ ପ୍ରାୟତଃ ଦେଖା ଯାଏନାହିଁ। ଓଡ଼ିଆ ଜାତିର ସାହିତ୍ୟର ଇତିହାସରେ ଯେଉଁ ମହାନ ସ୍ୱାଧୀନତା ସଂଗ୍ରାମୀ ନିଜର ଧନ, ମାନ ଓ ଯଶ - ସବୁକିଛିକୁ ବଳି ଚଢ଼ାଇ ଓଡ଼ିଆ ଜାତିକୁ ସମୃଦ୍ଧ କରିବାକୁ କେବଳ ସ୍ୱପ୍ନ ଦେଖି ନଥିଲେ ବରଂ ସ୍ୱାଧୀନତା ସଂଗ୍ରାମକୁ ଲ ପ୍ରଦାନ କରି ଏ ଓଡ଼ିଆ ମାଟିର ଚିର ସ୍ୱାଭିମାନ ପାଲଟି ଯାଇଥିଲେ, ସେମାନଙ୍କ ମଧ୍ୟରେ ସବୁଠାରୁ ଶୀର୍ଷରେ ଥିଲେ କୁଳବୃଦ୍ଧ ଓଡ଼ିଆ ଜାତିର ପ୍ରାଣ ପ୍ରତିଷ୍ଠାତା ମଧୁ ସୂଦନ ଦାସ। ଓଡ଼ିଶାର ପୁରପଲ୍ଲୀରେ ସେ ମଧୁ ବାରିଷ୍ଟର ଭାବରେ ବେଶ୍ ସୁପରିଚିତ। ପ୍ରତ୍ୟେକ ମା ଚାହୁଁଥିଲା ତା' ପୁଅ ମଧୁବାବୁ ପରି ବାରିଷ୍ଟରଟିଏ ହେଉ। ପ୍ରତ୍ୟେକ ଓଡ଼ିଆ ଶିଶୁ ସେଦିନ ଗାଉଥିଲା: 'ପାଠ ପଢ଼ିବି

> ପାଠ ପଢ଼ିବି,
> କାଳିଆ ଘୋଡ଼ାରେ ଚଢ଼ିବି
> ମଧୁବାବୁ ସଙ୍ଗେ ଲଢ଼ିବି ॥'

ପ୍ରକୃତରେ ମଧୁବାବୁ ଥିଲେ ଏ ଓଡ଼ିଆ ଜାତିର ଚିର ଅମ୍ଳାନ ପ୍ରତିଭା ସମ୍ପନ୍ନ ଯଶସ୍ୱୀ ସ୍ୱାଭିମାନୀ ଭୌମିକ ପୁରୁଷ। ସେ ହିଁ ଥିଲେ ଏକମାତ୍ର ଓଡ଼ିଆ ଯିଏ ନିଜର ନିର୍ଭିକତା ଉଦାରତା, ସ୍ପଷ୍ଟବାଦୀତା, ସାହସିକତା ଓ କର୍ତ୍ତବ୍ୟ ପରାୟଣତା ପାଇଁ ପ୍ରତିଟି ଓଡ଼ିଆଙ୍କ ପାଖରେ ଚିର ଅମର ହୋଇଛନ୍ତି। ଓଡ଼ିଆ ଜାତୀୟତାର ଜନକ ମଧୁବାବୁ ମୁମୂର୍ଷୁ ଓଡ଼ିଆ ପ୍ରାଣର ଜାତିପ୍ରେମ ଓ ସ୍ୱଦେଶ ପ୍ରେମ ବହ୍ନି ଜାଳି ଦେଇଥିଲେ। ସେଦିନ ତାଙ୍କର ଓଡ଼ିଆ ଭାଷୀ ଅଂଚଳର ଏକତ୍ରୀ କରଣ ଆଗ୍ନେୟ ଶପଥ ଶେଷ ନିଃଶ୍ୱାସ ତ୍ୟାଗ ପର୍ଯ୍ୟନ୍ତ ରହିଥିଲା। ଦୀର୍ଘ ଯାତ୍ରାରେ ମଧୁବାବୁ ଥିଲେ ଜଣେ ଅପ୍ରତିଦ୍ୱନ୍ଦୀ ଜନନାୟକ ଓ ଓଡ଼ିଶା ଇତିହାସର ନିୟମାକ। ମଧୁବାବୁ ହିଁ ନବଉତ୍କଳର ସଫଳ ନେତା। ଓଡ଼ିଆ ଭାଷା ଓ ଓଡ଼ିଆ ଜାତିର ଉଜ୍ଜ୍ୱଳତମ ଧ୍ରୁବତାରା, ଯାହାର ଆଲୋକରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ସମ୍ଭବ ହୋଇଥିଲା ଏବଂ ଓଡ଼ିଆ ପୁଅ ଗର୍ବିତ ଓ ଗୌରବାନ୍ୱିତ ହୋଇଥିଲା।

ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟରେ ପରିଣତ କରିବାପାଇଁ ଜୀବନ ବ୍ୟାପୀ ସ୍ୱପ୍ନ ଦେଖି ତାକୁ ସାକାର କରିବାପାଇଁ ମଧୁବାବୁଙ୍କୁ ବହୁ ସାଧନାର ଦୁର୍ଗମ ପଥ ଗତି କରିବାକୁ ପଡ଼ିଥିଲା। ଅତି ପିଲାଟି ଦିନରୁ 'ତୁମ ପରି ଛୋଟ ପିଲାଟିଏ' କବିତାରେ ତାଙ୍କ ବ୍ୟକ୍ତିତ୍ୱର ଆଭାଷ ମିଳିଥିଲା। ତତ୍କାଳୀନ ଓଡ଼ିଶାର ଦୟନୀୟ ଛାୟାଚିତ୍ର ତାଙ୍କୁ ଅଧିକ ବ୍ୟଥିତ କରିଥିଲା। ଆଜି ମଧୁବାବୁଙ୍କ ପାଇଁ ଆମର ବୌଦ୍ଧିକ, ଶୈକ୍ଷିକ, ରାଜନୈତିକ, ସାଂସ୍କୃତିକ, ସାହିତ୍ୟିକ, ସାମାଜିକ, ଆତ୍ମିକ ଉନ୍ନତ ମାନବ ସମ୍ବଳ ଦେଶ ବିଦେଶରେ ଉଚ୍ଚ ପ୍ରଶଂସିତ ହୋଇଛି। ସେଦିନ ଓକିଲାତିକୁ ପେଶା କରି ମଧୁବାବୁ ଚାହିଁଥିଲେ ଅଜସ୍ର ଟଙ୍କା ଉପାର୍ଜ୍ଜନ କରି ଆନନ୍ଦ ଭୋଗ ବିଳାସ ସମ୍ପନ୍ନ ଜୀବନ ଯାପନ କରି ମହାନନ୍ଦରେ ଆଜିର ଯୁବପୀଢ଼ିମାନଙ୍କ ପରି ବିଦେଶରେ ରହି ପାରିଥାନ୍ତେ। ମାତ୍ର ମଧୁବାବୁ ଥିଲେ ଏହାର ସଂପୂର୍ଣ୍ଣ ବ୍ୟତିକ୍ରମ। ସେହି ପ୍ରଜ୍ଞାପୁରୁଷ ଓଡ଼ିଆ ଜାତି ପାଇଁ, ଓଡ଼ିଆ ଭାଷାର ଉନ୍ନତି ପାଇଁ ନାରୀ ଶିକ୍ଷାର ବିକାଶ ପାଇଁ, ଓଡ଼ିଶାରେ କୁଟୀର ଶିଳ୍ପର ବିକାଶ ପାଇଁ ନିଜର ଉପାର୍ଜ୍ଜନ ଅର୍ଥକୁ ସଂପୂର୍ଣ୍ଣ ବ୍ୟୟ କରି ନିସ୍ୱ ଦରିଦ୍ର ହେବାପାଇଁ ଆଦୌ କୁଣ୍ଠା ପ୍ରକାଶ କରିନଥିଲେ। ଏଭଳି ଚିର ସ୍ୱାଭିମାନୀ ନିର୍ଭିକ ଉଦାର ଚିନ୍ତାଧାରାର ବ୍ୟକ୍ତି ସମଗ୍ର ଭାରତ ବର୍ଷରେ ମଧ୍ୟ ବିରଳ। ଓଡ଼ିଶାର ସଂସ୍କୃତି, ପରଂପରା, କଳା, ଐତିହ୍ୟ, ସ୍ଥାପତ୍ୟ, ଭାସ୍କର୍ଯ୍ୟ, ସାହିତ୍ୟ ଦର୍ଶନତତ୍ତ୍ୱକୁ ନେଇ ଯଦି କିଏ ବିଶ୍ୱ ଦରବାରରେ ପହଞ୍ଚାଇ ଥିଲେ ସେ ଥିଲେ ଏକମାତ୍ର ବୀରପୁରୁଷ ଚିର ସ୍ୱାଭିମାନୀ ମଧୁବାବୁ। ଇଂରେଜ ମାନଙ୍କର ଅହଂକାର ପାଖରେ କେବେ ବି ମଥା ନୁଆଁଇ ନଥିଲେ ମଧୁବାବୁ। ସେଥିପାଇଁ ସେଦିନ ସେ ଲେଖିଥିଲେ -

> 'ତୁ ପରା ବୋଲାଉ ଉତ୍କଳ ସନ୍ତାନ
> ତେବେ କିଂପା ତୁହି ଭୀରୁ
> ତୋହର ଜନନୀ ରୋଦନ କରିଲେ
> କହିବାକୁ କିମ୍ପା ଡରୁ॥
> ତୋ' ପୂର୍ବ ପୁରୁଷ ଜୟ କରିଥିଲେ
> ଗଂଗାଠୁ ଗୋଦାବରୀ
> ତାଙ୍କରି ଔରସେ ଜନ୍ମହୋଇ
> କେଉଁ ଗୁଣେ ତାଙ୍କୁ ସରି ॥

ମଧୁବାବୁ ୧୮୪୮ ମସିହା ଏପ୍ରିଲ ୨୮ ତାରିଖରେ କଟକ ଜିଲ୍ଲାର ସତ୍ୟଭାମାପୁର ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ। ୧୯୦୩ ମସିହାରେ ମଧୁବାବୁ ପ୍ରତିଷ୍ଠା କରିଥିଲେ ଉତ୍କଳ ସମ୍ମିଳନୀ। ୧୯୦୩ ମସିହାରେ ମାନ୍ଦ୍ରାଜ ଅଧିବେଶନରେ ଯେତେବେଳେ ଭାରତୀୟ ଜାତୀୟ କଂଗ୍ରେସ ଓଡ଼ିଆ ଭାଷାଭାଷୀ ଅଂଚଳରେ ଏକତ୍ରୀକରଣକୁ ସମର୍ଥନକୁ କରିନଥିଲା ମଧୁବାବୁ ବାଧ ହୋଇ କଂଗ୍ରେସ ସହିତ ନିଜର ସଂପର୍କ ଛିନ୍ନ କରିଥିଲେ। ବଙ୍ଗ ଲେଜିସଲେଟିଭ କାଉନସିଲର ପ୍ରତିନିଧି ଭାବେ ମଧୁବାବୁ ରେଭେନ୍ସା ମହାବିଦ୍ୟାଳୟର ଉନ୍ନତି ପାଇଁ ଅନୁଦାନ ଦେବାକୁ ସରକାରଙ୍କ ଉପରେ ଚାପ ପକାଇଥିଲେ। ତାଙ୍କରି ଉଦ୍ୟମ ଯୋଗୁ ୧୯୦୭ ମସିହାରେ ଓଡ଼ିଶାର ଏକମାତ୍ର ବାଳିକା ବିଦ୍ୟାଳୟ ବନ୍ଦହେବା ପରିବର୍ତ୍ତେ ତାଙ୍କର ପାଳିତ କନ୍ୟା ଶୈଳବାଳା ମୁଖ୍ୟ ଶିକ୍ଷୟିତ୍ରୀ ଭାବରେ ଏହାର ଦାୟିତ୍ୱ ବହନ କରିବା ହେତୁ ଏହା ତିଷ୍ଠି ପାରିଥିଲା। ଏବଂ ପରବର୍ତ୍ତୀ ସମୟରେ ଏହା ଶୈଳବାଳା ମହାବିଦ୍ୟାଳୟ ରୂପେ ଉଭା ହୋଇ ଓଡ଼ିଶାରେ ନାରୀଶିକ୍ଷାକୁ ପ୍ରସାରିତ କରିଥିଲା। ମଧୁବାବୁ ମଧ୍ୟ ନାରୀ ମାନଙ୍କର ଭୋଟ ଦେବାର ଅଧିକାର ସପକ୍ଷରେ ଯୁକ୍ତି ବାଢ଼ିଥିଲେ ଯାହା ଭବିଷ୍ୟତରେ କାର୍ଯ୍ୟକାରୀ ହୋଇଥିଲା।

ଓଡ଼ିଶାରେ କୁଟୀର ଶିଳ୍ପର ବିକାଶ ପାଇଁ ସେ ଓଡ଼ିଶାର ପାରଂପାରିକ 'ତାରକସୀ ଶିଳ୍ପର ବିକାଶ ପାଇଁ ଉଦ୍ୟମ କରିଥିଲା। ଆଉ ମଧ୍ୟ କଟକରେ 'ଓଡ଼ିଶାରେ ଆର୍ଟ ୱାୟାର୍ସ' (Orissa Art Wares) ସ୍ଥାପନ କରିଥିଲେ। ଚମଡ଼ାଶିଳ୍ପର ବିକାଶ ପାଇଁ ସେଦିନ କଟକରେ ଉତ୍କଳ ଟ୍ୟାନେରୀ ନାମରେ ଏକ ଯୋତା କାରଖାନା ପ୍ରତିଷ୍ଠା କରିଥିଲେ। ତାଙ୍କର ଉଦ୍ୟମରେ ସେଦିନ ତାଳଗୁଡ଼ କାରଖାନା ମଧ୍ୟ ସ୍ଥାପିତ ହୋଇଥିଲା। ଓଡ଼ିଶାର ଅର୍ଥନୀତିକୁ ପ୍ରଗତିଶୀଳ କରିବା ପାଇଁ ମଧୁବାବୁ ଅପ୍ରାଣ ଉଦ୍ୟମ କରିଥିଲେ। କେବଳ ସେତିକି ନୁହେଁ ୧୯୦୨ ମସିହାରେ ଇଂରେଜ ସରକାର ପୁରୀ ଜଗନ୍ନାଥ ମନ୍ଦିରର ପରିଚାଳନା ପାଇଁ ଯେତେବେଳେ ଜଣେ ଡେପୁଟି ମାଜିଷ୍ଟ୍ରେଟ୍‌ଙ୍କୁ ନିଯୁକ୍ତି କରିଥିଲେ ମଧୁବାବୁ ଏହା ବିରୁଦ୍ଧରେ କଲିକତା ହାଇକୋର୍ଟରେ ଏକ ମକଦ୍ଦମା ଦାୟର କରି ପରଂପରା ଅନୁସାରେ ଗଜପତି ମହାରାଜାଙ୍କୁ ଏହି ମନ୍ଦିର ପରିଚାଳନା ଦାୟିତ୍ୱ ମିଳିବାପାଇଁ ସେ ସେଦିନ ଯୁକ୍ତି କରିଥିଲେ। ଏବଂ ପରେ ଏହାକୁ ସମ୍ମାନ ଜଣାଇ ମାନ୍ୟବର ହାଇକୋର୍ଟ ଗଜପତି ମହାରାଜାଙ୍କୁ ମନ୍ଦିରର ପରିଚାଳନା ଦାୟିତ୍ୱ ଦେଇଥିଲେ। ୧୯୩୪ ମସିହା ଫେବ୍ରୁଆରୀ ୪ ତାରିଖ ଦିନ ଅସ୍ତମିତ ହୋଇଥିଲା ଶତାବ୍ଦୀର ସୂର୍ଯ୍ୟ। ଶୈଳବାଳା ମହିଳା ମହାବିଦ୍ୟାଳୟ ଠାରୁ ତୁଳସୀପୁର ଗୋରାକବର ପର୍ଯ୍ୟନ୍ତ ହଜାର ହଜାର ସମବେତ ଜନତା ଅଶ୍ରୁଳ ନୟନରେ ଶ୍ରଦ୍ଧାଳି ଅର୍ପଣ କରିଥିଲେ ମଧୁବାବୁଙ୍କୁ। ୧୯୩୬ରେ ଉତ୍କଳ ପ୍ରଦେଶ ଗଠନ ହୋଇଛି। ପ୍ରକୃତରେ ସେ ହିଁ ଥିଲେ ଓଡ଼ିଶାର ମହାନାୟକ। ତାଙ୍କୁ ସମ୍ମାନ ଜଣାଇ ଓଡ଼ିଶାରେ ଗଢ଼ି ଉଠିଛି 'ଉତ୍କଳ ଗୌରବ ମଧୁସୂଦନ ସେତୁ' (୨୦୧୮), 'ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ' (୨୦୨୧) ଓ 'ମଧୁବାବୁ ପେନସନ ଯୋଜନା' (ଭିନ୍ନକ୍ଷମ ଲୋକମାନଙ୍କ ପାଇଁ - ୧୯୮୫ ଓ ବାର୍ଦ୍ଧକ୍ୟ ଲୋକମାନଙ୍କ ପାଇଁ - ୧୯୮୯)।

ମଧୁବାବୁ ଏ ମାଟିରୁ ବିଦାୟ ନେଲେ ସତ ମାତ୍ର ତାଙ୍କର ଅଦମ୍ୟ ସାହସ, ହିମାଳୟ ପରି ଦୃଢ଼ ବିଶ୍ୱାସ, ଅକଳନୀୟ ଉତ୍ସାହ ଯଦି ପ୍ରତିଟି ଓଡ଼ିଆ ଯୁବକଙ୍କୁ ପ୍ରେରଣା ଦେବ ଏବଂ ତାଙ୍କରି ପ୍ରେରଣାରେ ଏ ଜାତି ଆହୁରି ସମୃଦ୍ଧ ହୋଇ ବିଶ୍ୱର ଗୁରୁ ହେବ ତେବେ ତାହାହିଁ ହେବ ତାଙ୍କ ପ୍ରତି ଆମର ପ୍ରକୃତ ଶ୍ରଦ୍ଧାଳି।


ମୋ: ୭୮୪୬୯୨୧୪୦୦


### କବିତା କୋଣାର୍କ

## ଏମିତି ମଝିରେ ମଝିରେ ଆସୁଥାନ୍ତୁ

**ପ୍ରାର୍ଥନା ଦାସ**

ମୋ ସହରକୁ ଏମିତି ମଝିରେ ମଝିରେ ଆସୁଥାନ୍ତୁ
ନେତା, ମନ୍ତ୍ରୀ, ରାଷ୍ଟ୍ରପତି...
ଅଥଚ ଏଇ ବାହାନାରେ,
ଚକଚକ ଦିଶିବ ମୋ ସହରର ଗଳିକନ୍ଦି...
ଦୀର୍ଘବର୍ଷର ଅଳିଆ ପୋଖରୀ ହେବ ସଫା..
ରାସ୍ତାରେ ଜଳିବ ଚିକିମିକି ଆଲୁଅବତୀ....
ମଲା, କୋଠା ସବୁ ପିନ୍ଧିବେ ରଙ୍ଗବେରଙ୍ଗର ଶାଢୀ....
ମନ୍ଦିର ଆଖପାଖେ ପଡ଼ିବନି ଅଳିଆ
ରାସ୍ତାରେ ଦିଶିବେନି ଆଉ ଭିକାରି ଯୋଡି...
ଛନଛନ ଦିଶିବ ପ୍ଲାଷ୍ଟିକ ଗଛପତର
ରାସ୍ତାରେ ଜମିରହିବନି ଗୋଡି, ମାଟି ବାଲି....
କୁଜିନେତା ତାଙ୍କ ବାଟ ମାରିନେବେ
ଖାଲି ହସୁଥିବେ ଖିଲିଖିଲି...
ମଲା,ମଝିରେ ମଝିରେ ଏମିତି ବୁଲି ଆସୁଥାନ୍ତୁ ମ,
ଭଙ୍ଗା ରାସ୍ତା ସବୁ ହେଉ ତିଆରି..
ପାଞ୍ଚଦିନ ପାଇଁ ହେଉ ପଛକେ,
ତରବରିଆ ଭାବେ ରାସ୍ତାରେ ଯିବ ପିଚୁ ଭରି...
ଖରାପ ଟ୍ୟାପରୁ ବାହାରିବ ପାଣି
ନଈ ନାଳ ପାଖେ ଲାଗିବ ମାର୍ବଲ ପଥର....
ଧଳା ଧଳା ପୋଷାକ ପିନ୍ଧି ସବୁ ସଜ ହୋଇଯିବେ...
ତେଣେ ମଲା ଗଛରେ କଅଁଳିବ ପତର....


+ଯାଜପୁର
ମୋ-୮୩୩୮୮୯୦୩୭୬


## ପ୍ରତିଧ୍ୱନି

**ମୋହନ କୁମାର ସ୍ୱାଇଁ**



ଜାଣେନା ତୁମର ଠିକଣା କେଉଁଠି
କେଉଁଠି କରିଛ ଘର
ବେଳ ଅବେଳରେ କର୍ଣ୍ଣ ଗହ୍ୱରକୁ
ଶୁଭିଯାଏ ତୁମ ସ୍ୱର ।

ଲଟା ଗହଳରେ ଲୁଚି ରହିଛ କି
ଘର କୋଣେ ଅଛ ବସି
ଡାକ ପକାଇଲେ ପ୍ରତିଧ୍ୱନି ତୁମ
ସମୀରଣେ ଆସେ ଭାସି ।

ଅବିକଳ ତୁମ କଣ୍ଠର ଆବାଜ
ହୃଦୟକୁ ଯାଏ ଛୁଇଁ
ଆଖି ବୁଲେଇଲେ ଦିଶ ନାହିଁ ସିନା
ଅବସ୍ଥିତି ଦିଏ କହି ।

ହୃଦୟ ଆଲୋକ ଲିଭିଯିବା ବେଳେ
ପ୍ରତିଧ୍ୱନି ତୁମ କୁହେ
ଏଇଠି କୋଉଠି ରହିଅଛ ଲୁଚି
ଜୀବନ ସଂଚରି ଦେହେ ।


+ବେଣାପୁର, କଣ୍ଟିଗଡ଼ିଆ, ଯାଜପୁର,
ମୋ: ୮୧୧୮୦୯୯୦୩୮

# ଶରୀର ପାଇଁ ରାମବାଣ କୁନ୍ଦୁରି : ୫ ରୋଗକୁ ସମୂଳେ ନାଶ କରିବାର ରଖେ ଶକ୍ତି



ଖାଦ୍ୟରେ ତଟକା ସବୁଜ ପନିପରିବା ସାମିଲ କରିବା ଦେହ ପାଇଁ ବହୁତ ଭଲ । ଡାକ୍ତର ମଧ ଆମିଷ ଖାଇବାକୁ ମନା କରି ଅଧିକରୁ ଅଧିକ ସବୁଜ ପରିବା ଖାଇବା ପାଇଁ ପରାମର୍ଶ ଦେଇଥା'ନ୍ତି । ତେବେ ସବୁ ଋତୁରେ ଭିନ୍ନ ଭିନ୍ନ ପରିବା ବଜାରକୁ ଆସିଥାଏ । ଯାହା ପୋଷକ ତତ୍ତ୍ୱରେ ଭରପୂର ରହିବା ସହ ଦେହ ପାଇଁ ମଧ ଭଲ ହୋଇଥାଏ । କିନ୍ତୁ ଆଜିକାଲିର ଫାଷ୍ଟଫୁଡ୍ ଜୀବନଶୈଳୀ ଭିତରେ ଆମେ ବିଭିନ୍ନ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଅସୁବିଧାର ଶିକାର ହୋଇଥାଉ । କମ୍ ବୟସରୁ ହିଁ ଡାଏବେଟିସ୍ ,କିଡନି ସମ୍ବନ୍ଧୀୟ ରୋଗ ଏବଂ ଫୁସଫୁସ୍ ରୋଗରେ ପୀଡ଼ିତ ରୋଗୀଙ୍କ ସଂଖ୍ୟା ପ୍ରତିଘରେ ବଢ଼ି ବଢ଼ି ଚାଲିଛି । ତେବେ ଏମ୍ସର ପୂର୍ବ କଲସଲଟାଣ୍ଟ ତଥା ସାଓଲ ହାର୍ଟ ସେଣ୍ଟରର ଫାଉଣ୍ଡର ଡକ୍ଟର ବିମଳ ଝାଞ୍ଜର ଏହି ସବୁ ରୋଗ ସହ ମୁକାବିଲା କରିବା ପାଇଁ ଏମିତି ଏକ ପରିବା ବିଷୟରେ କହିଛନ୍ତି ଯାହା ସମସ୍ତଙ୍କୁ ପ୍ରାୟତଃ ଭଲ ଲାଗେ ।

ସାଧାରଣ ଲାଗୁଥିବା ପରିବାଟି ସମସ୍ତଙ୍କ ଘରେ ପ୍ରସ୍ତୁତ ହୁଏ କିନ୍ତୁ ଏହାର ଉପକାରିତା ବିଷୟରେ ପ୍ରାୟତଃ ଲୋକ ଜାଣିନଥିବେ । ଏହି ପରିବାଟି ହେଉଛି କୁନ୍ଦୁରି । କେବଳ ଖାଇବାକୁ ସୁଆଦିଆ ନୁହେଁ ଏହା ସ୍ୱାସ୍ଥ୍ୟ ପାଇଁ ମଧ ମହୌଷଧିର କାମ କରେ । ଓଜନ କମାଇବାଠାରୁ ଆରମ୍ଭ କରି ସୁଗାର୍ କଣ୍ଟ୍ରୋଲ୍ କରିବା,ଖାଦ୍ୟ ହଜମ କରିବା,ହାଡ଼କୁ ମଜଭୁତ କରିବା ଏବଂ ଶରୀରରୁ ବିଷାକ୍ତ ପଦାର୍ଥ ଅର୍ଥାତ ଟକ୍ସିନକୁ ମଧ ବାହାର କରିବାରେ ସାହାଯ୍ୟ କରେ କୁନ୍ଦୁରି । ଏହି ପରିବାରେ ଡାଇଟରି ଫାଇବର୍ ଭରପୁର ପରିମାଣରେ ରହିଥାଏ ଯେଉଁଥିରେ ବ୍ଲଡ୍ ସୁଗାର ଲେବଲ୍ କମ୍ ହୋଇଥାଏ । ଡାଏବେଟିସ୍ ରୋଗୀଙ୍କ ପାଇଁ ଏହି ପରିବାଟି ଖୁବ୍ ଲାଭଦାୟକ । ଗ୍ଲାଇସେମିକ ଇଣ୍ଡେକ୍ସ କାରଣରୁ ଏହା ସୁଗାରର ଲେବଲକୁ ଅବଶୋଷଣ କରି ଧିରେ ଧିରେ ଶରୀରରେ ଏନର୍ଜି ସୃଷ୍ଟି କରେ ।

ଆଜିର ସମୟରେ ଅସ୍ୱାସ୍ଥ୍ୟକର ଖାଦ୍ୟପେୟ କାରଣରୁ ପେଟ ଫୁଲିବା , ଏସିଡିଟି ଭଳି ସମସ୍ୟା ପ୍ରତିଦିନ ଦେଖାଯାଏ । କୁନ୍ଦୁରିରେ ଥିବା ତତ୍ତ୍ୱ ପାଚନ ପ୍ରକ୍ରିୟାକୁ ସୁସ୍ଥ ରଖିବା ସହ ଏସିଡିଟିକୁ କମାଇବାରେ ସହାୟକ ହୁଏ । ଏହି ପରିବା ଓଜନ ବଢ଼ାଇବା ସମସ୍ୟାକୁ ମଧ କମାଇଥାଏ । କମ୍ କ୍ୟାଲୋରିର ଏହି ପରିବା ପେଟ ଭର୍ତ୍ତି କରିବାରେ ସାହାଯ୍ୟ କରେ ତେଣୁ ଓଜନ କମାଇବାରେ ସହାୟକ ହୁଏ । ଓଜନ କମାଇବାକୁ ଚେଷ୍ଟା କରୁଥିବା ବ୍ୟକ୍ତି ଖାଦ୍ୟରେ କୁନ୍ଦୁରି ସାମିଲ କରନ୍ତୁ । ଏହା ଶରୀରକୁ ଭାରି କରିବା ବଦଳରେ ପୋଷକ ତତ୍ତ୍ୱ ପହଞ୍ଚାଇବ । କୁନ୍ଦୁରିରେ କ୍ୟାଲସିୟମ , ଆଇରନ୍ , ଭିଟାମିନ୍-ସିର ମାତ୍ରା ଅଧିକ ଥିବାରୁ ଏହା ଦାନ୍ତ ଏବଂ ହାଡ଼କୁ ମଜଭୁତ କରିବାରେ ସାହାଯ୍ୟ କରେ । ବୟସ୍କ ବ୍ୟକ୍ତିବିଶେଷଙ୍କୁ ଖାଦ୍ୟରେ କୁନ୍ଦୁରି ସାମିଲ କରିବା ଆବଶ୍ୟକ । ଏହାଛଡ଼ା ଆମେ ପ୍ରତିଦିନ ଖାଉଥିବା ତେଲ , ମସଲା ଭଳି ଟକ୍ସିନ ପଦାର୍ଥ ଶରୀରକୁ ଏକପ୍ରକାର ଅଳିଆଗଦା କରିଦେଇଥା'ନ୍ତି । ଏହି ଟକ୍ସିନ ପଦାର୍ଥକୁ କୁନ୍ଦୁରି ଶରୀରରୁ ବାହାର କରିବାରେ ସାହାଯ୍ୟ କରେ ।

# ଆପଣ ସବୁବେଳେ ଦୁର୍ବଳ ଅନୁଭବ କରୁଛନ୍ତି କି; କରନ୍ତୁ ଏହି ଯୋଗ, ଶରୀରରେ ଖେଳିଯିବ ଶକ୍ତି



ଦିନ ସାରା କ୍ଲାନ୍ତ ଲାଗିବା ଅବସ୍ଥାକୁ କ୍ରନିକ୍ ଫଟିଗ୍ ସିଣ୍ଡ୍ରୋମ କୁହାଯାଏ। ଏଭଳି ଥକାପଣ ଏବଂ ଦୁର୍ବଳତାକୁ ଦୂର କରିବା ପାଇଁ, ଆପଣ ଦିନସାରା ଶୋଇଲେ ବି କିଛି ଲାଭ ହୁଏନି। ଏପରି ପରିସ୍ଥିତିରେ, ଥକାପଣ ଏବଂ ଦୁର୍ବଳତାର ଏହି ସମସ୍ୟାରୁ ମୁକ୍ତି ପାଇବା ପାଇଁ ଆପଣ ଯୋଗ କରିପାରିବେ। ଆଜିକାଲିର ଖରାପ ଜୀବନଶୈଳୀ, ଖାଦ୍ୟରେ ଗଡବଡ ଏବଂ ନିଦ୍ରା ଅଭାବ ହେତୁ ଲୋକମାନେ ଅନେକ ଶାରୀରିକ ଏବଂ ମାନସିକ ସମସ୍ୟାର ଶିକାର ହେଉଛନ୍ତି। ଏମିତି ଅବସ୍ଥାରେ ବ୍ୟକ୍ତି ଦିନସାରା କ୍ଲାନ୍ତ ଅନୁଭବ କରିବା ସ୍ୱାଭାବିକ। ଆପଣ ବିଶ୍ରାମ ନିଅନ୍ତି ବା କିଛି କାମ ନ କରନ୍ତୁ କିନ୍ତୁ ଆଭ୍ୟନ୍ତରୀଣ ଭାବରେ ଆପଣ ଦୁର୍ବଳ ଏବଂ କ୍ଲାନ୍ତ ଅନୁଭବ କରନ୍ତି। ଏହି ଅବସ୍ଥାକୁ କ୍ରନିକ୍ ଫଟିଗ୍ ସିଣ୍ଡ୍ରୋମ କୁହାଯାଏ। ଏଭଳି ଥକାପଣ ଏବଂ ଦୁର୍ବଳତାକୁ ଦୂର କରିବା ପାଇଁ, ଆପଣ ଦିନସାରା ବିଛଣାରେ ଶୋଇବାକୁ ଚାହାଁନ୍ତି। ତଥାପି, ଶରୀରରେ ଏତେ ଶକ୍ତି ଅଭାବ ରୁହେ ଯେ ଶରୀର ଓଜନିଆ ଲାଗେ, ଦୁର୍ବଳ ଲାଗେ। ଏପରି ପରିସ୍ଥିତିରେ, ଥକାପଣ ଏବଂ ଦୁର୍ବଳତାର ଏହି ସମସ୍ୟାରୁ ମୁକ୍ତି ପାଇବା ପାଇଁ ଆପଣ ଯୋଗ କରିପାରିବେ। ଯୋଗ କେବଳ ଆପଣଙ୍କ ରୋଗ ପ୍ରତିରୋଧକ ଶକ୍ତି ବଢାଏ ନାହିଁ ବରଂ ଆପଣଙ୍କ ଉର୍ଜାକୁ ମଧ ବଢାଇଥାଏ। ଆଭ୍ୟନ୍ତରୀଣ ଭାବରେ ଆପଣଙ୍କ ଶରୀର ହାଲୁକା ଏବଂ ଶକ୍ତିଶାଳୀ ଅନୁଭବ କରେ। ଯଦି ଆପଣ ମଧ ଏମିତି ସମସ୍ୟାର ସମ୍ମୁଖିନ ହେଉଛନ୍ତି ତେବେ ଏହି ଯୋଗାସନାକୁ ଆପଣଙ୍କର ନିୟମିତ ଅଭ୍ୟାସରେ ଅନ୍ତର୍ଭୁକ୍ତ କରନ୍ତୁ।

*ବାଳାସନ:* ନିୟମିତ ବାଳାସନ ଅଭ୍ୟାସ କରନ୍ତୁ। ଏହି ଆସନ ଚାପକୁ ହ୍ରାସ କରିଥାଏ ଏବଂ ଶକ୍ତି ମଧ ଯୋଗାଇଥାଏ। ବାଳାସନ କରିବାକୁ ହେଲେ ଆଣ୍ଠୁ ଉପରେ ଭୂମିରେ ବସନ୍ତୁ। ଉଭୟ ପାଦକୁ ଏକାଠି ସ୍ପର୍ଶ କରି ଗୋଇଠିକୁ ସାମାନ୍ୟ ଛଡା ରଖନ୍ତୁ। ପିଚାକୁ ଲଗେଇ ଗୋଇଠି ମଝିରେ ବସନ୍ତୁ। ଦୁଇ ଆଣ୍ଠୁକୁ ପ୍ରସାରିତ କରି ରଖନ୍ତୁ ଏକ ଗଭୀର ଶ୍ୱାସ ନେଇ ହାତକୁ ଉପରକୁ ଉଠାନ୍ତି, ଏବଂ ଶ୍ୱାସ ଛାଡି ଆଗକୁ ଝୁଙ୍କନ୍ତୁ। ପେଟକୁ ଦୁଇ ଜଙ୍ଘ ମଝିରେ ରଖନ୍ତୁ। ଏହି ଅବସ୍ଥାରେ କିଛି ସମୟ ରୁହନ୍ତୁ। ପରେ ମୂଳ ଅବସ୍ଥାକୁ ଆସନ୍ତୁ।

*ଧନୁରାସନ:* ଥାଇରଏଡରେ ଧନୁରାସନ ଅଭ୍ୟାସ ଅତ୍ୟନ୍ତ ଲାଭଦାୟକ। ଏହି ଆସନ ଶକ୍ତିଶାଳୀ କରିବା ସହିତ ମେଦବହୁଳତା ହ୍ରାସ କରାଏ। ଏହି ଆସନ ଅଭ୍ୟାସ କରିବା ପାଇଁ ପେଟ ମାଡି ଶୋଇ ପଡନ୍ତୁ ଏବଂ ଅଣ୍ଟା ଆଡକୁ ପାଦ ଆଣନ୍ତୁ। ବର୍ତ୍ତମାନ ଉଭୟ ପାଦକୁ ଦୁଇ ହାତରେ ଧରି ରଖିବାକୁ ଚେଷ୍ଟା କରନ୍ତୁ। ତା'ପରେ ମୁଣ୍ଡ, ଛାତି ଏବଂ ଜଙ୍ଘକୁ ଉପରକୁ ଉଠାନ୍ତୁ ଏବଂ ଶରୀରର ଓଜନକୁ ପେଟର ନିମ୍ନ ଭାଗରେ ରଖନ୍ତୁ। କିଛି ସମୟ ଏହି ଅବସ୍ଥାରେ ରହି ମୂଳ ଅବସ୍ଥାକୁ ଫେରନ୍ତୁ।



*ତାଡାସନ:* ଏହି ଆସନ ସମଗ୍ର ଶରୀର ଉପରେ ପ୍ରଭାବ ପକାଏ। ତାଡାସନ କରିବାକୁ ସିଧା ଠିଆ ହୁଅନ୍ତୁ ଏବଂ ଗୋଡ ମଧ୍ୟରେ କିଛି ଦୂରତା ରଖନ୍ତୁ। ଏକ ଗଭୀର ଶ୍ୱାସ ନେଇ ଉଭୟ ହାତ ଉପରକୁ ଉଠାନ୍ତୁ। ଉପରକୁ ଭିଡି ହୋଇ ଦୁଇ ଗୋଇଠି ଉଠାନ୍ତୁ ଆଉ ପାଦ ଆଙ୍ଗୁଠି ଉପରେ ଠିଆ ହୁଅନ୍ତୁ। ଏହି ଅବସ୍ଥାରେ ଶରୀରର ପ୍ରତ୍ୟେକ ଅଙ୍ଗ ଟାଣି ହୁଏ। ଏହି ଅବସ୍ଥାରେ କିଛି ସମୟ ରହିବା ପରେ ସାଧାରଣ ସ୍ଥିତିକୁ ଫେରନ୍ତୁ। ଏହି ଆସନକୁ ୧୦ରୁ ୧୫ଥର ପୁନରାବୃତ୍ତି କରନ୍ତୁ।

*ଶବାସନ:*

ଶାରୀରିକ ଏବଂ ମାନସିକ ଥକାପଣ ଦୂର କରିବା ପାଇଁ ଶବାସନ ଖୁବ ଲାଭଦାୟକ। ଏହି ଆସନ କରିବା ପାଇଁ, ପିଠି ପଟିଆ ଶୋଇ ଯାଆନ୍ତୁ ଏବଂ ଦୁଇ ଗୋଡ କିଛି ବ୍ୟବଧାନରେ ରଖି ଢିଲା ଛାଡିଦିଅନ୍ତୁ। ଦୁଇ ହାତକୁ ଶରୀରଠାରୁ ଅଳ୍ପ ଦୂରରେ ରଖି ଧୀରେ ଧୀରେ ଆଙ୍ଗୁଠି ଠାରୁ ଆରମ୍ଭ କରି ସମଗ୍ର ଶରୀର ଉପରେ ଧ୍ୟାନ ଦିଅନ୍ତୁ। ମନକୁ ଶାନ୍ତ ରଖନ୍ତୁ ଏବଂ ଶରୀରରେ ଶକ୍ତି ଖେଳିଯିବା ଅନୁଭବ କରନ୍ତୁ।



## ଜଲଦି ଛାଡ଼ନ୍ତୁ ଏ ଅଭ୍ୟାସ

# ଡେରି ରାତିରେ ଖାଉଥିଲେ ସାବଧାନ୍ !

ଆଜିକାଲିର ବ୍ୟସ୍ତବହୁଳ ଜୀବନଶୈଳୀରେ, ବିଳମ୍ବିତ ରାତିରେ ରାତ୍ରୀଭୋଜନ କରିବା ଏକ ସାଧାରଣ ଅଭ୍ୟାସରେ ପରିଣତ ହୋଇଛି । କାମର ଚାପ, ଲମ୍ବା ଶିଫ୍ଟ କିମ୍ବା ଅନିୟମିତ ରୁଟିନ୍ ଯୋଗୁଁ ଲୋକମାନେ ପ୍ରାୟତଃ ରାତିରେ ରାତ୍ରୀଭୋଜନ କରନ୍ତି । ଏହି ଅଭ୍ୟାସ ଆମ ସ୍ୱାସ୍ଥ୍ୟ ଉପରେ ଗମ୍ଭୀର ନକାରାତ୍ମକ ପ୍ରଭାବ ପକାଏ । ଆୟୁର୍ବେଦ ଏବଂ ଆଧୁନିକ ବିଜ୍ଞାନ ଉଭୟ ଗୁରୁତ୍ୱାରୋପ କରନ୍ତି ଯେ ଆମର ପାଚନ ତନ୍ତ୍ର ରାତିରେ ସବୁଠାରୁ ଧୀର କାମ କରେ ଏବଂ ବିଳମ୍ବିତ ରାତିରେ ଖାଇବା ଶରୀର ଉପରେ ଅନାବଶ୍ୟକ ଚାପ ପକାଇଥାଏ । ଏହା କେବଳ ଓଜନ ବୃଦ୍ଧିର କାରଣ ନୁହେଁ, ବରଂ ଏହା ଅନେକ ଗମ୍ଭୀର ରୋଗର ଆଶଙ୍କା ମଧ ବୃଦ୍ଧି କରେ । ରାତ୍ରୀଭୋଜନ ଏବଂ ଶୋଇବା ସମୟ ମଧ୍ୟରେ ଏକ ସୁସ୍ଥ ବ୍ୟବଧାନ ବଜାୟ ରଖିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଜାଣନ୍ତୁ ଏହି ଅଭ୍ୟାସ ଦ୍ୱାରା ଶରୀରରେ କେଉଁ ରୋଗ ହୋଇପାରେ ଏବଂ ଏହି ଅଭ୍ୟାସକୁ କିପରି ଏଡାଇ ଦିଆଯାଇପାରିବ ।

-ବିଳମ୍ବିତ ରାତିରେ ଭୋଜନ କରିବା ଦ୍ୱାରା ଓଜନ ବୃଦ୍ଧି ହେବାର ସମ୍ଭାବନା ଅଧିକ
-ରାତିରେ ସମୟରେ ଶରୀରର ମେଟାବୋଲିଜିମ୍ ସ୍ତର ଧୀମା ହୋଇଯାଏ
-ବିଳମ୍ବରେ ଖାଇବା ଦ୍ୱାରା ଅତ୍ୟଧିକ କ୍ୟାଲୋରି ଉତ୍ପନ୍ନ ହୋଇଥାଏ
-ଶରୀର ଏହାକୁ ସମ୍ପୂର୍ଣ୍ଣ ଶକ୍ତିରେ ପରିବର୍ତ୍ତନ କରିପାରି ନଥାଏ
-ଅତିରିକ୍ତ କ୍ୟାଲୋରି ଶରୀରରେ ଚର୍ବି ଭାବରେ ସଞ୍ଚିତ ହୁଏ, ଯାହା ଓଜନ ବୃଦ୍ଧି କରେ
-ବିଳମ୍ବିତ ରାତିରେ ଖାଇବା ଦ୍ୱାରା ରକ୍ତରେ ଶର୍କରା ସ୍ତର ବୃଦ୍ଧି ପାଏ
-ଇନସୁଲିନ୍ ମାତ୍ରା ହ୍ରାସ ପାଏ, ଯାହା ରକ୍ତ ଶର୍କରାକୁ ନିୟନ୍ତ୍ରଣ କରିବାକୁ ଅକ୍ଷମ ହୁଏ
-ଟାଇପ୍-୨ ମଧୁମେହ ହେବାର ଆଶଙ୍କା ବହୁତ ବଢ଼ିଯାଏ
-ରକ୍ତଚାପ ଏବଂ କୋଲେଷ୍ଟ୍ରଲ୍ ସ୍ତର ବଢ଼ିପାରେ
-ଯାହା ହୃଦରୋଗ ଏବଂ ଷ୍ଟ୍ରୋକ୍ ପାଇଁ ପ୍ରମୁଖ ବିପଦର କାରଣ
-ରାତିରେ ଭାରି ଖାଦ୍ୟ ଖାଇବା ଦ୍ୱାରା ପାଚନ ପ୍ରଣାଳୀ ଉପରେ ଚାପ ପଡ଼ିଥାଏ
-ଏହା ହୃଦୟ ସ୍ୱାସ୍ଥ୍ୟକୁ ମଧ ପ୍ରଭାବିତ କରିଥାଏ
-ବିଳମ୍ବିତ ରାତିରେ ଖାଇବାର ଅଭ୍ୟାସ ପରିହାର କରନ୍ତୁ
-ରାତିରେ ଭୋକ ଲାଗୁଥିଲେ ହାଲୁକା ଖାଦ୍ୟ ଗ୍ରହଣ କରିପାରିବେ

# ଏସବୁ ପତ୍ରକୁ ଖାଲି ପେଟରେ ଖାଇଲେ ଯିବାକୁ ପଡ଼ିବନି ମେଡିକାଲ : ସୁସ୍ଥ ରହିବ ହାର୍ଟ



ଖାଲିପେଟରେ ଖାଇଲେ ପାଚନକ୍ରିୟା ସକ୍ରିୟ ହୋଇଥାଏ। ଭୁର୍ସଙ୍ଗ ପତ୍ରକୁ ଖାଲିପେଟରେ ଚୋବେଇ ଖାଇଲେ ହାର୍ଟ ଭଲ ରହିଥାଏ ବୋଲି ବିଶ୍ୱାସ କରାଯାଏ। ଜୁଆଣି ପତ୍ରକୁ ବି ଖାଲିପେଟରେ ଚୋବେଇ ଖାଇବା ସ୍ୱାସ୍ଥ୍ୟ ପକ୍ଷେ ଉପକାରୀ ହୋଇଥାଏ। ମୁଖ୍ୟତଃ ପେଟ ଜନିତ ସମସ୍ୟାରୁ ଏହା ମୁକ୍ତି ଦିଏ। ଜାମୁକୋଳି ପତ୍ରକୁ ଖାଲିପେଟରେ ଚୋବେଇ ଖାଇଲେ ସୁଗାର ନିୟନ୍ତ୍ରଣରେ ରହିଥାଏ ବୋଲି ବିଶ୍ୱାସ କରାଯାଏ। ଖାଲିପେଟରେ ପାନ ଖାଇଲେ ମୁଖ ଦୁର୍ଗନ୍ଧ ଦୂର ହେବା ସହ ପାଚନ କ୍ରିୟା ଠିକ୍ ହୋଇଥାଏ। ସେହିପରି ଖାଲିପେଟରେ ଧନିଆ ପତ୍ରରୁ କିଛି ଚୋବେଇ ଖାଇଲେ କୋଷ୍ଠକାଠିନ୍ୟ ସମସ୍ୟାରୁ ମୁକ୍ତି ମିଳିବା ସହ ଭୋକ ହୋଇଥାଏ। ତା'ଛଡ଼ା ବିଭିନ୍ନ ପ୍ରକାରର ସ୍କିନ୍ ଇନ୍‌ଫେକ୍ସନରୁ ବି ଏହା ରକ୍ଷା କରିଥାଏ।

ଏମିତି ବି କିଛି ଗୁଣକାରୀ ପତ୍ର ରହିଛି; ଯାହାକୁ ଖାଲିପେଟରେ ଚୋବେଇ ଖାଇଲେ ଶରୀରକୁ ଅନେକ ଫାଇଦା ମିଳିଥାଏ। ଯେମିତିକ, ଖାଲିପେଟରେ କିଛି ନିମପତ୍ରକୁ ଚୋବେଇ ଖାଇଲେ ଏହା କୃମି ସମସ୍ୟା ଦୂର କରିବା ସହ ଚର୍ମଜନିତ ରୋଗକୁ କିଛିକାଂଶରେ ମୁକ୍ତି ଦେଇଥାଏ। ଖାଲିପେଟରେ ତୁଳସୀ ପତ୍ର ଖାଇଲେ ଶରୀରରେ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ହୋଇଥାଏ। ପୁଦିନା ପତ୍ରରୁ କିଛି



# କ୍ୟାନ୍‌ସର ଉପରେ ପ୍ରଭାବୀ ଫ୍ଲାସ ରେଡିଓ ଥେରାପି : ନିମିଷକେ କ୍ୟାନ୍‌ସର କୋଷିକାକୁ କରୁଛି ନଷ୍ଟ

ଆଜିର ଦିନରେ ସାରା ବିଶ୍ୱରେ କର୍କଟ ରୋଗୀଙ୍କ ସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଉଛି । ପ୍ରତିବର୍ଷ ପ୍ରାୟ ୬କୋଟିରୁ ଅଧିକ ଲୋକ ଏହି ରୋଗରେ ପ୍ରାଣ ହରାଉଛନ୍ତି । ଭାରତ ସମେତ ଅନେକ ଦେଶରେ କର୍କଟ ସ୍ଥିତି ଉତ୍କଟ ରହିଛି । ଏହା ସବୁଠାରୁ ବିପଦପୂର୍ଣ୍ଣ ରୋଗ ମଧ୍ୟରୁ ଗୋଟିଏ । କର୍କଟ ରୋଗରେ ଆକ୍ରାନ୍ତ ହୋଇଥିବା ବହୁତ କମ୍ ଲୋକ ସୁସ୍ଥ ହୋଇପାରନ୍ତି । ବ୍ୟୟବହୁଳ ସହ ଏହାର ଚିକିତ୍ସା ମଧ ଦୀର୍ଘ ସମୟ ପର୍ଯ୍ୟନ୍ତ ଚାଲିଥାଏ । ଏସବୁ ଭିତରେ କ୍ୟାନ୍ସର ରୋଗୀଙ୍କ ପାଇଁ ଆଶୀର୍ବାଦ ପାଲିଟିଛି ଫ୍ଲାସ ରେଡିଓ ଥେରାପି । ଜାଣନ୍ତୁ ଏହା କଣ ?

କ୍ୟାନ୍‌ସର ପାଇଁ ରାମବାଣ ଫ୍ଲାସ ରେଡିଓ ଥେରାପି !

-ଫ୍ଲାସ ରେଡିଓ ଥେରାପି କ୍ୟାନ୍ସର ଚିକିତ୍ସାର ଅଭିନବ କୌଶଳ
-ଏଥିରେ ବିକିରଣର ସମ୍ପୂର୍ଣ୍ଣ ଡୋଜ୍ ବହୁତ କମ୍ ସମୟରେ ପ୍ରଦାନ କରାଯାଏ
-କ୍ୟାନ୍ସର କୋଷିକାକୁ ଛାଡ଼ିଦେଲେ ସୁସ୍ଥ ଟିସୁ ଉପରେ ବିକିରଣର ପ୍ରଭାବ ହ୍ରାସ ପାଏ
-ବିକିରଣ-ପ୍ରେରିତ ବିଷାକ୍ତତାକୁ ହ୍ରାସ କରିବାରେ ସାହାଯ୍ୟ କରେ

ଏହି ଅତ୍ୟାଧୁନିକ ଚିକିତ୍ସା ପଦ୍ଧତିରେ କିଛି ମିନିଟ୍ ମଧ୍ୟରେ ରୋଗ ଚିହ୍ନଟ ହେବା ସହ ଏହାକୁ ଭଲ କରାଯାଇପାରିବ ରୋଗୀଙ୍କୁ ଅଧିକ ସମୟ ପାଇଁ ହସ୍ପିଟାଲରେ ରହିବାକୁ ପଡ଼ିବ ନାହିଁ । ଏପରି ପରିସ୍ଥିତିରେ ରୋଗୀଙ୍କ ଜୀବନକାଳ ବୃଦ୍ଧି ପାଇବ । କର୍କଟ ରୋଗ ଚିକିତ୍ସାରେ ବ୍ୟବହାର କରାଯାଉଥିବା ପାରମ୍ପରିକ ରେଡିଓ ଥେରାପିର ରେଡିଏସନ୍ ପାଇଁ ଏକାଧିକ ସେସନ୍ସ କରାଯାଇଥାଏ । ଯାହାଦ୍ୱାରା ଶରୀରର ସୁସ୍ଥ କୋଷିକା ନଷ୍ଟ ହେବା ସହ ବ୍ରେନ୍ କ୍ୟାନ୍‌ସର ହେବାର ଆଶଙ୍କା ସୃଷ୍ଟି ହୁଏ । କିନ୍ତୁ ଫ୍ଲାସ୍ ରେଡିଓଥେରାପି ମାତ୍ର ଗୋଟିଏ ସେସନରେ ରୋଗୀକୁ ସମ୍ପୂର୍ଣ୍ଣ ଭାବେ ସୁସ୍ଥ କରିଦେବ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତ ।

# ଚିନିର ପରିମାଣ ହ୍ରାସ : ଶରୀରକୁ ଦିଏ ଅନେକ ଲାଭ ...

ଦୈନନ୍ଦିନ ଚା'ରେ ଚିନିର ପରିମାଣ ହ୍ରାସ କରିବା ଏକ ବଡ଼ କଥା ନ ଲାଗିପାରେ, କିନ୍ତୁ ଏହାଦ୍ୱାରା ଆମ ଶରୀରକୁ ଆଶାତୀତ ଲାଭ ମିଳିଥାଏ। ଚିନି ଛାଡ଼ିବାର ପ୍ରାରମ୍ଭିକ ଦିନଗୁଡ଼ିକ ଆହ୍ୱାନପୂର୍ଣ୍ଣ ହୋଇପାରେ , କାରଣ ଆମର ଜିହ୍ୱା ଓ ମସ୍ତିଷ୍କ ଚିନି ଦ୍ୱାରା ଶୀଘ୍ର ସନ୍ତୋଷରେ ଅଭ୍ୟସ୍ତ। ଚିନି ଛାଡ଼ିବା ପରେ ଆମେ ଚିନି ପାଇଁ ବ୍ୟାକୁଳ ହୋଇପାରନ୍ତି, ଶକ୍ତି ହ୍ରାସ ଅନୁଭବ କରିପାରନ୍ତି, କିମ୍ବା ସାମାନ୍ୟ ମୁଣ୍ଡବିନ୍ଧା ମଧ ଅନୁଭବ କରିପାରନ୍ତି। କାରଣ ଆମ ଶରୀର ପୂର୍ବରୁ ଅଭ୍ୟସ୍ତ ହୋଇପଡ଼ିଥିବା ଦ୍ରୁତ ଗ୍ଲୁକୋଜ୍ ବୃଦ୍ଧିର ଅନୁପସ୍ଥିତି ସହ ଖାପ ଖୁଆଇବା ଆରମ୍ଭ କରିଥାଏ । ବିଶିଷ୍ଟ ଏଣ୍ଡୋକ୍ରାଇନୋଲୋଜିଷ୍ଟମାନଙ୍କ କହିବାନୁସାରେ, ବିନା ଚିନିରେ ଚା' ଅଭ୍ୟାସ କରିବାର ପ୍ରଥମ ସପ୍ତାହ ପରେ ଶରୀରର ରକ୍ତ ଶର୍କରା ସ୍ତର ସ୍ଥିର ହେବା ଆରମ୍ଭ କରେ। ବାରମ୍ବାର ଚିନି ମାତ୍ରାରେ ତୀବ୍ର ବୃଦ୍ଧି ବିହୁନେ ଆମର ଇନସୁଲିନ୍ ସମ୍ବେଦନଶୀଳତା ଉନ୍ନତ ହୋଇଥାଏ, ଯାହା ଶରୀରକୁ ଅଧିକ ଦକ୍ଷତାର ସହ ଶକ୍ତି ବ୍ୟବହାର କରିବାକୁ ଅନୁମତି ଦିଏ । ଖାଇବା ପରେ କମ୍ ଆବେଗିକ ପରିବର୍ତ୍ତନ ଏବଂ କମ୍ ଥକାପଣ ଲକ୍ଷ୍ୟ କରାଯାଇପାରେ। ପ୍ରାୟ ଦୁଇ ସପ୍ତାହ ପରେ ସ୍ୱାଦର ଭାବନା ପୁନଃସ୍ଥାପିତ ହେବା ଆରମ୍ଭ କରେ । ଚା', କ୍ଷୀର କିମ୍ବା ଫଳର ପ୍ରାକୃତିକ ମିଠା ଯଥେଷ୍ଟ ଶକ୍ତିଶାଳୀ ଅନୁଭବ ହେବା ଆରମ୍ଭ ହୁଏ। ମାସର ଶେଷ ସୁଦ୍ଧା ତଜ୍ଜନିତ ଲାଭଗୁଡ଼ିକ ଅଧିକ ଦୃଶ୍ୟମାନ ହୁଏ। ଚିନି ବିନା କ୍ୟାଲୋରି ଗ୍ରହଣ କମିଯିବାରୁ ବିଶେଷ କରି ଅଣ୍ଟା ପାଖରେ ଟିକିଏ ଓଜନ ହ୍ରାସ ମନେହେବ। କମ୍ ଚିନି ସେବନ ମଧ ବ୍ରଣ ଓ ଚର୍ମ ପ୍ରଦାହରେ ଉନ୍ନତି ସହ ଜଡ଼ିତ । ଏହାଦ୍ୱାରା ଶରୀରର ଆଭ୍ୟନ୍ତରୀଣ ସ୍ତରରେ ହୃତ୍‌ପିଣ୍ଡ ଓ ଯକୃତ ମଧ ଲାଭବାନ ହେବେ। ଚିନି କମ୍ କରିବା ଦ୍ୱାରା ଖରାପ କୋଲେଷ୍ଟ୍ରଲ୍ ସ୍ତର ହ୍ରାସ ହେବା ସହ ଫ୍ୟାଟି ଲିଭର୍ ଆଶଙ୍କା ମଧ କମିଥାଏ। ସର୍ବୋପରି ଥରେ ବିନା ଚିନିରେ ଚା' ପିଇବାରେ ଅଭ୍ୟସ୍ତ ହୋଇଗଲେ, ଆଉ ପଛକୁ ଫେରିବା ଦରକାର ପଡ଼େନି।



# ସୋନପୁର ବ୍ଲକ ସ୍ତରୀୟ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ସୁବର୍ଣ୍ଣପୁର, ୩/୨ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ସୋନପୁର ବ୍ଲକ ସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ସୋନପୁର ପଂଚାୟତ ସମିତି ସଭା ଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଯୁଗ୍ମ ଅଭିଯୋଗ ଶୁଣାଣିରେ ଡଃ. ନୃପରାଜ ସାହୁ ଓ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, କେ.କେ. ହରିପ୍ରସାଦ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତି ଓ ସମସ୍ୟା ନିହିତ ସର୍ବମୋଟ ୨୭ଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ। ତନ୍ମଧ୍ୟରୁ ୧୯ଟି ଦରଖାସ୍ତ ବ୍ୟକ୍ତିଗତ ରହିଥିବା ବେଳେ ୮ଟି ସାମୁହିକ ଦରଖାସ୍ତ ହସ୍ତଗତ ହୋଇଥିଲା। ୩ଟି ଦରଖାସ୍ତ ତୁରନ୍ତ ଅଭିଯୋଗ ଶୁଣାଣି ସମୟରେ ଫଏସଲା ହୋଇଥିଲା। ଅବଶିଷ୍ଟ ସମସ୍ତ ସାମୁହିକ ଓ ବ୍ୟକ୍ତିଗତ ଅଭିଯୋଗ ଦରଖାସ୍ତ ଗୁଡିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସୋନପୁର, ପ୍ରତୀକ କୁମାର କରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ଏହି ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ, ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ, ସାଧାରଣ, ସୁବର୍ଣ୍ଣପୁର, ଶ୍ରୀମତି ଅଞ୍ଜଳିନା ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଅଶ୍ୱିନୀ କୁମାର ମେହେର, ଉପ - ଜିଲ୍ଲାପାଳ, ଡ. ସୌମ୍ୟରୂପା ତଥା ଡେପୁଟି କଲେକ୍ଟର, ଅଭିଯୋଗ ଶୁଣାଣୀ, ସୁଶ୍ରୀ ପ୍ରିୟଦର୍ଶିନୀ ସାହୁଙ୍କ ସମେତ ତହସିଲଦାର, ସୋନପୁର, ଶ୍ରୀମତି ସ୍ୱର୍ଣ୍ଣରେଖା ଜି ତଥା ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ, ତହସିଲ ଓ ବ୍ଲକ ସ୍ତରୀୟ ଅଧିକାରୀ, କର୍ମଚାରୀ ବୃନ୍ଦଙ୍କ ସମେତ ଜିଲ୍ଲା ପଂଚାୟତ ଅଧିକାରୀ ତଥା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅର୍ଜୁନ ମାଝୀଙ୍କ ସହିତ ବିଭିନ୍ନ ସମ୍ବାଦ ପତ୍ରର ସାମ୍ବାଦିକ ଓ ବୈଦ୍ୟୁତିକ ଗଣମାଧ୍ୟମର ପ୍ରତିନିଧି ମାନେ ଯୋଗଦାନ କରିଥିଲେ।

## ସୁନାବେଡାରେ ହିନ୍ଦୁ ସମ୍ମିଳନୀ ଆୟୋଜିତ

ଜୟପୁର, ୩/୨ (ନି.ପ୍ର): ସୁନାବେଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ହିନ୍ଦୁ ସମ୍ମିଳନୀର କାର୍ଯ୍ୟବାହ ଚିରଞ୍ଜିବୀ ପରିଛାଙ୍କ ସଭାପତିତ୍ୱରେ ଅୟୋଜିତ କାର୍ଯ୍ୟକ୍ରମ ରେ ସ୍ଥାନୀୟ ସିଡିପିଓ ନଳିନୀ ବେହେରା ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ସମ୍ମିଳନୀର ଆବଶ୍ୟକତା ସମ୍ବନ୍ଧରେ ମାର୍ଗଦର୍ଶନ କରିଥିଲେ। ସହ ସଂଯୋଜକ ସୌରୀ ଚରଣ ନାୟକ ସମ୍ମାନିତ ଅତିଥି ରୂପେ ଯୋଗ ଦେଇ ହିନ୍ଦୁ, ହିନ୍ଦୁତ୍ୱ ଏବଂ ହିନ୍ଦୁସ୍ଥାନ ସମ୍ବନ୍ଧରେ ମତାମତ ଦେଇଥିଲେ। ସ୍ଥାନୀୟ ପ୍ରଧାନ ଆଚାର୍ଯ୍ୟ ଲକ୍ଷ୍ମୀକାନ୍ତ ମିଶ୍ର ମୁଖ୍ୟ ବକ୍ତା ରୂପେ ଯୋଗଦେଇ ସନାତନୀ ହିନ୍ଦୁ ସଂସ୍କୃତିର ଗୌରବମୟ ଇତିହାସ, ବିଶ୍ୱକୁ ଏହି ସଂସ୍କୃତିର ଅବଦାନ ଏବଂ ବର୍ତମାନ ପରିସ୍ଥିତିରେ ହିନ୍ଦୁମାନଙ୍କ କର୍ତବ୍ୟ ସମ୍ପର୍କରେ ମାର୍ଗଦର୍ଶନ କରିଥିଲେ।

# ଗ୍ରାମବାସୀଙ୍କ ଅଭିନବ ପ୍ରତିବାଦ : ଶେଷରେ ଜଙ୍ଗଲ ଜମି ଓ ବୃକ୍ଷର ଯତ୍ନ ଓ ସୁରକ୍ଷାର ଦାୟିତ୍ୱ ନେଲେ ଶ୍ରିପୁରା ଗ୍ରାମବାସୀ

ଝାରସୁଗୁଡା, ୩/୨ (ନି.ପ୍ର): ଝାରସୁଗୁଡା ଜିଲ୍ଲା ସଦର ବ୍ଲକ ସ୍ଥିତ ଶ୍ରିପୁରା ଗ୍ରାମ ର ଶତାଧିକ ମହିଳା ପୁରୁଷ ସୋମବାର ସକାଳୁ ଏକଜୁଟ ହୋଇ ଏପିଶୀଲନ କମ୍ପାନୀ ବେଆଇନ ଭାବରେ ବ୍ୟବହାର କରୁଥିବା ଜଙ୍ଗଲ ଜମିର ସୁରକ୍ଷା କରିବା ସହିତ ରୋପଣ କରିଥିବା ଏକ ହଜାର ବୃକ୍ଷର ଯତ୍ନ ନେଇ ପୁଣି କିଛି ନୂତନ ବୃକ୍ଷ ରୋପଣ କରିଛନ୍ତି । ଏହା ସହିତ ଆଜୀବନ କାଳ ପର୍ଯ୍ୟନ୍ତ ଉକ୍ତ ଜଙ୍ଗଲ ଜମି ଏବଂ ବୃକ୍ଷ ର ସୁରକ୍ଷା କରିବା ପାଇଁ ଗ୍ରାମବାସୀ ବଜ୍ର ଶପଥ ନେଇଛନ୍ତି । ଗତ କିଛି ମାସ ହେବ ଶ୍ରିପୁରା ଗ୍ରାମବାସୀ ଏପିଶୀଲନ କମ୍ପାନୀ ବେଆଇନ ଜଙ୍ଗଲ ଜମି ବ୍ୟବହାର ସହିତ ଜଙ୍ଗଲ ଜମିରେ ବେଆଇନ ପାର୍କିଂ ଓ ଭାରୀଯାନ ଚଳାଚଳକୁ ନେଇ ଝାରସୁଗୁଡା ଡି ଏଫ ଓ, ତହସିଲଦାରଙ୍କୁ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ ସେମାନେ କୌଣସି ପଦକ୍ଷେପ ଗ୍ରହଣ କରି ନ ଥିଲେ । ଶ୍ରିପୁରା ଗ୍ରାମବାସୀଙ୍କ ତରଫରୁ ରାଷ୍ଟ୍ରପତି, କେନ୍ଦ୍ରୀୟ ମାନବ ଅଧିକାର କମିଶନ, ମୁଖ୍ୟମନ୍ତ୍ରୀ, ରାଜସ୍ୱ ମନ୍ତ୍ରୀ, ଜଙ୍ଗଲ ମନ୍ତ୍ରୀ ପ୍ରଭୃତି ଙ୍କୁ ମଧ୍ୟ ଦାବିପତ୍ର ପ୍ରଦାନ କରାଯାଇଥିଲା । ଗତ ୨୦୨୫ ମସିହା ନଭେମ୍ବର ୧୪ ତାରିଖରେ ଏହି ଜଙ୍ଗଲ ଜମି ବେଆଇନ ଦଖଲ ଘଟଣାର ତଦନ୍ତ କରିବା ପାଇଁ ରାଜ୍ୟ ବନ ବିଭାଗରୁ ଜିଲ୍ଲା ବନଖଣ୍ଡ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ସେ ତଦନ୍ତ ନ କରି ନୀରବ ରହିଯାଇଥିଲେ । ଫଳରେ ଶ୍ରିପୁରା ଗ୍ରାମବାସୀ ଗତ ଜାନୁୟାରୀ ୨୫ ତାରିଖରେ ଶ୍ରିପୁରା ଗ୍ରାମପଂଚାୟତ ସରପଂଚ ଯଶୋବନ୍ତୀ ପାଣ୍ଡେଙ୍କ ଅଧକ୍ଷତାରେ ଏକ ଗ୍ରାମସଭା କରି ଜଙ୍ଗଲ ଜମି ଏବଂ ଏକ ହଜାର ବୃକ୍ଷ ଯତ୍ନ ଏବଂ ସୁରକ୍ଷା ପାଇଁ ଫେବୃଆରୀ ୨ ତାରିଖ ଠାରୁ କାର୍ଯ୍ୟ ଆରମ୍ଭ କରିବା ପାଇଁ ନିଷ୍ପତି ନେଇଥିଲେ ଏବଂ ସୋମବାର ସକାଳୁ ଶହ ଶହ ଶ୍ରିପୁରା ଗ୍ରାମବାସୀ ଏକଜୁଟ ହୋଇ ଉକ୍ତ ଜଙ୍ଗଲ ଜମିରେ ପୂର୍ବରୁ କମ୍ପାନୀ ଭାରୀଯାନ ଚଳାଚଳ ପାଇଁ ନଷ୍ଟ ହୋଇଥିବା ଗଛ ଗୁଡିକ ସ୍ଥାନରେ ବୃକ୍ଷରୋପଣ କରିଥିଲେ । ଗ୍ରାମବାସୀ ସମସ୍ତେ ମିଶି ଜଙ୍ଗଲ ଜମି ମଧ୍ୟ ଦେଇ ଯାଉଥିବା ଭାରୀଯାନ ଚଳାଚଳକୁ ସମ୍ପୂର୍ଣ ବନ୍ଦ କରିଥିଲେ ଏବଂ ଏହା ସହିତ ସମସ୍ତ ବୃକ୍ଷ ଗୁଡିକରେ ପାଣି ଦେବା ସହିତ ନୂତନ ବୃକ୍ଷ ରୋପଣ କରିଥିଲେ । ଗ୍ରାମବାସୀ ଆଜିଠାରୁ ଜାତୀୟ ସମ୍ପତି ତଥା ଗ୍ରାମର ଜଙ୍ଗଲ ଜମିକୁ କାହାରିକୁ ଦିଆ ନଯାଇ ଗ୍ରାମ ତଥା ଦେଶ ଜାତିର କାର୍ଯ୍ୟ ପାଇଁ ବ୍ୟବହାର କରିବା, ଜଙ୍ଗଲ ଜମିରେ ନୂତନ ବୃକ୍ଷ ରୋପଣ କରି ନୂତନ ଜଙ୍ଗଲ ସୃଷ୍ଟି କରିବା ଆଦି କାର୍ଯ୍ୟରେ ଲଗାଇବା ପାଇଁ ବଜ୍ର ଶପଥ ନେଇଛନ୍ତି । ଏହି ଜଙ୍ଗଲ ଜମି ସୁରକ୍ଷା ଏବଂ ଏକ ହଜାର ବୃକ୍ଷର ଯତ୍ନ କାର୍ଯ୍ୟକ୍ରମରେ ଶ୍ରିପୁରା ଗ୍ରାମର ଜିଲ୍ଲା ପରିଷଦ ସଭ୍ୟ ଦିଗାମ୍ବର ଭୋଇ, ଲୋକମୁକ୍ତି ସଙ୍ଗଠନ ର ଅନନ୍ତ ପଣ୍ଡା, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ମିନତୀ ପାତ୍ର, ବିରଂଚି ମାଝୀଙ୍କ ସହିତ ଶ୍ରିପୁରା ଗ୍ରାମର ଶତାଧିକ ମହିଳା ପୁରୁଷ ଉପସ୍ଥିତ ରହିଥିଲେ ।

# ଜିଲ୍ଲା ରାଜସ୍ୱ ବିଭାଗୀୟସ୍ତରୀୟ ସମୀକ୍ଷା ବୈଠକ

ସମ୍ବଲପୁର, ୩/୨ (ନି.ପ୍ର): ଆଜି ସମ୍ବଲପୁର ଜିଲ୍ଲା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସର୍ବ ଶିକ୍ଷା ଅଭିଯାନ ସମ୍ମିଳନୀ କକ୍ଷ ପରିସରରେ ରାଜ୍ୟ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧକ୍ଷତାରେ ରାଜସ୍ୱ ବିଭାଗୀୟ ସ୍ତରୀୟ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଆହୁତ ବୈଠକରେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ, ରାଜସ୍ୱ ବିଭାଗ ଯୁଗ୍ମ ସଚିବ ପ୍ରଦୀପ କୁମାର ସାହୁ, ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସୁଧାଂଶୁ କୁମାର ଭୋଇଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ।

ଏହି ସମୀକ୍ଷା ବୈଠକରେ ଜମି ଅଧିଗ୍ରହଣ, ସାଧାରଣ ଲୋକଙ୍କ ଅଭିଯୋଗ ସମାଧାନ, ସମ୍ବଲପୁର ରିଙ୍ଗରୋଡ୍ (ପର୍ଯ୍ୟାୟ-୧ ଓ ୨) ର ନିର୍ମାଣ କାର୍ଯ୍ୟ, ଇଷ୍ଟ କୋଷ୍ଟ୍ ରେଲୱେର ଜରପଡାରୁ ସମ୍ବଲପୁର ସିଟି ପର୍ଯ୍ୟନ୍ତ ୩ୟ ଓ ୪ର୍ଥ ରେଳ ଲାଇନ୍, ସର୍ଲା-ଶାସନ୍ ପ୍ୟାଚ୍‌ରେ ରେଳ ଲାଇନ୍ ବିସ୍ତାର, ସମ୍ବଲପୁର ସିଟିରୁ ସରଳା ପର୍ଯ୍ୟନ୍ତ ରେଳ ଫ୍ଲାଇଓଭର, ସମ୍ବଲପୁର ସହରରୁ ସମ୍ବଲପୁର ସିଟି ପର୍ଯ୍ୟନ୍ତ ରେଳ ଫ୍ଲାଇଓଭର ଇତ୍ୟାଦି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ଉପରେ ସହିତ ଓଏଲ୍‌ଆର ଆଇନ୍ ଅନୁଯାୟୀ ମ୍ୟୁଟେସନ୍ ମାମଲା, ଓଆରଟିପିଏସ୍ ଆଇନ୍ ଅଧୀନରେ ବିଭିନ୍ନ ସନଦ ପ୍ରଦାନ, ବସୁନ୍ଧରା-୨୦୨୪ ଓ ୨୦୨୫, ଜମି ମାଲିକାନା ସ୍ପଷ୍ଟ କରିବା ପାଇଁ ଭୁଲେଖ କଲମ୍-୨ ସଂଶୋଧନ, କୃଷକ ପଞ୍ଜିକରଣ, ଶିକ୍ଷାନୁଷ୍ଠାନ ମାନଙ୍କର ସ୍ଥିତି, ସୀମା ପରିବର୍ତ୍ତନ ପ୍ରକ୍ରିୟା ଏବଂ ଟିକସ ଆଦାୟ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା।

# ୨୬ତମ ସମ୍ବଲପୁର ପୁସ୍ତକମେଳା ଉଦ୍‌ଯାପିତ

ସମ୍ବଲପୁର, ୩/୨ (ନି.ପ୍ର): ୨୫୦ ଟି ସାହିତ୍ୟ ପସ୍ତକର ଷ୍ଟଲ ସହିତ ଚାଲିଥିବା ପୁସ୍ତକ, ସଂସ୍କୃତି ଏବଂ ପିଲାମାନଙ୍କ ସମାଗମ ୨୬ତମ ସମ୍ବଲପୁର ପୁସ୍ତକ ମେଳା ଆଜି ଉଦ୍‌ଯାପିତ ହୋଇଯାଇଛି। ଶିଶୁ ମଣ୍ଡପରେ ପ୍ରତିଦିନ ହଜାରରୁ ଊର୍ଦ୍ଧ୍ୱ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଭିଡ଼ ଜମିଥିଲା। ପିଲାମାନଙ୍କ ସହ ଅଭିଭାବକମାନେ ନ୍ୟାସନାଲ ବୁକ୍ ଟ୍ରଷ୍ଟ, ଇଣ୍ଡିଆ (ଏନ୍‌ବିଟି)ର ଜାତୀୟ ଶିଶୁସାହିତ୍ୟ କେନ୍ଦ୍ର (ଏନ୍‌ସିସିଏଲ୍) ଦ୍ୱାରା ପରିଚାଳିତ ବିଭିନ୍ନ କାର୍ଯ୍ୟକ୍ରମକୁ ବହୁତ ପ୍ରଶଂସା କରିଥିଲେ। ସୃଜନଶୀଳତା, କଳ୍ପନା, ଐତିହ୍ୟ ଏବଂ କଳାର ସମନ୍ୱୟରେ ଏହା ପିଲାମାନଙ୍କୁ ଏକ ନୂତନ ଦିଗଦର୍ଶନ ଦେଇଥିଲା। ଉଦଯାପନୀ ଦିବସରେ କଥାକାର ସଞ୍ଜୀବ କୁମାର ପ୍ରଧାନଙ୍କ ନେତୃତ୍ୱରେ 'ରଙ୍ଗ ବିରଙ୍ଗୀ କାହାନୀକି ଦୁନିଆଁ' କାର୍ଯ୍ୟକ୍ରମରେ କାହାଣୀ କଥନରେ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ପରେ ବିବେକ କୁମାରଙ୍କ କ୍ୱିଜ୍ ପ୍ରତିଯୋଗିତା ଓ ରାଷ୍ଟ୍ରୀୟ ପୁସ୍ତକମେଳାର କର୍ମଶାଳା ଅନୁଷ୍ଠିତ ହୋଇଥିଲା। 'ସେତୁ' ପକ୍ଷରୁ ପୁସ୍ତକମେଳାର ଉଦ୍‌ଯାପନୀ ସମାରୋହରେ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ମୁଖ୍ୟଅତିଥି ଏବଂ ହୀରାକୁଦ ବନ୍ୟପ୍ରାଣୀ ଡିଭିଜନ ଡିଏଫଓ ଅଂଶୁପ୍ରଜ୍ଞା ଦାସ ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇଥିଲେ। ବିଶିଷ୍ଟ ସମ୍ବଲପୁରୀ ଭାଷା ସାହିତ୍ୟ ସାଧକ ପୂର୍ଣ୍ଣଚନ୍ଦ୍ର ସାହୁଙ୍କୁ 'ସେତୁ ସମ୍ମାନ'ରେ ସମ୍ମାନିତ କରାଯାଇଥିବାବେଳେ ଆଦର୍ଶ ଶିକ୍ଷକ ବିନୋଦ କୁମାର ବିଶ୍ୱାଳଙ୍କୁ 'ଶିକ୍ଷାବିତ୍ ବାଳକୃଷ୍ଣ କର ସ୍ମୃତି ସମ୍ମାନ' ଏବଂ ସେବାପାଇଁ ସମର୍ପିତା ଶୁଭ୍ରକାନ୍ତି ନାୟକଙ୍କୁ 'ଡାକ୍ତର ଦୀପ୍ତିବାଳା ପଟ୍ଟନାୟକ କର୍ମଯୋଗୀ ମହିଳା ସମ୍ମାନ' ପ୍ରଦାନ କରାଯାଇଥିଲା। ଏହାସହ ସମ୍ବଲପୁର ଜିଲ୍ଲା ମାଟ୍ରିକ ଟପ୍ପର ଜି. ଶିରିଷାଙ୍କୁ 'କ୍ଷୀରୋଦ ମିଶ୍ର ସ୍ମୃତି ପୁରସ୍କାର' ଏବଂ ଅବିଭକ୍ତ ସମ୍ବଲପୁର ଜିଲ୍ଲା ମାଟ୍ରିକ ଟପ୍ପର ବବିତା ରଥଙ୍କୁ 'ସ୍ୱାଧୀନତା ସଂଗ୍ରାମୀ ଘନଶ୍ୟାମ ପାଣିଗ୍ରାହୀ ସ୍ମୃତି ପୁରସ୍କାର' ପ୍ରଦାନ କରାଯାଇଥିଲା।

'ସେତୁ' ସଭାପତି ଡ. ମୀନକେତନ ପାଠୀ ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ହରି ନାରାୟଣ ପଣ୍ଡା ବିବରଣୀ ପାଠ କରିଥିଲେ। ଶେଷରେ 'ସେତୁ' ବରିଷ୍ଠ ସଦସ୍ୟ ଜୟକୃଷ୍ଣ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ 'ସେତୁ' ସ୍ମରଣିକା ଏବଂ ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ସମ୍ବଲପୁରୀ ପୁସ୍ତକ ଉନ୍ମୋଚିତ ହୋଇଥିଲା।

# ବଲାଙ୍ଗିରରେ ଗଛକଟା ମାମଲା : ଏନ୍‌ଜିଟିର ଗୁରୁତ୍ୱପୂର୍ଣ୍ଣ ରାୟ

ବଲାଙ୍ଗିର, ୩/୨ (ନି.ପ୍ର): ବଲାଙ୍ଗିର ଜିଲ୍ଲାରେ ରାସ୍ତା ପ୍ରଶସ୍ତିକରଣ ନାମରେ ହେଉଥିବା ବ୍ୟାପକ ଗଛକଟା ମାମଲାରେ ଜାତୀୟ ହରିତ ଟ୍ରିବ୍ୟୁନାଲ (ଏନ୍ ଜି ଟି) ର ପୂର୍ବ ଜୋନ ବେଂଚ ତଥା କୋଲକାତା ବେଂଚ ବଲାଙ୍ଗିରର ବିଶିଷ୍ଟ ସୂଚନା ଅଧିକାର କର୍ମି ଓ ସାମାଜିକ କାର୍ଯ୍ୟକର୍ତା ହେମନ୍ତ କୁମାର ପଣ୍ଡାଙ୍କ ଦ୍ୱାରା ଜନହିତରେ ଦାଖଲ କରାଯାଇଥିବା ଆବେଦନ (ଓଏ ନଂ ୧୧୩/୨୦୨୫/ଇ ଜେଡ)ର ବିଚାର କରି ଗତ ୩୦ ଜାନୁଆରୀ ଦିନ ବଲାଙ୍ଗିର ଜିଲ୍ଲା ପାଇଁ ଗୁରୁତ୍ୱପୂର୍ଣ୍ଣ ଚୂଡ଼ାନ୍ତ ରାୟ ପ୍ରଦାନ କରିଛନ୍ତି । ମାମଲାର ବିଚାର କରି ଟ୍ରିବ୍ୟୁନାଲର ନ୍ୟାୟିକ ସଦସ୍ୟ ତଥା ନ୍ୟାୟମୂର୍ତି ଅରୁଣ କୁମାର ତ୍ୟାଗୀ ଏବଂ ପରିବେଶ ବିଶେଷଜ୍ଞ ଈଶ୍ୱର ସିଂ ଚୂଡ଼ାନ୍ତ ରାୟରେ ଉଲ୍ଲେଖ କରିଛନ୍ତି ଯେ, ବଲାଙ୍ଗିର ଜିଲ୍ଲାରେ ଅବୈଧ ଗଛ କଟାକୁ ରୋକିବା ପାଇଁ ବଲାଙ୍ଗିର ଜିଲ୍ଲାପାଳ, ଡ଼ିଏଫଓ ଏବଂ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସଚିବ ସତର୍କତାର ସହିତ କାର୍ଯ୍ୟ କରିବେ ଓ ଅବୈଧ ଗଛକଟାର ପ୍ରତିକାର ପାଇଁ ଆଗୁଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ଏବଂ ଆବେଦନକାରୀ ଯଦି ନିର୍ଦ୍ଦିଷ୍ଟ ଅଭିଯୋଗ ପୁଣି ଆଣିବେ ତାହେଲେ ଉପରୋକ୍ତ ଅଧିକାରୀମାନେ ଆଇନ ଅନୁମୋଦିତ ବିହିତ ପଦକ୍ଷେପ ନେବେ ।

ମାମଲାର ଆବେଦନକାରୀ ପଣ୍ଡା କହିଛନ୍ତି ଯେ, ଗତ ୫ ବର୍ଷରେ ସମଗ୍ର ଜିଲ୍ଲାରେ ବିଭିନ୍ନ ପ୍ରକଳ୍ପକୁ କାର୍ଯ୍ୟକାରୀ କରିବା ପାଇଁ ପ୍ରାୟ ୪ ଲକ୍ଷ ୪୫ ହଜାର ଗଛ କଟା ଯାଇଥିବା ସୂଚନା ତାଙ୍କୁ ବିଭାଗୀୟ କାର୍ଯ୍ୟାଳୟରୁ ହସ୍ତଗତ ହୋଇଥିଲା । ଏହା ମଧ୍ୟରୁ କେବଳ ରାସ୍ତା ପ୍ରଶସ୍ତିକରଣ ପାଇଁ ୧୫ ହଜାରରୁ ଊର୍ଦ୍ଧ୍ୱ ଗଛ କଟା ଯାଇଥିଲା । ଏହି ଗଛମାନଙ୍କ ମଧ୍ୟରେ ନିମ୍ବ, ପିପ୍ପଳ, ବଟ, ଆମ୍ବ, ଜାମୁ ଓ ଅଶୋକ ଭଳି ପରିବେଶ ପାଇଁ ଅତ୍ୟନ୍ତ ଉପଯୋଗୀ, ଛାୟା ପ୍ରଦାନକାରୀ, ଜୈବବିବିଧତା ଓ ସ୍ଥାନୀୟ ଜଳବାୟୁ ପାଇଁ ଅତ୍ୟନ୍ତ ଆବଶ୍ୟକ ପ୍ରଜାତିର ପୁରୁଣା ଗଛ ରହିଥିଲା । ରାସ୍ତା ପ୍ରଶସ୍ତିକରଣ ପାଇଁ ଜିଲ୍ଲାବ୍ୟାପୀ କଟାଯାଇଥିବା ୧୫ ହଜାର ଗଛକୁ ଆଇନାନୁମୋଦିତ ଭାବେ ବିଭିନ୍ନ ଦିଗକୁ ବିଚାର କରି ସତର୍କତାର ସହିତ ଗଛ କଟା ଯାଇଥିଲେ ଏତେ ସଂଖ୍ୟାରେ ଗଛ ବିକାଶ ପାଇଁ ବଳି ପଡ଼ି ନଥାନ୍ତା କ୍ଷ ବ୍ୟାପକ ସଂଖ୍ୟାରେ ଗଛକଟାର ପ୍ରଭାବ ସ୍ୱରୂପ ଜିଲ୍ଲାରେ ତାପମାତ୍ରା ବୃଦ୍ଧି, ମୃତିକା କ୍ଷୟ, ରାସ୍ତା କଡ଼ରେ ଛାୟାର ଅଭାବ, ପକ୍ଷୀ ଓ ଜୀବଜନ୍ତୁ ସଂଖ୍ୟା କମିବା, ଜୈବ ବିବିଧତାରେ ଅବକ୍ଷୟ ଓ ଗ୍ରାମୀଣ ଜୀବନକୁ ପ୍ରଭାବିତ କରିଛି ବୋଲି ଶ୍ରୀ ପଣ୍ଡା ତାଙ୍କ ଆବେଦନରେ ଦର୍ଶାଇଥିଲେ । ବିକାଶ ଓ ପରିବେଶ ମଧ୍ୟରେ ସମତୁଲତା ରହିବା ଆବଶ୍ୟକ ବୋଲି ଶ୍ରୀ ପଣ୍ଡା ଯୁକ୍ତି ଦର୍ଶାଇଥିଲେ । ଏନ୍ ଜି ଟିର ରାୟ ଆସିବା ପରେ ଜିଲ୍ଲା ବ୍ୟାପୀ ରାସ୍ତା ପ୍ରଶସ୍ତକରଣ ପାଇଁ ମନଇଚ୍ଛା ଓ ଅବିଚାରିତ ଭାବରେ ଗଛ କଟା ଗଲେ ଶ୍ରୀ ପଣ୍ଡା ପୁଣି ଆଇନର ଆଶ୍ରୟ ନେବେ ବୋଲି କହିଛନ୍ତି ।

## ଜୁନିୟର ରେଡକ୍ରସ ଦ୍ୱାରା ସଫେଇ କାର୍ଯ୍ୟକ୍ରମ

ମାଲକାନଗିରି, ୩/୨ (ନି.ପ୍ର): ସୋମବାର ପ୍ରାତଃ ସମୟରେ ଜିଲ୍ଲାରେ ଆୟୋଜିତ ହେଉଥିବା ମାଲ୍ୟବନ୍ତ ମହୋତ୍ସବ ସ୍ୱଚ୍ଛତାକୁ ଆଖି ଆଗରେ ରଖି ଜାତୀୟ ରେଡକ୍ରସ ର ମାଲକାନଗିରି ଜିଲ୍ଲା ଶାଖା ଜୁନିୟର ରେଡ଼କ୍ରସ ତରଫରୁ ମାଲ୍ୟବନ୍ତ ମହୋତ୍ସବ ପଡ଼ିଆରେ ଏକ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ଓ ଏହି କାର୍ଯ୍ୟକ୍ରମ ଜିଲ୍ଲା ଶିକ୍ଷାଧିକାରୀ ଚିତ ରଂଜନ ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି ।ଏଥିରେ ଡିପିଇଓ କାର୍ତିକ ବେହେରା, ପି. ଭାନୁ ପ୍ରକାଶ ରାଓ, ରେଡ଼କ୍ରସ ଅଫିସର ନିରଞ୍ଜନ ମହାରଣା, ସନାତନ ଦାସ, ବାସୁଦେବ ପଣ୍ଡା, ଚତୁର୍ଭୁଜ ଦାଶ, ରଂଜନ ବେହେରା, ରତନ ଆଚାର୍ଯ୍ୟ, ନିହାର ରଂଜନ ଚୌଧୁରୀ, ରଂଜିତ ପରିଜା, ସୂର୍ଯ୍ୟକାନ୍ତ ପାଣିଗ୍ରାହୀ, ଜିତୁ ରଂଜନ ସ୍ୱାଇଁ, ଗୋବିନ୍ଦ ମହନ୍ତ, ଦୀନବଂଧୁ ବେଜ, ରାଜକିଶୋର ବେହେରା, ପ୍ରିୟମ୍ବଦା ସାମଲ, ଗଙ୍ଗାଧର ବାରିକ ଓ ପିମଶ୍ରୀ. ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ, ମାଲକାନଗିରି, ସରକାରୀ ଉଚ୍ଚ ବିଦ୍ୟାଳୟ ମାଲକାନଗିରି, ସରସ୍ୱତୀ ଶିଶୁମନ୍ଦିର ମାଲକାନଗିରିର ରେଡକ୍ରସ ଜୁନିୟର ପ୍ରମୁଖ ଉପସ୍ଥିତ ରହିବା ସହିତ ତିରିଶି ଜଣ ସ୍ୱେଚ୍ଛାସେବୀ ଭଲେଂଟିୟର ଉପସ୍ଥିତ ରହିଥିଲେ।

# ବଲାଙ୍ଗିର ଜିଲ୍ଲା ଯୁଗ୍ମ ଅଭିଯୋଗ ଶୁଣାଣି

ବଲାଙ୍ଗିର, ୩/୨ (ନି.ପ୍ର): ଆଜି ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଜିଲ୍ଲା ସଦରମହକୁମା ସ୍ଥିତ ଜିଲ୍ଲା ପଂଚାୟତ ସାଧନ କେନ୍ଦ୍ରର ବୈଠକ ଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯୋଗ ଶୁଣାଣିରେ ଜିଲ୍ଲାପାଳ ଗୌରବ୍ ଶିଓ୍ୱାଜୀ ଇସଲୱାର ଏବଂ ଆରକ୍ଷୀ ଅଧିକ୍ଷକ ଅଭିଲାଷ ଜି ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଲୋକଙ୍କ ସମସ୍ୟା ଓ ଅଭିଯୋଗ ଶୁଣିଥିଲେ।

ସମସ୍ତ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ଦାଖଲ ହୋଇଥିବା ଅଭିଯୋଗ ପତ୍ରଗୁଡ଼ିକର ତୁରନ୍ତ ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିଛନ୍ତି । ପଂଚାୟତ ଅଂଚଳର ବିଭିନ୍ନ ଗାଁରୁ ଆସିଥିବା ଲୋକମାନେ ନିଜ ନିଜ ସମସ୍ୟା ଉପସ୍ଥାପନ କରିଥିଲେ। ଜିଲ୍ଲାପାଳ ସମସ୍ତ ଅଭିଯୋଗ ଶୁଣିବା ପରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସେଗୁଡିକ ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

ଆଜିର ଏହି ଶିବିରରେ ମୋଟ ୩୨ଟି ଅଭିଯୋଗ ପତ୍ର ପଞ୍ଜୀକୃତ ହୋଇଛି । ତନ୍ମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ବନ୍ଧୀୟ ୩୧ଟି ଏବଂ ସାମୁହିକ ୧ଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଛି । ୫ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା ।

ଏହି ଅଭିଯୋଗ ଶୁଣାଣି ଶିବିରରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲାପରିଷଦ ତରଣି ସୁନା, ଉପଜିଲ୍ଲାପାଳ ଆଲୋକ କୁମାର ପଟେଲଙ୍କ ସହ ଅନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀଗଣ ଉପସ୍ଥିତ ରହି ଜନସାଧାରଣଙ୍କ ସମସ୍ୟା ବୁଝିଥିଲେ।

# ବାଲିଘାଟରେ ବାଲିରାସ୍ତା: ଦୁର୍ଘଟଣା ବୃଦ୍ଧି

ପୁରୀ, ୩/୨ (ନି.ପ୍ର): ପୁରୀ - କୋଣାର୍କ ରାସ୍ତାର ମାଟିଆପଡା ରେଲୱେ ଓଭରବ୍ରିଜ କାମ ଚାଲିଛି । ନିର୍ଦ୍ଦିଷ୍ଟ ସମୟ ସୀମା ଅବଧି ମଧ୍ୟରେ କାମ ଶେଷ ହେବା ନେଇ ଜନତା ଆଶଙ୍କା କରିଛନ୍ତି । ସିଦ୍ଧମହାବୀର ଛକ ଠାରୁ ବାଲିଘାଟ ଛକ ପର୍ଯ୍ୟନ୍ତ ରାସ୍ତା ଏବେ ମରଣଯନ୍ତା ପାଲଟିଛି । ଉଦ୍ଦେଶ୍ୟମୂଳକ ଭାବେ ବେପରୁଆ ଢଙ୍ଗରେ ମାଟି ଖୋଳି ରାସ୍ତାକୁ ମଡାଇ ରଖାଯାଇଛି । ବହୁଦିନ ଧରି କାମ ନିର୍ମାଣରେ ବିଳମ୍ବ କରିବା ଯୋଗୁ ପ୍ରତିଦିନ ହଜାର ହଜାର ବାଇକ ଆରୋହୀ ଯମ ଯନ୍ତ୍ରଣା ଭୋଗୁଛନ୍ତି । ଟ୍ରକ ଓ ଜେସିବିରୁ ବାଲି ଖୋଳି କୁମୁଟିପାଟଣା ଛକରୁ ବାଲିଘାଟ ଶିବ ମନ୍ଦିର ପର୍ଯ୍ୟନ୍ତ ପିଚୁ ଉପରେ ବାଲି ଆସନ୍ତରଣ ଜମିଗଲାଣି । ରାସ୍ତା ଉପରେ ବାଲି ଗଦା ଯୋଗୁ ପିପିଲି ବାଇପାସ ରାସ୍ତାରେ ସ୍କୁଟି ସ୍ଲିପ କରି ଜଣେ ସାମ୍ବାଦିକାଙ୍କ ମୃତ୍ୟୁ ଘଟିଥିଲା । ଓଭରବ୍ରିଜ ସରିବ ସରିବ କୁହାଯାଉଥିବା ବେଳେ ସମୟର ପଦ୍ମ ଘୁଂଚି ଘୁଂଚି ଯାଉଛି । ଧିମା କାମ ଯୋଗୁ ସ୍ଥାନୀୟ ଅଂଚଳବାସୀ ବିରକ୍ତି ଭାବ ପ୍ରକାଶ କଲେଣି । ସାଇଡ ୱାଲ ନିର୍ମାଣ ମଧ୍ୟ କଚ୍ଛପ ଗତିରେ ଚାଲିଛି । କିଛିଦିନ ତଳେ ପୁରୀ ସାଂସଦ ଖୁବ ଶୀଘ୍ର କାମ ସରିବ ବୋଲି ସ୍ପଟ ଭିଜିଟ କରିଥିଲେ । ଉକ୍ତ ଓଭରବ୍ରିଜ ନିର୍ମାଣ ଆରମ୍ଭ ହେବା ପରେ ଅନ୍ୟ ସହରରେ ଏହାଠାରୁ ଅଧିକ ଲମ୍ବାର ଓଭରବ୍ରିଜ କାମ ଶେଷ ହୋଇଗଲାଣି । ଜାତୀୟ ରାଜପଥ ଉପରେ ବାଲି ଜମା ହେବନାହିଁ ବୋଲି କର୍ତୃପକ୍ଷ ତାଗିଦ୍ କରିଛନ୍ତି । ସେନାପତି ବଗିଚା ଓ ମହାନ୍ତି ସାହି କର୍ଣ୍ଣର ପଏଂଟରେ ଗାଡି ଅତିକ୍ରମ କରିବା ପାଇଁ ୧୦ ମିନିଟ୍ ଲାଗୁଛି । ଯାନବାହନ ରାସ୍ତାଟି ସୁଗମ କରିବା ସହ ରାସ୍ତାରୁ ତୁରନ୍ତ ବାଲି ସଫା କରିବା ପାଇଁ ଅଂଚଳବାସୀ ଦାବି କରିଛନ୍ତି ।

# ସ୍ରଷ୍ଟାର ବାର୍ଷିକ ଉତ୍ସବ, ରାଜ୍ୟସ୍ତରୀୟ ନାଟକ ମହୋତ୍ସବ

## ତୃତୀୟ ସନ୍ଧ୍ୟାରେ ମଞ୍ଚସ୍ଥ ହେଲା ନାଟକ 'ସାଉଁଟା କଇଁ'



ବାଲେଶ୍ୱର, ୩/୨ (ନି.ପ୍ର): କଇଁ ଫୁଲର ପୋଖରୀରେ ନୈସର୍ଗିକ ସୌନ୍ଦର୍ଯ୍ୟ କାହାକୁ ବିମୋହିତ ନ କରେ ? କିନ୍ତୁ ସେଇ କଇଁ ପୋଖରୀ କଣ ଜାଣି ଥାଏ ତାହାରି ଗର୍ଭରେ ଦିନେ ପୂର୍ଣ୍ଣ ପ୍ରସ୍ଫୁଟିତ ହେବା ପୂର୍ବରୁ ଅସଂଖ୍ୟ କଇଁ କଢ଼ ଙ୍କର ଜୀବନ ନିର୍ବାପିତ ହେବ ? ହେଲେ ଗୋଟିଏ ବି ହେଲେ କଇଁ ଫୁଲ ଫୁଟୁ ଓ ବଞ୍ଚି ରହୁ ।କେହିଜଣେ ଭଲ ମଣିଷଟିଏ ଏହି ଦଳ ପଙ୍କ ଭିତରୁ କଇଁ ଫୁଲ ଟିକୁ ସାଉଁଟି ନେବ। ସେଇ ସାଉଁଟା କଇଁ କିଏ ?ସାଉଁଟି ନେଲା ପରେ ସେଇ କଇଁ ଟି ମଉଳି ଗଲା ନା ଜିଇଁ କି ରହିଲା ? ସେଇଟା ଗୋଟେ କଇଁ ଫୁଲ ନା କଇଁ ପରି ଦିଶୁଥିବା ସୁନ୍ଦର ଝିଅଟିଏ ।କଇଁ ଫୁଲ କାହା ପାଇଁ ଅଲୋଡା ହୋଇପାରେ, କିନ୍ତୁ କଇଁ ଫୁଲ ଟିର ବଂଚିବାର ଅଧିକାର ରହିଛି। ନାରୀ ନିଜକୁ ରତ୍ନ ବୋଲି ଯଥାର୍ଥରେ ଯେତେ ପ୍ରତିପାଦିତ କଲେ ବି ସମାଜ ତାକୁ କାଣି କଉଡ଼ିରେ ଗଣିବାକୁ ତଥାପି ଅପ୍ରସ୍ତୁତ। କିନ୍ତୁ କାହିଁକି ? ଆମର ଏ ରୁଗ୍ଣ ମାନସିକତା ପାଇଁ ବ୍ୟକ୍ତି ବିଶେଷ ଦାୟୀ ନା ଆମର ପୁରୁଷ କୈନ୍ଦ୍ରିକ ସମାଜ ? ସମାଜରେ ଏପରି ଏକ ସମାକାଳୀନ ଉଦବେଗ ଜନିତ ପ୍ରସଙ୍ଗର ବିଷୟବସ୍ତୁ କୁ ନେଇ ନାଟକ 'ସାଉଁଟା କଇଁ '। ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ସହାୟତାରେ ନାଟ୍ୟନୁଷ୍ଠାନ ସ୍ରଷ୍ଟାର ୪୮ତମ ବାର୍ଷିକ ଉତ୍ସବ ଓ ଚତୁର୍ଥ ରାଜ୍ୟସ୍ତରୀୟ ନାଟକ ମହୋତ୍ସବ ର ତୃତୀୟ ସନ୍ଧ୍ୟାରେ ଡା. ପ୍ରଫୁଲ୍ଲ ଚନ୍ଦ୍ର ଆଚାର୍ଯ୍ୟ ସ୍ମୃତି ସନ୍ଧ୍ୟା ଗାନ୍ଧୀ ସ୍ମୃତି ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଅବସରପ୍ରାପ୍ତ ଅଧକ୍ଷ ତଥା ବିଶିଷ୍ଟ ନାଟ୍ୟକାର ମେଜର ଡ. ପ୍ରଦୀପ ଭୌମିକ ଓ ଅନ୍ୟତମ ସମ୍ମାନିତ ଅତିଥି ଯୁବନେତା ତଥା ସମାଜସେବୀ ଶ୍ରୀଯୁକ୍ତ ବିକ୍ରମ ପଣ୍ଡା ନାଟକର ବିଭିନ୍ନ ଦୃଷ୍ଟିକୋଣ ଉପରେ ଆଲୋକପାତ କରିଥିଲେ। ସ୍ରଷ୍ଟା ର ସମ୍ପାଦକ ନାଟ୍ୟକାର ଶ୍ରୀଯୁକ୍ତ ହେମେନ୍ଦ୍ର ମହାପାତ୍ର ସଭାପତିତ୍ୱ କରୁଥିବା ବେଳେ ସଭାପତି ଶ୍ରୀଯୁକ୍ତ ଆଲୋକ କୁମାର ସାହୁ ପ୍ରାକ କଥନ ରଖିଥିବା ବେଳେ ଉପସଭାପତି ଶ୍ରୀଯୁକ୍ତ ପ୍ରସନ୍ନ କୁମାର ଦାସ ମଞ୍ଚ ଆହ୍ୱାନ କରିଥିଲେ। ଶେଷରେ ନାଟ୍ୟକାର ପୀତାମ୍ବର ଦାସ ଶେଷ କଥନ ରଖିଥିଲେ। ପରେ ପରେ ଶ୍ରୀଯୁକ୍ତ ପଞ୍ଚାନନ ଦାସଙ୍କ ଲିଖିତ ତଥା ଶ୍ରୀଯୁକ୍ତ ସତ୍ୟବ୍ରତ ଦାସଙ୍କ ନିର୍ଦ୍ଦେଶିତ ନାଟକ 'ସାଉଁଟା କଇଁ 'କୁ ଓଡିଶା ନାଟକ ସମାରୋହ ସମିତି ବ୍ରହ୍ମପୁର ନାଟ୍ୟସଂସ୍ଥା ଦ୍ୱାରା ମଞ୍ଚସ୍ଥ ହୋଇଥିଲା।

# ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ଦ୍ୱାରା ୪.୬୮ କୋଟିର ପ୍ରକଳ୍ପ ଶିଳାନ୍ୟାସ

ଭଦ୍ରକ, ୩/୨ (ନି.ପ୍ର): ଏହି ଜିଲାର ଧାମନଗର ଅଂଚଳରେ କୃଷି, କୃଷକ ଓ ବେରୋଜଗାର ଯୁବକଙ୍କ ଆର୍ଥିକ ଅଭିବୃଦ୍ଧି ପାଇଁ ଏକ ବଡ଼ ଧରଣର ଭିତିଭୂମି ବିକାଶ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଭଦ୍ରକ ନିୟନ୍ତ୍ରିତ ବଜାର କମିଟି (ଆରଏମସି) ଅଧୀନରେ ପ୍ରାୟ ୪ କୋଟି ୬୮ ଲକ୍ଷ ଟଙ୍କା ବ୍ୟୟରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି ସ୍ଥାନୀୟ ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ। ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ପ୍ରକଳ୍ପଗୁଡ଼ିକ ଧାମନଗରର ରୂପରେଖ ବଦଳାଇବାରେ ସହାୟକ ହେବ ବୋଲି ଆଶା କରାଯାଉଛି। ଅସୁରାଳିରେ ୨ଟି ନୂତନ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ହେବ। ଗୋଟିଏ କମ୍ପ୍ଲେକ୍ସରେ ଏକ ମହଲା ବିଶିଷ୍ଟ ୧୧ଟି ଦୋକାନ ଗୃହ ଓ ଗୋଦାମ ରହିବ। ଅନ୍ୟଟି ଦୁଇ ମହଲା ବିଶିଷ୍ଟ ହେବ, ଯେଉଁଥିରେ ୧୧ଟି ଦୋକାନ ଗୃହ ସହ ଗୋଦାମର ସୁବିଧା ରହିବ। ସେହିପରି ଦିହୁଡ଼ି ଆନନ୍ଦପୁରରେ ନୂତନ ମାର୍କେଟ କମ୍ପ୍ଲେକ୍ସ ସହ ହାଟ ପିଣ୍ଡି ନିର୍ମାଣ କରାଯିବ। ଯେଉଁଠାରେ ପ୍ରାୟ ୧୫୦ ଜଣ ଚାଷୀ ବସିବାର ବ୍ୟବସ୍ଥା ରହିଛି। ଧାମନଗର ବ୍ଲକର ଅନ୍ୟତମ ବାଣିଜ୍ୟିକ ପେଣ୍ଠସ୍ଥଳୀ ଧୁଷୁରୀରେ ୫୦ଟି ନୂତନ ହାଟପିଣ୍ଡି ନିର୍ମାଣ କରାଯିବ। ଦୋବଲ ଜୋନ୍ ମୁସ୍ତଫାପୁର କାଳୀପଡ଼ିଆରେ ୧୫ଟି ଦୋକାନ ଗୃହ ବିଶିଷ୍ଟ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ହେବ। ତେବେ ବେଦପୁରରେ ୧୧ଟି ଦୋକାନ ଗୃହ ବିଶିଷ୍ଟ ନୂତନ ମାର୍କେଟ କମ୍ପ୍ଲେକ୍ସ। ଏହା ଖଙ୍ଗରା, ସୋହଡ଼ା, ପଧାନି ଓ ଖଡ଼ିପଦା ପଂଚାୟତର ଏକ ମୁଖ୍ୟ ଜଙ୍କସନ ହୋଇଥିବାରୁ ଏଠାରେ ବ୍ୟବସାୟ ବଢ଼ିବାର ଯଥେଷ୍ଟ ସମ୍ଭାବନା ରହିଛି। ଖଙ୍ଗରା-ଅଲ୍ଲିନଗରରେ ନୂତନ ହାଟପିଣ୍ଡି ନିର୍ମାଣ ହେବ। ଧାମନଗର ବିଜ୍ଞାପିତ ଅଂଚଳ ପରିଷଦ ଅଧିନରେ ଥିବା ଧାମନଗର ମେଡିକାଲ ବଜାରରେ ନୂତନ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ପାଇଁ ଶିଳାନ୍ୟାସ ହୋଇଛି। ସେହିପରି ଧାମନଗରରେ ମାଛ ବ୍ୟବସାୟୀଙ୍କ ପାଇଁ ୫୦ଟି ସ୍ୱତନ୍ତ୍ର ପିଣ୍ଡି ନିର୍ମାଣ କରାଯିବ। ପୂର୍ବରୁ ସ୍ଥାୟୀ ଜାଗା ଅଭାବରୁ ମାଛ ବେପାରୀମାନେ ଏଣେତେଣେ ବସୁଥିଲେ, ଯାହା ସହରର ପରିମଳ ବ୍ୟବସ୍ଥାକୁ ବିଗାଡୁଥିଲା। ଏହି ନୂତନ ମାଛ ମାର୍କେଟ ଫଳରେ କାରବାର ଶୃଙ୍ଖଳିତ ହେବ ଏବଂ ପରିବେଶ ସ୍ୱଚ୍ଛ ରହିବ। ଏହି ନୂତନ ପ୍ରକଳ୍ପଗୁଡ଼ିକ ମୁଖ୍ୟତଃ ଚାଷୀମାନଙ୍କୁ ସିଧାସଳଖ ବଜାର ସୁବିଧା ଯୋଗାଇଦେବ। ଚାଷୀମାନେ ନିଜ ଜମିରୁ ପରିବା ଉତ୍ପାଦନ କରି ଏଠାରେ ଶୃଙ୍ଖଳିତ ଭାବେ ବିକ୍ରି କରିପାରିବେ। ଏଥିପାଇଁ ସ୍ୱତନ୍ତ୍ର ପିଣ୍ଡିର ବ୍ୟବସ୍ଥା କରାଯାଇଥିବାରୁ ସେମାନେ ନିଜ ସାମଗ୍ରୀକୁ ସୁରକ୍ଷିତ ଭାବେ ଗଚ୍ଛିତ ମଧ୍ୟ ରଖିପାରିବେ। ଏହାଛଡ଼ା ବେରୋଜଗାର ଯୁବକମାନେ ଏହି ମାର୍କେଟ କମ୍ପ୍ଲେକ୍ସରେ ଦୋକାନ କରି ନିଜ ପରିବାର ପ୍ରତିପୋଷଣ କରିବା ସହ ଅନ୍ୟମାନଙ୍କ ପାଇଁ ମଧ୍ୟ ନିଯୁକ୍ତି ସୁଯୋଗ ସୃଷ୍ଟି କରିପାରିବେ। ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଏହି ପ୍ରୟାସକୁ ସ୍ଥାନୀୟ ବାସିନ୍ଦା ଉଚ୍ଛ୍ୱସିତ ପ୍ରଶଂସା କରିଛନ୍ତି। ଧାମନଗରର ପ୍ରମୁଖ ଛକଗୁଡ଼ିକ ଏବେ ବଜାରର ରୂପ ନେବାକୁ ଯାଉଥିବାରୁ ସ୍ଥାନୀୟ ଲୋକଙ୍କୁ ବଜାର ସଉଦା କରିବାରେ ସୁବିଧା ହେବ। ଧାମନଗରର ବିକାଶ ଗାଡ଼ି ଏବେ ଦ୍ରୁତ ଗତିରେ ଦୌଡୁଥିବା ବେଳେ ଏହି ପ୍ରକଳ୍ପଗୁଡ଼ିକ ଅଂଚଳର ଅର୍ଥନୀତିକୁ ସୁଦୃଢ଼ କରିବ ବୋଲି ଆଶା କରାଯାଉଛି।

# ଭଦ୍ରକ ପୌରାଂଚଳ ଅଧିନସ୍ଥ ଗରଦପୁର ସ୍ଥିତ ହାଇସ୍କୁଲ ଜମି ଅଧିଗ୍ରହଣ ତ୍ୱରାନ୍ୱିତ ହେଉ

ଭଦ୍ରକ, ୩/୨ (ନି.ପ୍ର): ଭଦ୍ରକ ପୌରାଂଚଳ ୨୯ନଂ ୱାର୍ଡର ଗରଦପୁର ସ୍ଥିତ ସତ୍ୟସାଇ ବିଷ୍ଣୁମୋହନ ସରକାରୀ ହାଇସ୍କୁଲର ଖେଳ ପଡିଆ ନିମନ୍ତେ ଜମି ଅଧିଗ୍ରହଣ ସମ୍ପର୍କରେ ଗ୍ରାମବାସୀମାନେ ମାନ୍ୟବର ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ତାଙ୍କର ଭଦ୍ରକ ସ୍ଥିତ ବାସଭବନରେ ଭେଟି ଆଲୋଚନା କରିଛନ୍ତି। ଜମିଗ୍ରହଣ ପାଇଁ ଯେଉଁସବୁ ପ୍ରାଥମିକ ପଦକ୍ଷେପ ସରକାରୀ ସ୍ତରରେ ଏପର୍ଯ୍ୟନ୍ତ ନିଆଯାଇଅଛି। ତାହାର ବିଷଦ ଆଲୋଚନା କରାଯାଇଥିଲା ଏବଂ ସେସବୁର ନଥିପତ୍ରର ନକଲ ସବୁ ମନ୍ତ୍ରୀ ମହୋଦୟଙ୍କୁ ପ୍ରଦତ କରାଯାଇଥିଲା। ଭଦ୍ରକର ଜିଲ୍ଲାପାଳ, ଜମି ଅଧିଗ୍ରହଣ ଅଧିକାରୀ, ଜିଲ୍ଲା ଶିକ୍ଷା ଅଧିକାରୀ ଅତିରିକ୍ତ ଜିଲ୍ଲାପାଳଙ୍କର ଏ ଦିଗରେ ଅତିରିକ୍ତ ଜିଲ୍ଲାପାଳଙ୍କର ଏ ଦିଗରେ ସାହାଯ୍ୟ ପାଇଁ ଉପସ୍ଥିତ ପ୍ରତିନିଧିମାନେ ଶିକ୍ଷାମନ୍ତ୍ରୀଙ୍କୁ ସୂଚନା ଦେଇଥିଲେ। ମନ୍ତ୍ରୀ ମହୋଦୟ ମଧ୍ୟ ଜମି ଅଧିଗ୍ରହଣ ପ୍ରସଙ୍ଗକୁ ଗୁରୁତ୍ୱ ଦେବା ସହିତ ସରକାରୀ ସ୍ତରରେ ସମସ୍ତ ପ୍ରକାର ଉଦ୍ୟମ କରାଯିବ ବୋଲି ଦୃଢ ପ୍ରତିଶ୍ରୁତି ଦେଇଛନ୍ତି। ବିଦ୍ୟାଳୟ ନିମନ୍ତେ ଖେଳ ପଡିଆର ଯଥେଷ୍ଟ ଆବଶ୍ୟକତା ରହିଛି ବୋଲି ମନ୍ତ୍ରୀ ମହୋଦୟ ମଧ୍ୟ ଅନୁଭବ କରିଛନ୍ତି।

# ବନମାଳୀ ଦାଶ ସରକାରୀ ସଂଯୁକ୍ତ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ବାସୁଦେବପୁର, ୩/୨ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ଅରଣ୍ଡୁଆ ପଞ୍ଚାୟତର ବନମାଳୀ ଦାଶ ସରକାରୀ ସଂଯୁକ୍ତ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି। ଏହି ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଶୋକ କୁମାର ଦାସ ସଭାପତିତ୍ୱ କରିଥିଲେ। ବାସୁଦେବପୁର ନିର୍ବାଚନ ମଣ୍ଡଳୀର ମାନ୍ୟବର ବିଧାୟକ ଅଶୋକ କୁମାର ଦାସ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଛାତ୍ର ଛାତ୍ରୀ ମାନଙ୍କୁ ଭଲ ମଣିଷ ହେବା ପାଇଁ ପରାମର୍ଶ ଦେଇଥିଲେ। ଏହି ଉତ୍ସବରେ ବାସୁଦେବପୁର ବ୍ଲକ୍ ଅଧ୍ୟକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ, ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଅମର ନାଥ ଦାଶ,



ସ୍ଥାନୀୟ ସରପଞ୍ଚ ନିରୁପମା ନାୟକ, ସରପଞ୍ଚ ପ୍ରତିନିଧି ମୁକ୍ତିକାନ୍ତ ନାୟକ, ସମିତି ସଭ୍ୟ ରମାକାନ୍ତ ଦାଶ, ସ୍କୁଲ ପରିଚାଳନା କମିଟି ସଭାପତି ଆଦିକନ୍ଦ ନାୟକ, ସି ଆର ସି ସି ରବି ଶଙ୍କର ଜେନା, ବିଶିଷ୍ଟ ସମାଜ ସେବୀ ରତ୍ନାକର ବିଶ୍ୱାଳ, ଆଲୁମୁନି ପ୍ରେସିଡେଣ୍ଟ ନବ କିଶୋର ସେଠୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ ଏବଂ ଛାତ୍ର ଛାତ୍ରୀ ମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ କାମନା କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ପ୍ରମାଣ ପତ୍ର ଓ ଟ୍ରଫି ସହିତ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଉତ୍ସବରେ ଶିକ୍ଷୟିତ୍ରୀ ସୁମତୀ ରାଉତ ବାର୍ଷିକ ବିବରଣୀ ପାଠ କରିଥିଲା ବେଳେ ଅତିଥି ପରିଚୟ ପ୍ରଦାନ କରିଥିଲେ ଶିକ୍ଷୟିତ୍ରୀ ସୁନନ୍ଦା ପାଢ଼ୀ। ବରିଷ୍ଠ ଶିକ୍ଷକ ମନୋଜ କୁମାର ଦୀକ୍ଷିତ ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉତ୍ସବରେ ଶିକ୍ଷକ ଶିକ୍ଷୟିତ୍ରୀ ଅର୍ଜୁନ ମାଝୀ, ସୌମ୍ୟ ରଞ୍ଜନ ମଲ୍ଲିକ, ରଜନୀ କାନ୍ତ ବଳ, ଅଭିନନ୍ଦନ ପାଢୀ, ଅନନ୍ତ ନାରାୟଣ ନାୟକ, ରମାମଣି ଜେନା, ବନମାଳୀ ଶିଅଳ ପ୍ରମୁଖ ଉତ୍ସବ ଓ ମଞ୍ଚ ପରିଚାଳନା କରିବାରେ ସହଯୋଗ କରିଥିଲେ। ଶେଷରେ ନୃତ୍ୟ ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଏହି ଉତ୍ସବରେ ବିଦ୍ୟାଳୟର ପିଅନ ରାଜୀବ ପଣ୍ଡାଙ୍କ ବିୟୋଗରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ବହୁ ସଂଖ୍ୟାରେ ଛାତ୍ର ଛାତ୍ରୀ ଓ ଅଭିଭାବକ ଯୋଗ ଦେଇଥିଲେ।

# ‘ସ୍ରଷ୍ଟା’ର ବାର୍ଷିକୋତ୍ସବ ଓ ରାଜ୍ୟସ୍ତରୀୟ ନାଟକ ମହୋତ୍ସବ

## ଦ୍ୱିତୀୟ ସଂଧ୍ୟାରେ ‘ଜୀବନେ ସପନ ଯେତେ’ ମଞ୍ଚସ୍ଥ

ବାଲେଶ୍ୱର, ୩/୨ (ନି.ପ୍ର): ଓଡ଼ିଶା ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ସହାୟତାରେ ନାଟ୍ୟାନୁଷ୍ଠାନ ‘ସ୍ରଷ୍ଟା’ର ୪୮ତମ ବାର୍ଷିକୋତ୍ସବ ଓ ରାଜ୍ୟସ୍ତରୀୟ ନାଟକ ମହୋତ୍ସବର ଆଜି ଦ୍ୱିତୀୟ ଦିବସରେ ମଦନ ମୋହନ ଦତ୍ତ ସ୍ମୃତି ସଂଧ୍ୟା ଗାନ୍ଧିସ୍ମୃତି ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥବ ଭାବରେ ସମାଜସେବୀ ଅଞ୍ଜଳି ପଣ୍ଡା ଯୋଗ ଦେଇ ନାଟକ ହେଉଛି ସମାଜର ଦର୍ପଣ। ନାଟକ ମଣିଷ ଚରିତ୍ରକୁ ବଦଳାଇ ଦେଇପାରିବ । ତେଣୁ ନାଟକ ଦେଖିବାକୁ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ । ସମ୍ମାନିତ ଅତିଥି ଭାବରେ ଯୁଗଶ୍ରୀଯୁଗନାରୀ ସାହିତ୍ୟ ପତ୍ରିକାର ସଂପାଦିକା ମମତା ମହାପାତ୍ର ଯୋଗ ଦେଇ ସମାଜର ପ୍ରତିଦିନ ଘଟୁଥିବା ନିଚ୍ଛକ ସତ୍ୟ ଘଟଣାକୁ ନେଇ ନାଟକ



ମାଧ୍ୟମରେ ଚରିତ୍ରଚିତ୍ରଣ କରାଯାଇଥାଏ । ତେଣୁ ଯୁବଗୋଷ୍ଠୀ ନାଟକ ପ୍ରତି ଆଗ୍ରହ ପ୍ରକାଶ କରନ୍ତୁ ବୋଲି ମତବ୍ୟକ୍ତ କରିଥିଲେ । ‘ସ୍ରଷ୍ଟା’ର ସାଧାରଣ ସଂପାଦକ ନାଟ୍ୟକାର ହେମେନ୍ଦ୍ର ମହାପାତ୍ର କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିବା ବେଳେ ଅନୁଷ୍ଠାନର ସଭାପତି ତଥା ପ୍ରାକ୍ତନ ବ୍ରିଟ ଅଧ୍ୟକ୍ଷ ଆଲୋକ କୁମାର ସାହୁ ପ୍ରାକ୍ କଥନ ରଖିଥିଲେ । ଉପସଭାପତି ପ୍ରସନ୍ନ ଦାସ ଅତିଥି ପରିଚୟ ସହ ମଞ୍ଚ ଆହ୍ୱାନ କରିଥିବା ବେଳେ ନାଟ୍ୟକାର ତଥା ସାହିତ୍ୟିକ ପୀତାମ୍ବର ଦାସ ଶେଷ କଥା ରଖିଥିଲେ । ସଭା ପରେ ‘ସ୍ରଷ୍ଟା’ର କଳାକାର ପକ୍ଷରୁ ‘ଜୀବନେ ସପନ ଯେତେ’ ନାଟକ ମଞ୍ଚସ୍ଥ ହୋଇଥିଲା। ନ୍ୟାକାର ହେମେନ୍ଦ୍ର ମହାପାତ୍ର ନାଟ୍ୟ ରଚନା କରିଥିବା ବେଳେ ସଂଗ୍ରାମ କେଶରୀ ମହାନ୍ତି ନାଟକର ନିର୍ଦ୍ଦେଶନା ଦେଇଥିଲେ।

ସେହିପରି ‘ସ୍ରଷ୍ଟା’ର ବାର୍ଷିକୋତ୍ସବ ଓ ରାଜ୍ୟସ୍ତରୀୟ ନାଟକ ମହୋତ୍ସବର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ସଦର ବିଧାୟକ ମାନସ କୁମାର ଦତ୍ତ ଯୋଗଦେଇ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ‘ରେବତୀ’ ସାହିତ୍ୟ ପତ୍ରିକାର ସଂପାଦିକା ତଥା ବସ୍ତା ବିଧାୟିକା ସୁବାସିନୀ ଜେନା ଯୋଗ ଦେଇ ‘ସ୍ରଷ୍ଟା’ ଅନୁଷ୍ଠାନର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ସଂଧ୍ୟା ଅଧିବେଶନରେ ମୁଖ୍ୟ ଅତିଥି ଭାବରେ ବିଶିଷ୍ଟ ଚଳଚ୍ଚିତ୍ର ଅଭିନେତା ତଥା ସୁନାମଧନ୍ୟ ସଂଗୀତଜ୍ଞ ଶ୍ରୀକାନ୍ତ ଗୌତମ ଯୋଗ ଦେଇ ନାଟକ ସଂପର୍କରେ କିଛି କଥା ରଖିଥିଲେ । ସମ୍ମାନିତ ଅତିଥି ଭାବରେ ଓଡ଼ିଆ ଭାଷା ବିକାଶ ଆନ୍ଦୋଳନର ସାଧାରଣ ସଂପାଦକ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ କୃତୀ ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଦୁଇ ଅଧିବେଶନର ଅନୁଷ୍ଠାନର ସଭାପତି ଆଲୋକ କୁମାର ସାହୁ ସଭାପତିତ୍ୱ କରିଥିବା ବେଳେ ନାଟ୍ୟକାର ହେମେନ୍ଦ୍ର ମଞ୍ଚ ପରିଚାଳନା କରିଥିଲେ । ଶେଷରେ ସଭାପତି ପ୍ରସନ୍ନ କୁମାର ଦାସ ଧନ୍ୟବାଦ ଦେଇଥିଲେ । ପରେ ଭୁବନେଶ୍ୱର ମ୍ୟାଜିକ୍ ଥିଏଟର ପକ୍ଷରୁ ହାସ୍ୟରସାତ୍ମକ ନାଟକ ‘ଧୁତୁକି’ ମଞ୍ଚସ୍ଥ ହୋଇଥିଲା । ପ୍ରଶାନ୍ତ କୁମାର ବିଶ୍ୱାଳଙ୍କ ପ୍ରାୟୋଜିତ ହାସ୍ୟ ଅଭିନେତା ପ୍ରଜ୍ଞା ଖଟୁଆ ନାଟ୍ୟ ରଚନା ସହ ନିର୍ଦ୍ଦେଶନା ଦେଇଥିଲେ ।

# ରାଇବଣିଆ ଲୋକମହୋତ୍ସବ ୫ ତାରିଖରୁ ଆରମ୍ଭ

ଜଳେଶ୍ୱର, ୩/୨ (ନି.ପ୍ର): ଜଳେଶ୍ୱର ବ୍ଲକ ରାଇବଣିଆ ମହୋତ୍ସବ ପଡିଆରେ ଅପରାହ୍ନରେ ରାଇବଣିଆ ଲୋକ ମହୋତ୍ସବ ପଡିଆରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଅଛି ।ମହୋତ୍ସବ କମିଟିର କାର୍ଯ୍ୟକାରୀ ସଭାପତି ଗଙ୍ଗାଧର ଦାସଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା ।ଏହି ମହୋତ୍ସବ ଆସନ୍ତା ୫ ତାରିଖରୁ ଆରମ୍ଭ ହୋଇ ଏହା ଫେବୃଆରୀ ୧୪ ତାରିଖ ପର୍ଯ୍ୟନ୍ତ ୧୦ ଦିନ ଧରି ଚାଲିବ ।ମହୋତ୍ସବର ପ୍ରଥମଦିନ ଅପରାହ୍ଣ ୩ଟାରେ ରାଇବଣିଆ ଗଡ଼ ଭିତରୁ ଏକ ମଶାଲ ଶୋଭାଯାତ୍ରା ବାହାରି ମହୋତ୍ସବ ପଡିଆ ପର୍ଯ୍ୟନ୍ତ ଆସିବ ।ସନ୍ଧ୍ୟା ୭ଟାରେ ମହୋତ୍ସବର ଉଦ୍‌ଘାଟନ ଅନୁଷ୍ଠିତ ହେବ ।ଏହି ମହୋତ୍ସବ ରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଅତିଥି ଭାବେ ଯୋଗ ଦେବେ ।ପ୍ରତ୍ୟେକ ଦିନ



ଗୋଟିପୁଅ ନୃତ୍ୟ,ସମ୍ବଲପୁରୀ ନୃତ୍ୟ,ପାଇକ ଆଖଡ଼ା ସହିତ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ ।ମହୋତ୍ସବ କମିଟିର ଉପସଭାପତି ସୁକୁମାର ପ୍ରଧାନ, ଉପସଭାପତି ଆଲୋକ ଘଡେଇ,ଉପସଭାପତି ନିଗମାନନ୍ଦ ଘୋଷ,ସମ୍ପାଦକ -ଦିଲ୍ଲୀପ କୁମାର ସାମଲ ଯୁଗ୍ମ ସମ୍ପାଦକ - ସନ୍ଦୀପ ନାରାୟଣ ଘୋଷ,ବଂଶୀଧର ବାରିକ,ଯତୀନ୍ଦ୍ର ନାଥ ମହାନ୍ତି,କୁଞ୍ଜ ବିହାରି ଗିରି,ମନୋରଂଜନ ଦେ, ଯତୀନ୍ଦ୍ର ମହାନ୍ତି,ସୁକାନ୍ତ ଦାସ,ଅନନ୍ତ ମହାନ୍ତି,ଗୋପାଳ ଚନ୍ଦ୍ର ଜେନା,ଅଧ୍ୟାପକ କିଶାରାମ ମହାପାତ୍ର,ବିଶ୍ୱନାଥ ଘୋଷ,ଜହରଲାଲ୍ ଅଧିକାରୀ,ଶିବଶଙ୍କର ପଟ୍ଟନାୟକ,ରାଜେଶ ଘୋଷ ଉପସ୍ଥିତ ଥିଲେ। ଲୋକ ମହୋତ୍ସବ ସମ୍ପାଦକ ଦିଲ୍ଲୀପ ସାମଲ ଦେଶରେ ଧନ୍ୟବାଦ ଅର୍ପଣ କରିଥିଲେ।

# ଚଳିତ ବର୍ଷ ବେତନଟୀ ବ୍ଲକରୁ ବୋର୍ଡ ପରୀକ୍ଷା ଦେବେ ୧୮୫୩ ଜଣ ଛାତ୍ର ଛାତ୍ରୀ

ବେତନଟୀ , ୩/୨ (ନି.ପ୍ର): ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା,କଟକ ଙ୍କ ବିଜ୍ଞପ୍ତି ସଂଖ୍ୟା ୨୮୦୫ ରେ ଚଳିତ ବର୍ଷ ମେଟ୍ରିକ୍ ପରୀକ୍ଷା ଚଳିତ ଫେବୃଆରୀ ମାସ ୧୯ ତାରିଖ ଠାରୁ ଆରମ୍ଭ ହୋଇ ମାର୍ଚ୍ଚ ମାସ ୨ ତାରିଖ ଦିନ ସମାପ୍ତ ହେବ ବୋଲି ଜଣାପଡିଛି। ଗଣିତ କୁ ଛାଡି ଅନ୍ୟ ସମସ୍ତ ବିଷୟ ଦିବା ୯ ଘ ରୁ ଆରମ୍ଭ ହୋଇ ଦିବା ୧୧ ଘ. ୩୦ ମି. ରେ ସରୁଥିବା ବେଳେ ଗଣିତ ଦିବା ୯ ଘ. ରୁ ଆରମ୍ଭ ହୋଇ ଦିବା ୧୧ ଘ. ୪୫ ମି ରେ ସରିବ ବୋଲି ଜଣାପଡିଛି। ଚଳିତ ବର୍ଷ ପ୍ରଶ୍ନପତ୍ର ଯୋଗାଣ ସହ ପରୀକ୍ଷା ଖାତା ସଂଗ୍ରହ ପାଇଁ ବେତନଟୀ ପିଏମଶ୍ରୀ ହାଇସ୍କୁଲ କୁ ନୋଡାଲ ସେଣ୍ଟର ଭାବରେ ଚିହ୍ନଟ କରାଯାଇଛି। ଏହି ସେଣ୍ଟର୍ ରେ ସମସ୍ତ ପରୀକ୍ଷା କେନ୍ଦ୍ର ପାଇଁ କଡ଼ା ପହରା ମଧ୍ୟରେ ପ୍ରଶ୍ନପତ୍ର ଗଚ୍ଛିତ ରହିବା ସହ ପରୀକ୍ଷା ଦିନ ପ୍ରଶ୍ନପତ୍ର ଯୋଗାଇ ଦିଆଯିବ ବୋଲି ଜଣାପଡିଛି। ବେତନଟୀ ବ୍ଲକ ର ୧୧ ଗୋଟି ପରୀକ୍ଷା କେନ୍ଦ୍ର ସହ ବଡ଼ସାହି ବ୍ଲକ୍ ର କୋଚିଲାଖୁଣ୍ଟା ଓ ମୋରଡା ବ୍ଲକ୍ ର ଦାନ୍ତିଆମୁଁହା ପରୀକ୍ଷା କେନ୍ଦ୍ର କୁ ଏଠାରୁ ପ୍ରଶ୍ନପତ୍ର ଯୋଗାଇ ଦିଆଯିବ। ବେତନଟୀ ବ୍ଲକର ୧୧ ଟି ପରୀକ୍ଷା କେନ୍ଦ୍ର ମଧ୍ୟରୁ ଏମପିସି ହାଇସ୍କୁଲ ରେ ୧୮୫ ଜଣ, ସରକାରୀ ବାଳିକା ହାଇସ୍କୁଲ ବେତନଟୀ ରେ ୧୮୭ ଜଣ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଶାଳବଣୀ ରେ ୧୯୮ ଜଣ, ଜନତା ହାଇସ୍କୁଲ ସନ୍ତରା ରେ ୧୫୬ ଜଣ, ସରକାରୀ ହାଇସ୍କୁଲ ବ୍ରହ୍ମପୁରା ରେ ୧୬୧ ଜଣ, ସିଦ୍ଧେଶ୍ୱର ହାଇସ୍କୁଲ ଛଚିନାପଦା ରେ ୧୫୧ ଜଣ, ସତ୍ୟସାଇ ହାଇସ୍କୁଲ ଖୁଣ୍ଟାପୁର ରେ ୧୨୨ ଜଣ, ସରକାରୀ ହାଇସ୍କୁଲ ଅଁଳା ରେ ୧୨୩ ଜଣ, ସରକାରୀ ହାଇସ୍କୁଲ ପାଟଳିପୁରା ରେ ୧୫୮ ଜଣ,ମୁନିଲାଲ ସରକାରୀ ହାଇସ୍କୁଲ ବୈଶିଙ୍ଗା ରେ ୧୮୨ ଜଣ ଓ ସରକାରୀ ହାଇସ୍କୁଲ ଗଡଦେଉଳିଆ ରେ ୨୩୦ ଜଣ ମୋଟ ୧୮୫୩ ଜଣ ପରୀକ୍ଷାର୍ଥୀ ମେଟ୍ରିକ ପରୀକ୍ଷା ଦେବେ ବୋଲି ଜଣାପଡିଛି। ଓଷ୍ଟା ର ଜିଲ୍ଲା ସଂପାଦକ କିଶୋର କୁମାର ଆଚାର୍ଯ୍ୟ, ବ୍ଲକ୍ ସଭାପତି ଶିଶିର କୁମାର ନାୟକ, ସଂପାଦକ ସୁର୍ଯ୍ୟାନନ୍ଦ ନାୟକ ଚଳିତ ବର୍ଷ ବୋର୍ଡ ପରୀକ୍ଷା ର ସମସ୍ତ ପରିକ୍ଷାର୍ଥୀ ଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ପରୀକ୍ଷା ର ସୁପରିଚାଳନା ପାଇଁ ବ୍ଲକ୍ ର ସମସ୍ତ ଶିକ୍ଷକ,ଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମଚାରୀ, ଅଭିଭାବକ, ଛାତ୍ର, ଛାତ୍ରୀ ଓ ସର୍ବୋପରି ସମସ୍ତ ଜନସାଧାରଣଙ୍କ ସହଯୋଗ କାମନା କରିଛନ୍ତି।

# ସୁଶାସନର ଅଂଶ ....

(ପୃଷ୍ଠା ୩ର ଅବଶିଷ୍ଟାଂଶ)

ସଡ଼କ ଭିତ୍ତିଭୂମି ଓ ସଡ଼କ ସୁରକ୍ଷା କ୍ଷେତ୍ରରେ ସରକାରଙ୍କ ଏହି ଯୁଗାନ୍ତକାରୀ ପଦକ୍ଷେପ ଗୁଡ଼ିକ ବିକାଶ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆଣିବ। ଆମ ସମସ୍ତଙ୍କର ଲକ୍ଷ୍ୟ ହେଉଛି ସମୃଦ୍ଧ ଓଡ଼ିଶା ବିକଶିତ ଓଡ଼ିଶା। ଏହି ଲକ୍ଷ୍ୟ ହାସଲ କରିବା ପାଇଁ ଅତ୍ୟାଧୁନିକ ସଡ଼କ ପରିବହନ, ସୁରକ୍ଷିତ ଟ୍ରାଫିକ ବ୍ୟବସ୍ଥା ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ନିଆଯାଉଥିବା ପଦକ୍ଷେପ ଗୁଡ଼ିକ ଯେପରି ସଫଳ ହେବ ସେଥିପାଇଁ ଆମ ସମସ୍ତଙ୍କର ଗୁରୁତ୍ୱପୂର୍ଣ୍ଣ ସହଯୋଗର ଭୂମିକା ରହିଛି। ସମସ୍ତଙ୍କୁ ସୁରକ୍ଷିତ ଯାନ ଚାଳନା ପାଇଁ ଆହ୍ୱାନ ଦେଇ ଚଳିତବର୍ଷ ମୁଖ୍ୟମନ୍ତ୍ରୀ ସମସ୍ତଙ୍କ ଚାଳକଙ୍କୁ ଶୁଭେଚ୍ଛା ଜଣାଇ କହିଥିଲେ ‘ଡ୍ରାଇଭ ସେଫ, କମ୍ ହୋମ ସେଫ୍। ସରକାର ଏକ ନୂତନ ଯୋଜନାକ୍ରମରେ ପାଞ୍ଚ ଜଣ ମହିଳା ଗାଡ଼ି ଚାଳକ ମାନଙ୍କୁ ଗାଡ଼ି ଚାବି ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ ଯେ ଆମ ସୁବାହକ ଯୋଜନା ଅଧୀନରେ ସରକାରୀ ଗ୍ୟାରେଣ୍ଟିରେ କାର କିଣିବା ପାଇଁ ଋଣ ପ୍ରଦାନ କରାଯାଉଛି। ସଡ଼କ ଦୁର୍ଘଟଣା କେବଳ ଆମ ରାଜ୍ୟ କି ଦେଶରେ ନୁହେଁ, ସମଗ୍ର ମାନବ ସଭ୍ୟତା ସମ୍ମୁଖରେ ବଡ଼ ଚିନ୍ତାର ବିଷୟ ହୋଇ ସାରିଛି। ଏଣୁ ଶିକ୍ଷାରୁ ସୁରକ୍ଷା ଏବଂ ସଡ଼କ ଦୁର୍ଘଟଣାକୁ ରୋକି ପାରିବା। ସଡ଼କ ସୁରକ୍ଷା କ୍ଷେତ୍ରରେ ଆମ ସମସ୍ତଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି।

ଗୋତରା, ମାହାଙ୍ଗା, କଟକ,
ମୋ : ୯୪୩୭୧୪୨୭୧୭

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ଆରମ୍ଭ ହେଲା ମୁଖ୍ୟମନ୍ତ୍ରୀ...

ସୁରୁଖୁରୁରେ ବିବାହ କରିପାରିବେ। ପୂର୍ବରୁ ମହିଳା ମାନଙ୍କ ନିମନ୍ତେ ସୁଭଦ୍ରା ଯୋଜନାରେ ସ୍ୱାବଲମ୍ବୀ କରାଯାଉଥିବା ବେଳେ ଏବେ କନ୍ୟା ଯୋଜନାରେ ସେମାନଙ୍କ ବିବାହ କରାଯାଉଛି। ଏବେ ଆଉ କେହି ଗରୀବ ଶ୍ରେଣୀର କନ୍ୟା ମାନେ ଅବିବାହିତ ହୋଇ ରହିବେ ନାହିଁ ବୋଲି କହିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା । ଅନେକ ପରିବାର, ଅନେକ ଝିଅ ଏହି ନୂଆ ଆରମ୍ଭକୁ ନେଇ ଖୁସି ବ୍ୟକ୍ତ କରିଛନ୍ତି। ଏହାସହ ସରକାରଙ୍କୁ ମଧ୍ୟ ସାଧୁବାଦ ଜଣାଇଛନ୍ତି। ଗରିବଙ୍କ ସହ ଛିଡା ହେବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଏହି ଯୋଜନାକୁ ଚାରିଆଡୁ ପ୍ରଶଂସା କରାଯାଉଛି।

### ଭିଜିଲାନ୍ସ ଜାଲରେ...

ସହଯୋଗ ଲୋଡିଥିଲେ। ଆଜି ସକାଳେ ଡିଏନକେ ସ୍ଥିତ ବିଦ୍ୟୁତ ସେକ୍ସନ କାର୍ଯ୍ୟାଳୟ ସମ୍ମୁଖରେ ଟଂକା ନେଇ ନିକଟରେ ରହିଥିବା ବହି ଦୋକାନୀ ଭଞ୍ଜ କିଶୋର ସ୍ୱାଇଁଙ୍କୁ ଟଂକା ଦେଇଥିଲେ। ଏହି ସମୟରେ ଛପି ରହିଥିବା ଭିଜିଲାନସ କର୍ମଚାରୀ ଚଢ଼ାଉ କରିଥିଲେ। ଭିଜିଲାନସ ଅଧିକାରୀ ୨୦ ହଜାର ଟଂକା ଜବତ କରିବା ସହ କନିଷ୍ଠ ଯନ୍ତ୍ରୀ ଶ୍ରୀ ନାୟକଙ୍କ ହାତ ଧୋଇବା ସହ ବହି ଦୋକାନ ମାଲିକ ଭଞ୍ଜକିଶୋର ସ୍ୱାଇଁଙ୍କୁ ତୁରନ୍ତ କାବୁ କରି ଭିଜିଲାନସ କାର୍ଯ୍ୟାଳୟକୁ ନେଇଥିଲେ। ଏଥିସହ କନିଷ୍ଠ ଯନ୍ତ୍ରୀ ଶ୍ରୀ ନାୟକଙ୍କ ଡିଭିଜନାଲ କାର୍ଯ୍ୟାଳୟ,ତାଂକ କ୍ୱାଟରରେ ଏକାକାଳୀନ ତଦନ୍ତ କରୁଛି ଭିଜିଲାନସ। ତେବେ ତଦନ୍ତ ଚାଲିଥିବାରୁ ବର୍ତ୍ତମାନ ସୁଦ୍ଧା କେତେ ସ୍ଥାବର ଓ ଅସ୍ଥାବର ସଂପତ୍ତି ରହିଛି ତାହା ଜଣାପଡି ନାହିଁ। ଯନ୍ତ୍ରୀ ଶ୍ରୀ ନାୟକ ଏବଂ ବହି ଦୋକାନୀ ଭଞ୍ଜକିଶୋର ସ୍ୱାଇଁଙ୍କ ନାମରେ କେଶ ରୁଜୁ କରାଯାଇଥିବା ଡିଏସପି ସଦାନନ୍ଦ ପାଣି ପ୍ରକାଶ କରିଛନ୍ତି। ଏହି ଚଢାଉରେ ଜୟପୁର ଭିଜିଲାନସ ଏବଂ ମାଲକାନଗିରି ଭିଜିଲାନସ ବିଭାଗର ଦୁଇ ଜଣ ଡିଏସପିଙ୍କ ସମେତ ଇନସ୍ପେକ୍ଟର ଏବଂ ଅନ୍ୟ କର୍ମଚାରୀ ସାମିଲ ଥିଲେ।

### ଫକୀର ମୋହନ ବିଶ୍ୱବିଦ୍ୟାଳୟର...

ତାଙ୍କର କିଛି ବକ୍ତବ୍ୟ ଅତ୍ୟନ୍ତ ହୃଦୟ ସ୍ପର୍ଷୀ ଥିଲା ଯଥା ‘ ଏ ମାଟି କେବଳ ରତ୍ନ ଗର୍ଭା ନୁହଁ ମାଟିର ମା ମାନେ ମଧ୍ୟ ରତ୍ନ ଗର୍ଭା। ଖାଲି ଫକିର ମୋହନ ନୁହଁ ସେ ମନେ ପକାଇଥିଲେ ରାଧାନାଥ ଙ୍କୁ, କ୍ଲାନ୍ତ କବି ଙ୍କୁ ପୁଣି କୁନ୍ତଳା କୁମାରୀ ସାବତ ଙ୍କୁ। ଶେଷରେ ଉତ୍କଳ ମଣିଙ୍କ ଉକ୍ତି ‘ମାନବ ଜୀବନ ନୁହଇ କେବଳ ବର୍ଷ ମାସ ଦିନ ଦଣ୍ଡ କର୍ମେ ଯିଏ ନର କର୍ମ ଏକ ତାର ଜୀବନ ର ମାନଦଣ୍ଡ‘ କହି ନିଜର ବକ୍ତବ୍ୟ ସାଙ୍ଗ କଲେ। ମାନ୍ୟବର ରାଜ୍ୟପାଳ ମହୋଦୟ ମାନ୍ୟବର ମୁଖ୍ୟମନ୍ତ୍ରୀ ଓ ମାନ୍ୟବର ପ୍ରଧାନ ମନ୍ତ୍ରୀ ଙ୍କ ଶିକ୍ଷା ସମ୍ବନ୍ଧୀୟ ଉଲ୍ଲେଖନୀୟ ଭାବିଶ୍ୟମୂଳକ ଯୋଜନା ଓ ଭିଜନ ସମ୍ପର୍କରେ କହିଥିଲେ। ସମାବର୍ତ୍ତନରେ ୧,୮୩୧ ଜଣ ସ୍ନାତକ ଓ ସ୍ନାତକୋତ୍ତର ଶ୍ରେଷ୍ଠ ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ଓ ପଦକ ପ୍ରଦାନ କରାଗଲା। ଗତ ତିନି ବର୍ଷରେ ବିଶ୍ୱବିଦ୍ୟାଳୟ ୧୦୧ଟି ସ୍ୱର୍ଣ୍ଣପଦକ ପ୍ରଦାନ କରିଥିବା ବେଳେ ୮୯ ଜଣ ଗବେଷଣା ପଣ୍ଡିତ ପିଏଚ୍‌ଡି ଡିଗ୍ରୀ ପ୍ରାପ୍ତ କରିଛନ୍ତି। ମାନ୍ୟବର ଉଚ୍ଚଶିକ୍ଷା ଓ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୁରଜ ରାଜ୍ୟରେ ଉଚ୍ଚଶିକ୍ଷାକୁ ସୁଦୃଢ଼ କରିବା ପାଇଁ ନୂତନ ପଦକ୍ଷେପ ଓ ନୀତି ସଂଶୋଧନ ବିଷୟରେ ଆଲୋକପାତ କରିଥିଲେ। ଏହି ଅବସରରେ ନିମ୍ନଲିଖିତ ବ୍ୟକ୍ତିବିଶେଷମାନଙ୍କୁ ସମ୍ମାନସୂଚକ ଡକ୍ଟରେଟ୍ ଡିଗ୍ରୀ ପ୍ରଦାନ କରାଗଲା: କ୍ରୀଡା କ୍ଷେତ୍ରରେ ଉତ୍କୃଷ୍ଟତା ପାଇଁ ଶ୍ରୀମତୀ ଅନୁରାଧା ବିଶ୍ୱାଳ। ସାହିତ୍ୟ କ୍ଷେତ୍ରରେ ଅବଦାନ ପାଇଁ ଶ୍ରୀ ସନ୍ତନୁ କୁମାର ଆଚାର୍ଯ୍ୟ। ଶାସ୍ତ୍ରୀୟ ଓଡ଼ିଶୀ ସଙ୍ଗୀତ କ୍ଷେତ୍ରରେ ଅବଦାନ ପାଇଁ ଗୁରୁ ଗୋପାଳ ଚନ୍ଦ୍ର ପାଣ୍ଡା ।ଉପକୁଳପତି ପ୍ରଫେସର୍ ସନ୍ତୋଷ କୁମାର ତ୍ରିପାଠୀ ବିଶ୍ୱବିଦ୍ୟାଳୟର ଉପଲବ୍ଧି ଓ ବିକାଶମୂଳକ କାର୍ଯ୍ୟକଳାପ ସମ୍ପର୍କରେ ବିସ୍ତୃତ ରିପୋର୍ଟ ପ୍ରସ୍ତୁତ କରିଥିଲେ। ରାଜ୍ୟପାଳ ଓ ଚାଞ୍ଚେଲର୍ ଶ୍ରୀ ହରିବାବୁ କାମ୍ଭାମପତି ଶିକ୍ଷାକୁ ସମାଜ ଉନ୍ନତିର ଶକ୍ତିଶାଳୀ ଉପକରଣ ବୋଲି ଉଲ୍ଲେଖ କରି ଛାତ୍ରଛାତ୍ରୀମାନଙ୍କୁ ଆଜୀବନ ଶିକ୍ଷାର୍ଥୀ ହୋଇ ରହିବାକୁ ପରାମର୍ଶ ଦେଇଥିଲେ। ସମାରୋହରେ ସାଂସଦ ଶ୍ରୀ ପ୍ରତାପ ଚନ୍ଦ୍ର ସାରଙ୍ଗୀ, ବାଲେଶ୍ୱର, ନୀଳଗିରି, ସିମୁଳିଆ ଓ ରେମୁଣା (ଉପମୁଖ୍ୟ ସଚେତକ) ବିଧାୟକମାନେ, ସହିତ ଉଚ୍ଚପଦସ୍ଥ ପ୍ରଶାସନିକ ଅଧିକାରୀ, ଶିକ୍ଷାବିଦ୍ ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ। ସମାରୋହ ପ୍ରଫେସର୍ ନିହାର ରଞ୍ଜନ ରାଉତଙ୍କ ମଞ୍ଚ ସଂଚାଳନାରେ ସଫଳତାର ସହିତ ସମ୍ପନ୍ନ ହୋଇଥିଲା।

### ୟୁମନାମ ଖେମଚାନ୍ଦ...

ରାଷ୍ଟ୍ରପତି ଶାସନ ଲାଗୁ କରିଥିଲେ। ମଣିପୁରର ୬୦ ସଦସ୍ୟ ବିଶିଷ୍ଟ ବିଧାନସଭା । ଏହାର କାର୍ଯ୍ୟକାଳ ୨୦୨୭ରେ ଶେଷ ହେଉଛି । ଏହି ସମୟରେ ନୂତନ ସରକାର ଗଠନ ପାଇଁ ପ୍ରସ୍ତୁତି ପାଇଁ ବିଜେପି ସଂସଦୀୟ ବୋର୍ଡ ମଣିପୁରରେ ବିଧାୟକ ଦଳ ନେତାଙ୍କ ନିର୍ବାଚନ ପାଇଁ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଭାବରେ ବିଜେପି ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ତରୁଣ ଚୁଗଙ୍କୁ ନିଯୁକ୍ତ କରିଥିଲେ। ପୂର୍ବରୁ ଗତ ବର୍ଷ ଡିସେମ୍ବର ୧୪ ତାରିଖରେ ମଣିପୁର ବିଜେପି ବିଧାୟକ ଦଳ ନୂଆଦିଲ୍ଲୀର ଦଳୀୟ ମୁଖ୍ୟାଳୟରେ ଶାନ୍ତି ପ୍ରକ୍ରିୟା ଏବଂ ହିଂସା ପ୍ରଭାବିତ ରାଜ୍ୟ ସହିତ ଜଡିତ ଅନ୍ୟାନ୍ୟ ପ୍ରମୁଖ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲା । ପୂର୍ବତନ ମୁଖ୍ୟମନ୍ତ୍ରୀ ବୀରେନ ସିଂହ ଏବଂ ରାଜ୍ୟ ବିଧାନସଭା ବାଚସ୍ପତି ଥୋକଚୋମ ସତ୍ୟବ୍ରତ ସିଂହଙ୍କ ସମେତ ୩୪ ରୁ ଅଧିକ ବିଜେପି ବିଧାୟକ ଏବଂ ବିଏଲ ସନ୍ତୋଷ, ସମ୍ବିତ ପାତ୍ର ଏବଂ ମଣିପୁର ବିଜେପି ସଭାପତି ଶାରଦା ଦେବୀ ମଧ୍ୟ ବୈଠକରେ ଉପସ୍ଥିତ ଥିଲେ।

# ପୌର ଓ ଏନ୍‌ଏସି ନିର୍ବାଚନ ବାଲଟ୍‌ରେ ହେଉ: ପିସିସି ସଭାପତି

ଭୁବନେଶ୍ୱର, ୩/୨ (ନି.ପ୍ର): ରାଜ୍ୟରେ ହେବାକୁ ଯାଉଥିବା ନୂଆ ପୌର ଓ ଏନ୍‌ଏସି (ବିଜ୍ଞାପିତ ଅଂଚଳ ପରିଷଦ ) ନିର୍ବାଚନ ବାଲଟ୍ ପେପର ମାଧ୍ୟମରେ କରାଯାଉ ବୋଲି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ଭକ୍ତ ଦାସ ଦାବି କରିଛନ୍ତି। ନୂଆ ପୌର ଓ ଏନ୍‌ଏସି ନିର୍ବାଚନ ସମ୍ପର୍କରେ ପ୍ରତିକ୍ରିୟା ରଖି ଶ୍ରୀ ଦାସ କହିଛନ୍ତି ଯେ, ଇଭିଏମ୍ ମାଧ୍ୟମରେ ଭୋଟ୍ ଚୋରି ହେଉଥିବା ନେଇ ବାରମ୍ବାର ପ୍ରଶ୍ନ ଉଠାଯାଇଛି। ଏହି ପ୍ରସଙ୍ଗରେ ନିର୍ବାଚନ ବାଲଟ୍‌ରେ କରାଯିବା ପାଇଁ ନିର୍ବାଚନ କମିଶନଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ସେ କହିଛନ୍ତି। ପିସିସି ସଭାପତି କହିଛନ୍ତି ଯେ, କଂଗ୍ରେସ ଦଳ ନିର୍ବାଚନ ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି ଏବଂ ସଂଗଠନ ଦୃଢ଼ ଭାବେ ମୁକାବିଲା କରିବ।

# ଶାଣ୍ଡିଲ୍ୟ ବିବେକ ଶିକ୍ଷାକେନ୍ଦ୍ରର ଦଶମ ବାର୍ଷିକ ଉତ୍ସବ ଅନୁଷ୍ଠିତ

ବାଲେଶ୍ୱର, ୩/୨ (ନି.ପ୍ର): ସ୍ଥାନୀୟ ଶାଣ୍ଡିଲ୍ୟ ବିବେକ ଶିକ୍ଷା କେନ୍ଦ୍ର ରେ ଦଶମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଉତ୍କଳ ଶିକ୍ଷା ପରିଷଦ,ଓଡିଶାର ରାଜ୍ୟ ସମ୍ପାଦକ ଯୋଗେନ୍ଦ୍ର ଦାଶ ଯୋଗ ଦେଇ ଶିଶୁ ମାନଂକୁ ଗଢିବାରେ ମାଆ ମାନଙ୍କ ର ଗୁରୁ ଦାୟିତ୍ୱ ରହିଛି ବୋଲି ନିଜ ବକ୍ତବ୍ୟ ରେ କହିଥିଲେ । ପ୍ରଥମ ଅଧିବେଶନ ରେ ପରିଷଦ ର ସହ ସମ୍ପାଦିକା ଲିଜାରାଣୀ ଦାଶ ଙ୍କ ଅଧକ୍ଷତା ରେ ମାତୃପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା,ଏହି କାର୍ଯ୍ୟକ୍ରମକୁ ଦେଓଘର ର ଅଧକ୍ଷ ପୂଜ୍ୟ ପାଦ ବିଦ୍ୟୁତ ରଞ୍ଜନ ଚକ୍ରବର୍ତ୍ତୀ ଉଦଘାଟନ କରି ମାଆ ମାନଙ୍କ ର ଶ୍ରେଷ୍ଠ ଭୂମିକା ହିଁ ଜଣେ ଶିଶୁ କୁ ମହାନ କରି ତୋଳି ଉଠେ । ମୁଖ୍ୟ ବକ୍ତା ଭାବେ ପ୍ରତିଭା




ଶ୍ରୀ ର ମୁଖ୍ୟ ତଥା ବିଶିଷ୍ଟ କବି ପ୍ରଶାନ୍ତ ଦାସ, ସମ୍ମାନିତ ବକ୍ତା ଭାବେ ସାଇ ଶିଶୁ ବିଦ୍ୟାମନ୍ଦିର ର ପ୍ରଧାନ ଆଚାର୍ଯ୍ୟ ମଧୁସୂଦନ ମିଶ୍ର, କୁଡ଼ିଆ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ସମ୍ପାଦକ ପ୍ରଶାନ୍ତ ପରିଡା, ଅନୁଷ୍ଠାନ ଟ୍ରଷ୍ଟ ସଭାପତି ବେଣୁଧର ବାରିକ, ଟ୍ରଷ୍ଟ ସମ୍ପାଦକ ବାଣୀ ନିର୍ମାଲ୍ୟ ବିଶ୍ୱାଳ, ପରିଚାଳନା ସଭାପତି ଗଦାଧର ଗିରି,ଉପ ପ୍ରଧାନ ଆଚାର୍ଯ୍ୟ ଦାମୋଦର ମହାର୍ଣ୍ଣକ୍ଷ ପ୍ରମୁଖ ଯୋଗ ଦେଇ ଥିଲେ । ପ୍ରଧାନ ଆଚାର୍ଯ୍ୟ ମଧୁସୂଦନ ଦାଶଙ୍କ ସଭାପତିତ୍ୱ ରେ ସମ୍ପାଦକ ନିତ୍ୟାନନ୍ଦ ରାଉତ ସ୍ୱାଗତ ଅଭିଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଗୁରୁଜୀ ଜିତେନ୍ଦ୍ର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ । ପରିଷଦ ତରଫରୁ କୃତି ଶିକ୍ଷକ ଭାବେ ନାଟ୍ୟକାର ବିଜୟ କୁମାର ପରିଡା ଙ୍କୁ ସମ୍ବର୍ଦ୍ଧିତ ଏବଂ ଅନୁଷ୍ଠାନ ତରଫରୁ ଗୁରୁମା ସାରସ୍ୱତୀ ଦତ୍ତଙ୍କୁ ଶ୍ରେଷ୍ଠ ଗୁରୁମା ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ କୃତି ପ୍ରତିଯୋଗୀ ମାନଂକୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଶେଷ ରେ ପିଲା ମାନଙ୍କ ଦ୍ୱାରା ଗୀତ, ନାଚ, ଯୋଗ, ଏବଂ ନାଟକ - ବାପା ପ୍ରଦର୍ଶିତ ହୋଇଥିଲା

# କାଶୀଶ୍ୱର ସଂସ୍କୃତ ବିଦ୍ୟାପୀଠର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ

ବାସୁଦେବପୁର, ୩/୨ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ଆରୁହା ପଞ୍ଚାୟତର ତୁଳମତୁଳା କାଶୀଶ୍ୱର ସଂସ୍କୃତ ବିଦ୍ୟାପୀଠର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି। ଏହି ଉତ୍ସବରେ ପ୍ରଧାନ ପଣ୍ଡିତ ମନ୍ମଥ କୁମାର ପଣ୍ଡା ସଭାପତିତ୍ୱ କରିଥିଲେ। ବାସୁଦେବପୁର ନିର୍ବାଚନ ମଣ୍ଡଳୀର ମାନ୍ୟବର ବିଧାୟକ ଅଶୋକ କୁମାର ଦାସ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଉତ୍ସବରେ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ କ୍ଷୀରକୋଣା ଗୋପପ୍ରାଣ ଉଚ୍ଚ ମାଧ୍ୟମିକ



ବିଦ୍ୟାଳୟର ଅଧକ୍ଷ ପୂର୍ଣ୍ଣଚନ୍ଦ୍ର ସିଂହ। ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅମୀୟ କୁମାର ମହାଳିକ, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ରାଜେନ୍ଦ୍ର ପାଣିଗ୍ରାହୀ, ଆରୁହା ସରପଞ୍ଚ ରାଜେନ୍ଦ୍ର କୁମାର ସାହୁ, ସମିତି ସଭ୍ୟ ସୁରେନ୍ଦ୍ର ପ୍ରସାଦ ବେଜ, ନିଖିଳ ଉତ୍କଳ ସଂସ୍କୃତ ମହାମଣ୍ଡଳର କାର୍ଯ୍ୟକାରୀ ସଭାପତି ହରେକୃଷ୍ଣ ପାଣିଗ୍ରାହୀ, ସ୍କୁଲ୍ ପରିଚାଳନା କମିଟି ସଭାପତି ଚିରଞ୍ଜିବୀ ରାୟ। ସମସ୍ତ ଅତିଥି ଖୁବ୍ ସୁନ୍ଦର ବକ୍ତବ୍ୟ ପ୍ରଦାନ କରିଥିଲେ ଏବଂ ଛାତ୍ର ଛାତ୍ରୀ ମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ କାମନା କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ପ୍ରମାଣ ପତ୍ର ଓ ଟ୍ରଫି ସହିତ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଉତ୍ସବରେ ବରିଷ୍ଠ ଶିକ୍ଷକ ନାରାୟଣ ନାୟକ ବାର୍ଷିକ ବିବରଣୀ ପାଠ କରିଥିଲା ବେଳେ ସାହିତ୍ୟ ପ୍ରେମୀ ସୁକାନ୍ତ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷକ ସରୋଜ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ସୁରେନ୍ଦ୍ର ପ୍ରସାଦ ନାଥ, ନିଶାକର ପଣ୍ଡା,ଚକ୍ରଧର ପଣ୍ଡା,ଚକ୍ରଧର ଗିରି, ମିନତୀ ପାଣିଗ୍ରାହୀ ପ୍ରମୁଖ ଏହି ଉତ୍ସବକୁ ପରିଚାଳନା କରିବାରେ ସହଯୋଗ କରିଥିଲେ। ଶେଷରେ ନୃତ୍ୟ ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

ବୁଧବାର, ଫେବୃଆରୀ ୦୪, ୨୦୨୬

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ସୁଶୀଳା ତିରିଆଙ୍କ ବିୟୋଗରେ ଲକ୍ଷ୍ମୀ ବାସନ୍ତୀ ଆବାସିକ ବିଦ୍ୟାଳୟ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା

ବସ୍ତା ୩.୨(ନିପ୍ର): ପୂର୍ବତନ ସାଂସଦ ବରିଷ୍ଠ କଂଗ୍ରେସ ନେତ୍ରୀ ସୁଶୀଳା ତିରିଆ ଙ୍କ ବିୟୋଗ ସମଗ୍ର ରାଜ୍ୟରେ ଶୋକର ଛାୟା ଖେଳିଯାଇଛି। ବସ୍ତା ବ୍ଲକ ଅନ୍ତର୍ଗତ ମଥାନୀ ପଂଚାୟତ ସ୍ଥିତ ସାନଖୁଡୀ ଠାରେ ଥିବା ଲକ୍ଷ୍ମୀ ବାସନ୍ତୀ ଆବାସିକ ବିଦ୍ୟାଳୟ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯିବା ସଂଗେ ସଂଗେ ଏକ ସ୍ମୃତି ସଭା ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନ ପ୍ରତିଷ୍ଠାତା ସମ୍ପାଦକ ଡ଼ ଅମର କୁମାର ପାଳ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ମୁଖ୍ୟ ଅତିଥି ଭାବେ କଂଗ୍ରେସ ଯୁବ ନେତା ଇଂ ସୁଧାଂଶୁ ଶେଖର ଜେନା ମୁଖ୍ୟ ବକ୍ତା ଭାବେ ଅବସରପ୍ରାପ୍ତ ସରକାରୀ ଅଧିକାରୀ ରଜନିକାନ୍ତ ପରିଡା ସମ୍ମାଦିକା ମଞ୍ଜୁଲତା ବିଶ୍ୱାଳ ଉପଦେଷ୍ଟା ଶ୍ରୀଧର ଦାସ ଯୋଗ ଦେଇ ଉପସ୍ଥିତ କର୍ମୀ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନଙ୍କ ନିକଟରେ ସ୍ୱର୍ଗତା ତିଆରି ଙ୍କ ଗୁଣାବଳୀ ଉଲ୍ଲେଖ କରିଥିଲେ। ସେ ସାଂସଦ ଥିବାବେଳେ ଦୁଇ ହଜାର ସାତ ମସିହାରେ ଜୁନ ମାସ ଚାରି ତାରିଖ ଦିନ ଏହି ଅନୁଷ୍ଠାନର ଚତୁର୍ଥ ବାର୍ଷିକ ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଓ ପ୍ରଥମେ ଏହି ଅନୁଷ୍ଠାନ ଟିକୁ ସହାୟତା ପ୍ରଦାନ କରିଥିଲେ। ଆଜି ଅନୁଷ୍ଠାନ ଟି ବେଶ୍ ପ୍ରତିଷ୍ଠିତ ହୋଇପାରିଛି। ତାଙ୍କ ଦାନ କୁ ଏ ଅନୁଷ୍ଠାନ କେବେ ବି ଭୁଲି ପାରିବ ନାହିଁ ବୋଲି ସମସ୍ତେ ମତବ୍ୟକ୍ତ କରିଥିଲେ।କାଳଖୁମାଣୀ ଗାଁ ରୁ ଦିଲ୍ଲୀ ଦରବାର ପର୍ଯ୍ୟନ୍ତ ଯାତ୍ରା ନିଷ୍ଠୟ ସଂଘର୍ଷ ମୟ ବୋଲି କହିଥିଲେ। ପ୍ରଥମେ ତାଙ୍କ ଫୋଟ ଚିତ୍ର ରେ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରାଯାଇଥିଲା। ଶେଷରେ ଅଦଖ୍ୟା ଅପରାଜିତା ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ। ଅନୁଷ୍ଠାନ ର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ କର୍ମଚାରୀ ମାନେ ପରିଚାଳନା ରେ ସହଯୋଗ କରିଥିଲେ।



# ଜିଲ୍ଲାସ୍ତରୀୟ ଜାତୀୟ କନ୍ୟା ସନ୍ତାନ ଦିବସ ପାଳିତ



ଖୋର୍ଦ୍ଧା, ୩/୨ (ନି.ପ୍ର): ଖୋର୍ଦ୍ଧା ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଶ୍ରୀମତୀ କୁସୁମ କୁମାରୀ ପ୍ରହରାଜଙ୍କ ପୌରହିତ୍ୟରେ ଆଜି ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲା ସ୍ତରୀୟ କନ୍ୟା ସନ୍ତାନ ଦିବସ ପାଳିତ ହୋଇଯାଇଅଛି । ଏହି ଅବସରରେ ବ୍ୟାପକ ସଚେତନତା ଜାଗରଣ କରିବା ନିମନ୍ତେ ଏକ ସପ୍ତାହ ବ୍ୟାପି ୧୭ ଜାନୁୟାରୀ ଠାରୁ ୨୪ ଜାନୁୟାରୀ ୨୦୨୬ ପର୍ଯ୍ୟନ୍ତ ଜିଲ୍ଲାର ବିଭିନ୍ନ ସ୍କୁଲ, କଲେଜ ଗୁଡିକରେ ଚିତ୍ରାଙ୍କନ, ନିବନ୍ଧ, ବକ୍ତୃତା ଓ ଅନ୍ୟାନ୍ୟ ପ୍ରତିଯୋଗିତାମାନ ଆୟୋଜିତ କରାଯାଇଥିଲା । ଆଜିର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲ୍ଲାପାଳ, ପ୍ରଶାସନ, ଶ୍ରୀ ପ୍ରତାପ ଚନ୍ଦ୍ର ବେଉରା, ସମ୍ମାନିତ ଅତିଥି ଭାବେ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ଶ୍ରୀ ଦିଲ୍ଲୀପ କୁମାର ହିଆଲ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀମତୀ ବାଣୀଶ୍ରୀ ପଟ୍ଟନାୟକ, ଆରକ୍ଷୀ ନିରୀକ୍ଷକ ମମତା ପତି ଯୋଗଦେଇଥିଲେ । ଜାତୀୟ କନ୍ୟା ସନ୍ତାନ ଦିବସ ପାଳନର ଉଦେଶ୍ୟ ଓ ଆଭିମୁଖ୍ୟ, କନ୍ୟା ସନ୍ତାନ ମାନଙ୍କର ଅଧିକାର ଏବଂ ସେମାନଙ୍କ ଶଶକ୍ତିକରଣ ପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ମୁଖ୍ୟ ଅତିଥି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରତାପ ଚନ୍ଦ୍ର ବେଉରା ବିସ୍ତୃତ ଭାବେ ବକ୍ତବ୍ୟ ପ୍ରଦାନ କରିଥିଲେ । ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଶ୍ରୀମତୀ କୁସୁମ କୁମାରୀ ପ୍ରହାରାଜ ଅତିଥି ପରିଚୟ ଦେଇଥିଲେ ।ଏହି କାର୍ଯ୍ୟକ୍ରମରେ ବି ଡି ଓ ଟାଙ୍ଗୀ, ଚିଲିକା,ଏ ବି ଡି ଓ, ବୋଲଗଡ଼, ସମସ୍ତ ବ୍ଲକର ଶିଶୁ ଉନ୍ନୟନ ପ୍ରକଳ୍ପ ଅଧିକାରୀ, ଅଙ୍ଗନୱାଡ଼ି ସୁପର ଭାଇଯାର, ଶକ୍ତି ସଦନ,ଓ ଏସ ସି, ସ୍ୱେଚ୍ଛାସେବୀ ସଂଗଠନ, କିଶୋରୀ ବାଳିକା ଏବଂ ପ୍ରମୁଖ ଲାଇନ୍ ଡିପାର୍ଟମେଣ୍ଟ ଅଧିକାରୀ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମ ଅବସରରେ ଜିଲ୍ଲାସ୍ତରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା କନ୍ୟା ଛାତ୍ରୀମାନଙ୍କୁ ମୁଖ୍ୟ ଅତିଥି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରତାପ ଚନ୍ଦ୍ର ବେଉରା ପୁରସ୍କୃତ କରିଥିଲେ। ପରିଶେଷରେ ଜିଲ୍ଲା ସଂଯୋଜିକା, ହବ, ସସ୍ମିତା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ସମ୍ବାଦ ପରିବେଷଣର ୪ବର୍ଷ ବିତିଲା : ବିଦ୍ୟାଳୟର ମାଟି ମାଡ଼ିପାରିଲା ନାହିଁ 'ମାକି'

## ସରକାରୀ ଫାଇଲ ଚାଷରେ ସବୁ ଠିକ୍ ଅଛି ଶୁଣିବାକୁ ମିଳୁଛି



ଉଦଳା, ୩/୨ (ନି.ପ୍ର): ୟେ ହେଉଛି କପ୍ତିପଦା ବ୍ଲକ ଅନ୍ତର୍ଗତ ମାଙ୍କଡ଼ପଡ଼ା ପଂଚାୟତ ମଧ୍ୟରେ ଥିବା ମାଙ୍କଡ଼ପଡ଼ା ଗ୍ରାମର ଦୃଶ୍ୟ । ଏହି ଗ୍ରାମର ବାସିନ୍ଦା କାଳିଆ ସିଂ ଓ ମାତା- ଚମ୍ପା ସିଂଙ୍କ କନ୍ୟା 'ମାକି' ଆଧାର କାର୍ଡ଼ ନଥିବା ଯୋଗୁଁ ବିଦ୍ୟାଳୟର ମାଟି ମାଡ଼ିନଥିବାର ଜଣାଯାଇଛି । ଏ ବାବଦରେ ଗତ ୨୦୨୩ ମସିହାରେ ଖବର କାଗଜରେ ସମ୍ବାଦ ପରିବେଷିତ ହୋଇଥିଲା । ସମ୍ବାଦ ପରିବେଷଣ ପରେ ସରକାରୀ ବାବୁ ମାନେ ତଦନ୍ତରେ ଯାଇ ମାକି ସିଂ ଙ୍କ ସମେତ ତାଙ୍କ ପରିବାର ଲୋକଙ୍କୁ ସାକ୍ଷାତ କରିଥିଲେ । ବିଦ୍ୟାଳୟରେ 'ମାକି'ର ନାମ ଲେଖାଯିବ ବୋଲି ପ୍ରତିଶୃତି ମଧ ଦେଇଥିଲେ । କିନ୍ତୁ ଇତି ମଧରେ ଦିର୍ଘ ୪ ବର୍ଷ ସମୟ ଅତିକ୍ରାନ୍ତ ହୋଇଯାଇଥିଲେ ମଧ ଏ ପର୍ଯ୍ୟନ୍ତ 'ମାକି' ବିଦ୍ୟାଳୟର ମାଟି ମାଡ଼ିନଥିବାର କଥା ପରିବାରର ଲୋକେ ଜଣାଇଛନ୍ତି । ୨୦୨୩ ମସିହାରେ 'ମାକି'ର ବୟସ ୯ ବର୍ଷ ଥିବା ବେଳେ ବର୍ତମାନ ୧୩ ବର୍ଷ ବୟସ ଛୁଇଁଲାଣି । ଆଦୌ ପାଠ ପଢ଼ିନଥିବା 'ମାକି'ର ଭବିଷ୍ୟତ ଘୋର ଅନ୍ଧକାର ମଧକୁ ଠେଲିହୋଇ ଯାଉଛି ଏହା ବୁଝିବାରେ କିଛି ଅସୁବିଧା ହେଉନାହିଁ । ସରକାରୀ ଫାଇଲ ଚାଷରେ କୌଣସି ଏକ ବିଦ୍ୟାଳୟ ଖାତାରେ 'ମାକି'ର ନାମ ଗଡ଼ିଚାଲିଛି ବୋଲି ଶୁଣିବାକୁ ମିଳୁଛି । କିନ୍ତୁ ଏ ବାବଦରେ 'ମାକି' କିମ୍ବା ତାଙ୍କର ପରିବାର ଲୋକଙ୍କୁ ଆଦୌ କିଛି ଜଣାନଥିବାର ଜଣାଯାଇଛି । ସରକାରୀ ଫାଇଲ ଚାଷରେ ଯଦି 'ମାକି' ର ନାମ ଗଡ଼ିଚାଲିଛି, ଦିର୍ଘ ୪ ବର୍ଷ ଧରି ବିଦ୍ୟାଳୟରେ ଅନୁପସ୍ଥିତ 'ମାକି' ରହୁଛନ୍ତି ତାଙ୍କୁ ଖୋଜା ପଡ଼ିଲା ନାହିଁ କାହିଁକି ବୋଲି ଅନେକ ପ୍ରଶ୍ନ କରିଛନ୍ତି । ତାଙ୍କ ନାମରେ ଆସୁଥିବା ମଧାହ୍ନ ଭୋଜନ, ପୋଷାକ, ବହି ଏସବୁ ଗଲା କୁଆଡ଼େ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । କପ୍ତିପଦା ଗୋଷ୍ଠୀ ଶିକ୍ଷା ଅଧିନରେ ଚାଲିଥିବା ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ପ୍ରହସନ ପାଲଟିଛି ବୋଲି ବହୁ ଲୋକ ମତ ଦେଇଛନ୍ତି । ଯାହାକି ସ୍ପଷ୍ଟ ଦୃଶ୍ୟମାନ ହେଉଛି । ଆଦିବାସୀ ପିଲାମାନେ ଏହିଭଳି ନାହିଁନଥିବା ଅସୁବିଧାର ସମ୍ମୁଖିନ ହେଉଥିବା ବେଳେ ଏଠାରେ କାର୍ଯ୍ୟରତ ସମନ୍ୱିତ ଆଦିବାସୀ ଉନ୍ନୟନ ପ୍ରକଳ୍ପ ଚୁପ ମାରି ବସିବା ଖୁବ୍ ଯନ୍ତ୍ରଣାଦାୟକ ହୋଇ ଉଠିଛି । ରାଜ୍ୟ ସରକାର ଉକ୍ତ ଘଟଣାର ତଦନ୍ତ କରି ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ବିଭିନ୍ନ ମହଲରେ ଦାବି ହେଉଛି ।

# ୨୫ ତମ ଆନ୍ତର୍ଜାତିକ ନାଟକ ମହୋତ୍ସବର ୨ୟ ସନ୍ଧ୍ୟାରେ ରାଧା - ରାମ କ୍ରିଷ୍ଣା ମଞ୍ଚସ୍ଥ



ପାରାଦୀପ, ୩/୨ (ନି.ପ୍ର): ପାରାଦୀପର ଜୟଦେବ ସଦନ ଠାରେ ଜାତୀୟ ନାଟ୍ୟ ବିଦ୍ୟାଳୟ ତରଫରୁ ଆୟୋଜିତ ୨୫ ତମ ଆନ୍ତର୍ଜାତିକ ନାଟକ ମହୋତ୍ସବ 'ଭାରତ ରଙ୍ଗ ମହୋତ୍ସବର' ୨ୟ ସନ୍ଧ୍ୟାରେ ପଶ୍ଚିମ ବଙ୍ଗଳାର କଲ୍ୟାଣୀ କଳାମଣ୍ଡଳମ୍ ନାଟ୍ୟ ଅନୁଷ୍ଠାନ ଶାନ୍ତନୁ ଦାସଙ୍କ ନିର୍ଦ୍ଦେଶନାରେ ବଙ୍ଗଳା ଭାଷାର ନାଟକ ରାଧା - ରାମକ୍ରିଷ୍ଣା ମଞ୍ଚସ୍ତ କରିଥିଲେ । ରାଧା -ରାମକୃଷ୍ଣ ଏକ ଐତିହାସିକ କାଳ୍ପନିକ ନାଟକ, ଦୁଇଟି ସମାନ୍ତରାଳ ଯାତ୍ରାର ଚିତ୍ରଣ କରେ । ଦକ୍ଷିଣେଶ୍ୱରରେ ଶ୍ରୀରାମକୃଷ୍ଣଙ୍କ ମଧୁର ସାଧନା, ଯେଉଁଠାରେ ସେ ନିଜକୁ ରାଧା ଭାବରେ କଳ୍ପନା କରିଥିଲେ, ଜଣେ ନାରୀର ଶରୀର ଏବଂ ମାନସିକତାକୁ ଅନୁଭବ କରୁଥିଲେ ଏବଂ ଅଭିନେତ୍ରୀ ବିନୋଦିନୀ ଦାସୀଙ୍କ କଳା ମାଧମରେ ତାଙ୍କ ଜନ୍ମର କଳଙ୍କକୁ ଅତିକ୍ରମ କରିବା ପାଇଁ ସଙ୍ଘର୍ଷ କରିଥିଲେ । ଗିରିଶ ଚନ୍ଦ୍ର ଘୋଷଙ୍କ ଦ୍ୱାରା ରାମକୃଷ୍ଣଙ୍କ ଉପାସନା ବିଷୟରେ ଅନୁପ୍ରାଣିତ ହୋଇ ବିନୋଦିନୀଙ୍କ ଅଭିନୟ ଏକ ଉଚ୍ଚତର ସାଧନାରେ ବିକଶିତ ହୁଏ ଯାହା ପ୍ରଦର୍ଶନ ଏବଂ ଆଧାତ୍ମିକ ଅନୁଭବ ମଧ୍ୟରେ ଥିବା ସୀମାକୁ ଝାପସା କରିଦିଏ । ଔପନିବେଶିକ କଲିକତା, ଜାତିଗତ ପକ୍ଷପାତ ଏବଂ ବ୍ରିଟିଶ ଅପରାଧୀ ଜନଜାତି ଆଇନ ଦ୍ୱାରା ନାରୀକରଣ ପୁରୁଷ ଶରିରକୁ ନିଷେଧ କରାଯିବାର ପୃଷ୍ଠଭୂମି ବିରୁଦ୍ଧରେ ରାମକୃଷ୍ଣ ରାଣୀ ରାସମଣୀଙ୍କ ଜନ ବଜାର ଦୁର୍ଗା ପୂଜାରେ ରାଧାଙ୍କ ପୋଷାକ ପିନ୍ଧି କିନ୍ନର ସମ୍ପ୍ରଦାୟ ସହିତ ନୃତ୍ୟ କରି ଅର୍ଦ୍ଧ ନାରୀ ଅବତାରରେ ଉପସ୍ଥିତ ହୁଅନ୍ତି ଓ ବିନୋଦିନୀଙ୍କୁ ଆଶୀର୍ବାଦ କରି କୁହନ୍ତି କି ତୁମର ଚୈତନ୍ୟ ଜାଗ୍ରତ ହେଉ । ସମାଜକୁ ଆଇନ, ଜାତି କିମ୍ବା ପକ୍ଷପାତ ଦ୍ୱାରା ସଂସ୍କାର କରାଯାଇ ପାରିବ ନାହିଁ, କେବଳ କଳା ଏବଂ ଭକ୍ତିର ପରିବର୍ତ୍ତନକାରୀ ଅଗ୍ନି ମାଧମରେ ହିଁ କରାଯାଇ ପାରିବ । ନାଟକର ଆନନ୍ଦ ନେବା ପାଇଁ ଅଧିକ ବଙ୍ଗଳା ଭାଷୀ ନାଟ୍ୟପ୍ରେମି ଆଜି ଜୟଦେବ ସଦନରେ ଉପସ୍ଥିତ ଥିଲେ ।

# ସମାଜସେବୀ ଶ୍ରୀଧର ଜେନାଙ୍କ ଦେହାନ୍ତ

ନୀଳଗିରି , ୩/୨ (ନି.ପ୍ର): ଔପଦା ବ୍ଲକ୍ ବାଉଁଶବଣିଆ ପଞ୍ଚାୟତ କାନ୍ଥିପଦା ଗ୍ରାମର ସମାଜସେବୀ ତଥା ସିପିଆଇନେତା ଶ୍ରୀଧର ଜେନା ଫେବୃଆରୀ ୨ତାରିଖ ସୋମବାର ୫୪ବର୍ଷ ବୟସରେ ହୃଦଘାତରେ ମୃତ୍ୟୁବରଣ କରିଛନ୍ତି। ଖବରପାଇ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଜିଲ୍ଲାସମ୍ପାଦକ ଭାଗବତ ପ୍ରତିହାରୀ, ରାଜ୍ୟକାର୍ଯ୍ୟକାରୀ କମିଟି ସଦସ୍ୟ ତଥା ବାଉଁଶବଣିଆ ସରପଞ୍ଚ ନିରଞ୍ଜନ ବାରିକ, ବରିଷ୍ଠ କମ୍ୟୁନିଷ୍ଟନେତା କୈଳାସ ଚନ୍ଦ୍ର ପଣ୍ଡା, ଜୋନସମ୍ପାଦକ ବିଜୟ ସ, ଶାଖା ସମ୍ପାଦକ ହରେକୃଷ୍ଣ ପଣ୍ଡିତ, ପ୍ରଭାକର ମହାପାତ୍ର, ଦେବେନ୍ଦ୍ର ବେହେରା, ନାରୀନେତ୍ରୀ ଗାୟତ୍ରୀ ପଣ୍ଡା, ନିରଞ୍ଜନ ଜେନା, ବିଦ୍ୟାଧର ବେହେରା, ଦୀପକ ନାୟକ, ନୀଳମାଧବ ବାରିକ ପ୍ରମୁଖ ପାର୍ଥିବଶରୀର ନିକଟରେ ପହଞ୍ଚି ଶେଷଦର୍ଶନ କରିବାସହିତ ଶରୀର ଉପରେ ଲାଲଝଣ୍ଡା ସମର୍ପଣ କରିଥିଲେ। ତାଙ୍କ ମରଶରୀର ନିକଟରେ ପତ୍ନୀ, ପୁଅ, ଆତ୍ମୀୟସ୍ୱଜନ ସହିତ ବନ୍ଧୁବାନ୍ଧବ ଉପସ୍ଥିତ ରହିଥିବା ବେଳେ ଗ୍ରାମ ପରିକ୍ରମା କରାଯାଇ ଶ୍ମଶାନରେ ଅନ୍ତେଷ୍ଟି ସମ୍ପନ୍ନ କରାଯାଇଥିଲା।ଭାରତୀୟ ନୌସେନାରେ କାର୍ଯ୍ୟରତ ପୁଅ ରଞ୍ଜିତ ଜେନା ମୁଖାଗ୍ନି ଦେଇଥିଲେ।

# ଜଙ୍ଗଲୀଜନ୍ତୁଙ୍କ ଦେହାବଶେଷ ଉଦ୍ଧାର: ଦୁଇ ଶିକାରୀ ଗିରଫ ସହ କୋର୍ଟ ଚାଲାଣ

ନୀଳଗିରି , ୩/୨ (ନି.ପ୍ର): କୁଲଡିହା ବନବିଭାଗ ଦ୍ୱାରା ବାରମ୍ବାର ଚଢ଼ାଉ ଜାରିରହିଥିବା ବେଳେ ଅଧିକାଂଶ ସମୟରେ ଶିକାରୀ ଧରାପଡ଼ିବା ଏବଂ ଗିରଫହେବା ସାମ୍ନାକୁ ଆସିଛି। ଗତ ଜାନୁଆରୀ ୨୨ତାରିଖ ୧୭କେ ୨୦୨୫/ ୨୬ଅନୁଯାୟୀ ପୁଣି ଦୁଇଶିକାରୀଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ସେମାନଙ୍କ ନିକଟରୁ ଗୋଟିଏ ହରିଣ ଶିଙ୍ଗ,ଜଙ୍ଗଲି ବାରହା ର ୪ଟିଦାନ୍ତ, ଦୁଇଟି ମୋବାଇଲ ଏବଂ ଗୋଟିଏ ଜୀବନ୍ତ ପକ୍ଷୀ ଉଦ୍ଧାର କରିଥିବା ସୂଚନା ମିଳିଛି। ତେବେ ଏହି ଘଟଣାରେ ମୋଟ ୫ଜଣକୁ ଗିରଫ କରାଯାଇଥିବା କୁଲଡ଼ିହା ରେଞ୍ଜ ଅଧିକାରୀ ସୂଚନା ଦେଇଛନ୍ତି।

# ୧୦ଜଣ ବାଂଲାଦେଶୀଙ୍କୁ ୨ବର୍ଷ ସଜା ଶୁଣାଇଲେ କୋର୍ଟ

ଭୁବନେଶ୍ୱର, ୩/୨ (ନି.ପ୍ର): ପ୍ରଥମ ଥର ପାଇଁ ଓଡ଼ିଶାରେ ବାଂଲାଦେଶ ଅନୁପ୍ରବେଶ କାରୀଙ୍କ ବିରୋଧରେ ସଜା ଶୁଣାଇଛନ୍ତି କୋର୍ଟ। ଭୁବନେଶ୍ୱର ରେଲୱେ ଷ୍ଟେସନରୁ ଗିରଫ ହୋଇଥିବା ୧୦ ଜଣ ବାଂଲାଦେଶୀ କୋର୍ଟ ୨ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହାସହ ୧୦ହଜାର ଟଙ୍କା ଜୋରିମାନା ଏବଂ ଜୋରିମାନା ଅନାଦେୟ ୩ମାସ ଅଧିକ ସଶ୍ରମ କାରାଦଣ୍ଡା ଦେଶ ଶୁଣାଇଛନ୍ତି କୋର୍ଟ। ୬ଜଣ ସାକ୍ଷୀ ଏବଂ ଦସ୍ତାବିଜ ଆଧାରରେ କୋର୍ଟ ଶୁଣାଣି କରିଛନ୍ତି।

# କବି କାଳୀପଦ ପଣ୍ଡା ଫକୀରମୋହନ ବିଶ୍ୱବିଦ୍ୟାଳୟର ଦ୍ୱାଦଶ ସମାବର୍ତ୍ତନ ଉତ୍ସବରେ ପାଇଲେ ଡ଼କ୍ଟରିଏଟ ଉପାଧି




ବାଲେଶ୍ୱର , ୩/୨ (ନି.ପ୍ର): ଆଜି ବହୁ ପ୍ରତୀକ୍ଷିତ ଫକୀରମୋହନ ବିଶ୍ୱବିଦ୍ୟାଳୟର ଦ୍ୱାଦଶ ସମାବର୍ତ୍ତନ ଉତ୍ସବ ଅନୁଷ୍ଠିତ ହୋଇଥିଲା ବେଳେ ଏହି ଉତ୍ସବରେ କବି ତଥା ବିଶିଷ୍ଟ ପ୍ରକାଶକ କାଳୀପଦ ପଣ୍ଡା ନିଜର ଗବେଷଣା ନିବନ୍ଧ ପାଇଁ ଡ଼କ୍ଟରିଏଟ ଉପାଧି ହାସଲ କରିଛନ୍ତି। ଦୀର୍ଘ ୪୦ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ନିରବଚ୍ଛିନ୍ନ ସାହିତ୍ୟ ସାଧନାରେ ନିମଗ୍ନ ଶ୍ରୀ ପଣ୍ଡା ୧୩ଖଣ୍ଡ ମୌଳିକ ପୁସ୍ତକ ସହ ଶତାଧିକ ସଙ୍କଳନର ସମ୍ପାଦନା କରିଥିଲାବେଳେ ୯୦୦ରୁ ଅଧିକ ବହି ନିଜର ସୁବର୍ଣ୍ଣଶ୍ରୀ ପ୍ରକାଶିନୀ ଦ୍ୱାରା ପ୍ରକାଶିତ କରି ସମଗ୍ର ଓଡ଼ିଶାରେ ଖୁବ୍ ସୁପରିଚିତ। ଜଣେ ବାଗ୍ମ ବକ୍ତା ଭାବେ ସାରା ଓଡ଼ିଶାରେ ତାଙ୍କର ଯଶ ଖ୍ୟାତି ରହିଛି। ସେ ସାତକଡି ହୋତାଙ୍କ ଉପନ୍ୟାସରେ ସାମାଜିକ ଓ ରାଜନୀତିକ ଚିତ୍ର ଶୀର୍ଷକରେ ଗବେଷଣା କରିଥିଲେ। ତାଙ୍କର ଏହି ସଫଳତା ପାଇଁ ସାରା ଜିଲ୍ଲା ସମେତ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ତାଙ୍କୁ ବହୁ ବ୍ୟକ୍ତି ଶୁଭେଚ୍ଛା ଜଣାଇଛନ୍ତି।

# ଲାଗୁ ହେଲା ନୂଆ ଖଣିଜ ନିୟମ: ନିଲାମ ନୁହେଁ ଇ-ଲଟେରୀରେ ମିଳିବ ବାଲି ଓ ପଥର ଖଣି ଲିଜ୍

ଭୁବନେଶ୍ୱର, ୩/୨ (ନି.ପ୍ର): ଲାଗୁ ହେଲା ନୂଆ ଖଣିଜ ନିୟମ। ଏଣିକି ନିଲାମ ନୁହେଁ ଇ-ଲଟେରୀରେ ମିଳିବ ବାଲି ଓ ପଥର ଖଣି ଲିଜ୍ । ଏମଏସପି ଧାର୍ଯ୍ୟ କରିବେ ସରକାର । ଖଣି ମାଫିଆଙ୍କ ଉପରେ ଲାଗିଲା ଅଙ୍କୁଶ । ଏଣିକି ଲିଜ୍ ପାଇଁ ଇ-ନିଲାମ ନୁହେଁ ଇ-ଲଟେରୀ । ନୂଆ ଗାଇଡଲାଇନ୍ ଅନୁସାରେ, ଏକଚାଟିଆ କାରବାର ବା କାର୍ଟେଲାଇଜେସନ୍ ରୋକିବା ପାଇଁ ସରକାର ଇ-ଅକ୍ସନ ବା ନିଲାମ ବନ୍ଦ କରି ଇ-ଲଟେରୀ ବ୍ୟବସ୍ଥା ଆରମ୍ଭ କରିଛନ୍ତି । ଲଘୁ ଖଣିଜ ସମ୍ପଦର ଲିଜ୍ ପାଇଁ ନିଲାମ ଡକା ହେବ ନାହିଁ, ବରଂ ସରକାରଙ୍କ ଦ୍ୱାରା ଧାର୍ଯ୍ୟ ସ୍ଥିର ଅତିରିକ୍ତ ଚାର୍ଜରେ ଇ-ଲଟେରୀ ମାଧ୍ୟମରେ ଯୋଗ୍ୟ ବ୍ୟକ୍ତିଙ୍କୁ ଚୟନ କରାଯିବ । ଆବେଦନକାରୀଙ୍କୁ ଏମଏସଟିସି ପୋର୍ଟାଲରେ 'ଫର୍ମ-ସି'ରେ ଅନଲାଇନରେ ଆବେଦନ କରିବାକୁ ପଡ଼ିବ । ୧୦ହଜାର ଟଙ୍କା ଅଣଫେରସ୍ତ ଆବେଦନ ଫିଦ' ଜମା ସହ ୧୦% ଅମାନତ ରାଶି (ଇଏମଡି) ଜମା କରିବାକୁ ପଡ଼ିବ । ଆବେଦନ ସହିତ ପରିବାରର ସମସ୍ତ ସଦସ୍ୟଙ୍କ ନାମ ଥିବା ଏକ ସତ୍ୟପାଠ ଦାଖଲ କରିବା ବାଧ୍ୟତାମୂଳକ । ପ୍ରତ୍ୟେକ ଆବେଦନର ସୂକ୍ଷ୍ମ ଯାଂଚ ପାଇଁ ଏକ ଜିଲ୍ଲାସ୍ତରୀୟ ଟେକ୍ନିକାଲ୍ ଯାଂଚ କମିଟି ଗଠନ କରାଯାଇଛି । ସଂପୂର୍ଣ୍ଣ ପ୍ରକ୍ରିୟାକୁ ଡିଜିଟାଲ୍ କରାଯାଇଥିବାରୁ ଏଥିରେ କୌଣସି ହେରଫେର ମଧ ହୋଇପାରିବ ନାହିଁ ।

# ଭାରତ-ଆମେରିକା ମଧ୍ୟରେ ଟ୍ରେଡ ଡିଲ୍ ଉପରେ ମାୟାବତୀ ଦେଲେ ପ୍ରତିକ୍ରିୟା

ଲକ୍ଷ୍ନୌ, ୩/୨ : ଆମେରିକା ଭାରତୀୟ ଉତ୍ପାଦ ଉପରେ ଲଗାଇଥିବା ପାରସ୍ପରିକ ଟାରିଫକୁ ୨୫ ପ୍ରତିଶତରୁ ହ୍ରାସ କରି ୧୮ ପ୍ରତିଶତ କରିଦିଆ ଯାଇଛି। ଏହାକୁ ନେଇ ବହୁଜନ ସମାଜ ପାର୍ଟି(ବସପା)ର ରାଷ୍ଟ୍ରୀୟ ଅଧକ୍ଷ ମାୟାବତୀ ନିଜର ପ୍ରତିକ୍ରିୟା ଦେଇଛନ୍ତି। ବସପା ପ୍ରମୁଖ ସୋସିଆଲ ମିଡିଆର ଅଧିକାରୀ ଆକାଉଂଟ ଏକ୍ସରେ ପୋଷ୍ଟ କରିଛନ୍ତି। ସେ ଲେଖିଛନ୍ତି ଯେ ଭାରତ ଏବଂ ଆମେରିକା ମଧ୍ୟରେ ଅନେକ ସର୍ତ ସହିତ ନିଜ ମଧ୍ୟରେ ବୁଝାମଣା ପରେ ଆମେରିକା ୧୮ ପ୍ରତିଶତ ଟାରିଫ ଲଗାଯିବା ଖବର କେତେ ଦେଶର ଏବଂ ଜନହିତରେ। ଏହା ସମ୍ବନ୍ଧରେ ସମୁଚିତ ସୂଚନା ଆଭାବରେ ତତ୍କାଳ କୌଣସି ଆକଳନ କରିବା ଶୀଘ୍ରତା ହେବ। କାହିଁକିନା ଏହା ଉପରେ ଅମଳ ହେବା ପରେ ଏହା ପ୍ରକୃତରେ ଜଣାପଡ଼ିବ ଯେ ଏଥିରେ ଦେଶର ବିଶେଷ ଭାବେ ବହୁଜନ, ଗରିବ, ଶ୍ରମିକ, କୃଷକ ଏବଂ ମହିଳାମାନଙ୍କର କ'ଣ ଭଲ ହେବ।

# ସ୍ୱଚ୍ଛତା କ୍ଷେତ୍ରରେ ପାରାଦୀପ ବନ୍ଦରକୁ ସଫଳତା

## ସ୍ୱଚ୍ଛତା ପକ୍ଷ ସମ୍ମାନ-୨୦୨୫ରେ ପ୍ରଥମ ପୁରସ୍କାର

ପାରାଦୀପ, ୩/୨ (ନି.ପ୍ର): ପାରାଦୀପ ବନ୍ଦର ପଣ୍ୟ କାରବାର କ୍ଷେତ୍ରରେ କ୍ରମାଗତ ଭାବେ ପ୍ରଥମ ସ୍ଥାନ ଅଧିକାର କରି ଆସୁଥିବା ବେଳେ ସ୍ୱଚ୍ଛତା ପକ୍ଷ ପାଳନ କରିବା କ୍ଷେତ୍ରରେ ପାରାଦୀପ ବନ୍ଦରକୁ ମିଳିଛି ବିରାଟ ସଫଳତା । ଭାରତ ସରକାରଙ୍କ ବନ୍ଦର, ଜାହାଜ ଚଳାଚଳ ଓ ଜଳମାର୍ଗ ମନ୍ତ୍ରଣାଳୟ ପକ୍ଷରୁ ସ୍ୱଚ୍ଛତା ପକ୍ଷ ପାଳନ କରିବାରେ ଶ୍ରେଷ୍ଠତା ପ୍ରଦର୍ଶନ ପାଇଁ ପ୍ରଥମ ସ୍ଥାନ ଅଧିକାର କରିଥିବାରୁ ପୁରସ୍କୃତ କରାଯାଇଛି । କେନ୍ଦ୍ରମନ୍ତ୍ରୀ ସର୍ବାନନ୍ଦ ସୋନୋଓାଲ ବିଭାଗୀୟ ରାଷ୍ଟ୍ରମନ୍ତ୍ରୀ ଶାନ୍ତନୁ ଠାକୁର, ବିଭାଗୀୟ ସଚୀବ ବିଜୟ କୁମାରଙ୍କ ଉପସ୍ଥିତିତରେ ଏହି ପୁରସ୍କାର ପାରାଦୀପ ବନ୍ଦର ପକ୍ଷରୁ ଅଧକ୍ଷ ପି.ଏଲ.ହରନାଦଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି । ମଙ୍ଗଳବାର ଦିନ ନୂଆଦିଲ୍ଲୀଠାରେ ଅନୁଷ୍ଠିତ ଏକ ସମାରୋହରେ ପାରାଦୀପ ବନ୍ଦର ଅଧକ୍ଷ ଶ୍ରୀ ହରନାଦ ଏହି ପୁରସ୍କାର ଗ୍ରହଣ କରିଛନ୍ତି । ସ୍ୱଚ୍ଛତା ପକ୍ଷ-୨୦୨୫ ଓ ସ୍ୱଚ୍ଛଗତା ହି ସେବା-୨୦୨୫ ମାଧ୍ୟମରେ ବନ୍ଦର ସହରକୁ ସ୍ୱଚ୍ଛ ରଖିବା ପାଇଁ ପାରାଦୀପ ବନ୍ଦର କର୍ତ୍ତୃପକ୍ଷଙ୍କ ଉଦ୍ୟମ ପ୍ରଶଂସନୀୟ । ସ୍ୱଚ୍ଛ ଭାରତ ଅଭିଯାନ କ୍ଷେତ୍ରରେ ପାରାଦୀପ ବନ୍ଦର ଆଶାତୀତ ସଫଳତା ହାସଲ କରିବା ସହିତ ସ୍ୱଚ୍ଛତା ପକ୍ଷ, ଜନ ଭାଗିଦାରୀ ଓ ଏକ ପେଡ୍ ମାଆ କି ନାମ ଓ ସଫେଇ ମିତ୍ର ସୁରକ୍ଷା ଦିଗରେ ଉଲ୍ଲେଖନୀୟ କାର୍ଯ୍ୟ କରିଛି । ପାରାଦୀପ ବନ୍ଦରାଞ୍ଚଳ, ବିଭିନ୍ନ ଦେବାଳୟ, ପୁଷ୍କରିଣୀ ସଫେଇ ଆଦି କାର୍ଯ୍ୟ କରିପାରିଛି । ଏକ ପେଡ୍ ମାଆ କି ନାମ୍ ୨.୦କାର୍ଯ୍ୟକ୍ରମ ଅଧିନରେ ୪୦ହଜାର ବୃକ୍ଷରୋପଣ କରାଯାଇଛି । ପ୍ଲାଷ୍ଟିକ ମୁକ୍ତ ଭାରତ ଅଭିଯାନରେ ଭାରତ ସରକାରଙ୍କ ସ୍ୱଚ୍ଛ ଭାରତ ଅଭିଯାନରେ ସଚେତନତା ସୃଷ୍ଟି କାର୍ଯ୍ୟ ସହିତ ରକ୍ତ ଦାନ ଶିବିର, ପ୍ରଶାସନିକ ଭବନର ନବୀକରଣ କାର୍ଯ୍ୟ ବନ୍ଦର ପ୍ରଶାସନ ପକ୍ଷରୁ କରାଯାଇଛି । ସାମଗ୍ରୀକ ସହଯୋଗରେ ପାରାଦୀପ ବନ୍ଦର ସହରକୁ ସ୍ୱଚ୍ଛ ରଖିବା ଦିଗରେ ପାରାଦୀପ ବନ୍ଦରକୁ ଏହି ସଫଳତା ମିଳିଛି ବୋଲି ଅଧକ୍ଷ ଶ୍ରୀ ହରନାଦ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି । ଏହା ପାରାଦୀପ ବନ୍ଦର ପାଇଁ ଏକ ଗର୍ବ ଓ ଗୌରବର ବିଷୟ ବୋଲି ସେ କହିଛନ୍ତି । ବିଭାଗ ପକ୍ଷରୁ ସମସ୍ତ ବନ୍ଦର ଏନଂ ନୌବାଣିଜ୍ୟିକ ସଂସ୍ଥାମାନେ ସମଗ୍ର ଦେଶରେ ସ୍ୱଚ୍ଛାତାକୁ ଗୁରୁତ୍ୱ ଦେଉଛନ୍ତି । ପାରାଦୀପ ବନ୍ଦର ଏହାର ନେତୃତ୍ୱରେ ସ୍ୱଚ୍ଛ ଭାରତ ମିଶନକୁ ସଫଳ କରିପାରିଛି।

# ଜାତୀୟ ସଡ଼କ ସୁରକ୍ଷା ମାସର ଉଦ୍ଯାପନ ଉତ୍ସବ




ଉଦଳା, ୩/୨ (ନି.ପ୍ର): ସ୍ଥାନୀୟ ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟର +୨ ଓ +୩ରେ ଥିବା ଜାତୀୟ ସେବା ଯୋଜନା, ୟୁବରେଡ଼କ୍ରସ ଏବଂ ରେଂଜର୍ସ ବିଭାଗ ତରଫରୁ ମିଳିତ ଭାବରେ ଜାତୀୟ ସଡ଼କ ସୁରକ୍ଷା ମାସର ଉଦଯାପନ ଉତ୍ସବ ପାଳିତ ହୋଇ ଯାଇଛି । ଏହି ଅବସରରେ ସାଧାରଣ ସଭା, ଶୋଭାଯାତ୍ରା ଓ ପ୍ରଚାରପତ୍ର ବଂଟନର ପର୍ବ ଅନୁଷ୍ଠିତ ହୋଇ ଯାଇଛି । ମହାବିଦ୍ୟାଳୟର ଅଧକ୍ଷ ଶଶିଭୂଷଣ ପାଣିଗ୍ରାହୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ସାଧାରଣ ସଭାରେ ଉଦଳା ଥାନାର ପୋଲିସ ଅଧିକାରୀ ମାନେ ଅତିଥି ଭାବରେ ଯୋଗ ଦେଇ ଟ୍ରାଫିକ ନିୟମ ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା କରିଥିଲେ । ଅଧାପିକା ମଂଜୁଳା କଲିଆ ପ୍ରତିବର୍ଷ ଜାନୁଆରି ମାସ ୧ ତାରିଖ ଠାରୁ ୩୧ ତାରିଖ ପର୍ଯ୍ୟନ୍ତ ଗୋଟିଏ ମାସ ଧରି ଜାତୀୟ ସଡ଼କ ସୁରକ୍ଷା ଭାବରେ ପାଳନ କରାଯିବା ସହ ସଚେତନତାର ବାର୍ତା ବଂଟାଯାଇଥାଏ ବୋଲି ସୂଚନା ପ୍ରଦାନ କରିଥିଲେ । ଏହାପରେ ଛାତ୍ରୀ ମାନେ ହାତରେ ସଡ଼କ ସୁରକ୍ଷାର ବାର୍ତା ଲେଖାଥିବା ପ୍ଲାକାର୍ଡ଼ ଧରି ଏକ ଶୋଭାଯାତ୍ରାରେ ଉଦଳା ସହର ପରିକ୍ରମା କରିଥିଲେ । ଏହିସବୁ କାର୍ଯ୍ୟକ୍ରମକୁ ସଫଳ କରିବାରେ ଅଧାପିକା ମେରିନା ପଣ୍ଡା, ଲକ୍ଷ୍ମୀପ୍ରିୟା ସାମଲ, ଶାନ୍ତିଲତା ହାଁସଦା, ଅଧାପକ ଗିରିଜା ଶଙ୍କର ପାତ୍ର, ରାଜେଶ ମୁଦୁଲି ଓ ଅଂଜନ କୁମାର ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା।

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida